# ସୁବର୍ଣ୍ଣା ଚିଲିକା

ଧର୍ମାନନ୍ଦ

ଲେଖାଲେଖି

**ସୁବର୍ଣ୍ଣ ଚିଲିକା** (କାବ୍ୟ) ■ କବି: **ଧର୍ମାନନ୍ଦ,** ଚଉଦ୍ୱାର, କଟକ, ଫୋନ୍: ୯୬୯୨୩୨୧୨୦୭ ■ ପ୍ରଥମ ସଂସ୍କରଣ: **୨୦୧୪** ■ ପ୍ରକାଶକ: **ଲେଖାଲେଖି,** ବି.ଏଲ୍-୮, ଭି.ଏସ୍.ଏସ୍ ନଗର, ଭୁବନେଶ୍ୱର, ଫୋନ୍: ୯୯୩୭୪୭୬୧୭୩ ■ ପ୍ରଚ୍ଛଦ: **ବିମ୍ବାଧର କୁଅଁର** ■ ମୂଲ୍ୟ: ୮୦ ଟଙ୍କା

●●

**SUBARNA CHILIKA** ■ *Poetry* by **Dharmananda,** Choudwar, Cuttack, Phone: 9692321207 ■ 1st Edition: **2014** ■ Publisher: **Lekhalekhi,** BL-8, V.S.S Nagar, Bhubaneswar, Phone: 9937476173 ■ Cover Design: **Bimbadhar Kuanar** ■ Price: ₹ **80/-**

ମହାପ୍ରଭୁଙ୍କୁ..., ତାଙ୍କ ମାୟାକୁ, ତାଙ୍କ ପ୍ରେମକୁ, ପ୍ରାଣଘାତକ ପୀଡାକୁ, ଅହିଂସା ପ୍ରହାରକୁ ପ୍ରଣାମ, 'ଆଉ ହବୁନି' ଶବ୍ଦ ମହିମାକୁ ପ୍ରଣାମ, କୃପା କଟାକ୍ଷକୁ ପ୍ରଣାମ, 'ଦୟାକର କ୍ଷମାକର'ଏ ଶବ୍ଦଶରକୁ ପ୍ରଣାମ। ତାଙ୍କ ପାଦପଦ୍ମରେ ଶବ୍ଦଶିଳ୍ପୀର କୋଣାର୍କ, କୋଣାର୍କ ଶିଳ୍ପୀର ଶବ୍ଦ ସୁନ୍ଦର କଳାକୃତି "**ସୁବର୍ଣ୍ଣ ଚିଲିକା**" କାବ୍ୟର ଏ ସମର୍ପଣ ।

ଭଲ ବହିଟିଏ ଜୀବନକୁ ମହିମାନ୍ୱିତ କରିଥାଏ, ମହା ଆନନ୍ଦ ଲାଗୁଥାଏ, ମହାସ୍ୱର୍ଗର ଆଲୋକ ଅମୃତ ବର୍ଷୁଥାଏ, ଧରାବତରଣକୁ ଧନ୍ୟ କରୁଥାଏ, ଗୋଟେ ବିଭୋର ପଣରେ ମାନବ ତନୁକୁ ମନକୁ ବିହ୍ୱଳ କରୁଥାଏ, ବାନ୍ଧି ରଖିଥାଏ ଅଜସ୍ର ସ୍ୱପ୍ନ ସମ୍ଭାବନାରେ, ଚିର ସବୁଜ ଆଶାର ପାଖୁଡ଼ା ପାଖୁଡ଼ା ପଦ୍ମ ଫୁଲରେ, ସିନ୍ଦୂରିତ ସୂର୍ଯ୍ୟ ସ୍ୱର୍ଣ୍ଣିମ ପ୍ରଭାତର ଐଶ୍ୱର୍ଯ୍ୟ ପ୍ରକାଶରେ – ମୁକ୍ତା ଶାମୁକା ପରି, ହୀରା ପଥର ପରି, ପହିଲି ପ୍ରୀତିର ଅଭୁଲା ପୁଲକ ପରି, ହଠାତ୍ ଦିନେ ସମୁଦ୍ର ପର୍ବତ ଦେଖି ସ୍ତମ୍ଭୀଭୂତ ହେଲାପରି, ମହାତୀର୍ଥରେ ପାଦ ଦେଉଦେଉ ଶରଧା ବାଲିରେ ଗଡ଼ିଗଲା ପରି, ମହାପୁଣ୍ୟର ମହିମ୍ନ ଅନୁଭବ ପରି। ପ୍ରଣାମ...।

ଏହି କାବ୍ୟ ଲେଖିବାପାଇଁ ଓଡ଼ିଆ ସାହିତ୍ୟ ଗନ୍ତାଘର ମଧ୍ୟରେ ସୌନ୍ଦର୍ଯ୍ୟ ପିପାସୁ ମୁଗ୍ଧ ଭାବୁକର ପ୍ରୀତିପୂର୍ଣ୍ଣ ଦୃଷ୍ଟିରେ ଓଡ଼ିଶାର ମାଟି ପ୍ରକୃତିକୁ ଦେଖିବାକୁ ଯିଏ ମୋତେ ଅନୁପ୍ରେରିତ କରିଥିଲେ ଚିଲିକା କାବ୍ୟର ରୂପ ବର୍ଣ୍ଣନାରେ, ନୀଳ ଲହରୀ, ଦୋଳାୟମାନ ପଦ୍ମାବତୀର କୃଷ୍ଣବେଣୀରେ, ନୀଳପର୍ବତର ଶୋଭାରେ, ନୀଳ ଆକାଶରେ ଧଳାମେଘର ରୋଷଣିରେ, ପ୍ରକୃତିରାଣୀର ରୂପ ପସରାରେ ମତେ ରୂପ ସୁଧାପାନ କରାଇଥିଲେ, ମୋ ଚେତନାରେ ଭାଷା ଆଉ ଶବ୍ଦର କୁହୁକ ଛୁଆଁଇଥିଲେ – ସେହି ସ୍ନେହ କାଙ୍ଗାଳ, ଛାତ୍ରବତ୍ସଳ, ଦୟାଶୀଳ, ଦରଦୀ କବିପ୍ରାଣ ପ୍ରାଣୋଚ୍ଛଳ ଓଡ଼ିଆ ଅଧ୍ୟାପକ, ମୋ ପ୍ରାଣର ପରମ ପୂଜ୍ୟ ଗୁରୁ, ଦେବତା ଶ୍ରୀଯୁକ୍ତ ଅଶୋକ କୁମାର ମହାନ୍ତିଙ୍କୁ ମୋର ସୃଜନୀ ପ୍ରାଣର ନମ୍ର ପ୍ରଣାମ, କୋଟି କୋଟି ପ୍ରଣାମ। ଯାହାଙ୍କ ପାଦତଳର ମାଟି ମୋ ପାଇଁ ମହାତୀର୍ଥ । ପ୍ରଣାମ...।

**– ଧର୍ମାନନ୍ଦ**

# ସୁବର୍ଣ୍ଣା ଚିଲିକା

ପ୍ରେୟସୀ ଚିଲିକା ନୀଳ ପଣତରେ
        ପ୍ରୀତିସ୍ନାତ କ୍ଷଣେ  ପ୍ରଣୟ ପ୍ରୟାସୀ କବି।
ପ୍ରୀତି ଆତିଥ୍ୟରେ ଆନନ୍ଦ ବିଭୋର
        ଅନୁରାଗମୟ   ପ୍ରୀତିସ୍ୱଦା ପ୍ରୀତି ଲଭି ।।୧
ଲାବଣ୍ୟ ନାୟିକା ଚିଲିକା ପ୍ରେମିକା
        ପ୍ରେମିକା ଚିଲିକା  ଐଶ୍ୱର୍ଯ୍ୟା ସୁନ୍ଦରୀ ପରି ।
ହୃଦୟ ସୁନ୍ଦର ସ୍ୱର୍ଗୀୟ ସୁଷମା
        ଅମୃତ ଦେଇଛି ପ୍ରୀତିରେ ବିଭୋର କରି ।।୨
ମାନସୀ ମୋହର ଅଛା ମଜା କରି
        କହୁଥିଲା ଯେବେ "ରାଧାନାଥ କୋବି କୋବି" ।
ମାନସ ରାଇଜେ ଭାସି ବୁଲୁଥିଲା
        ଭୁବନ ମୋହିନୀ ନୀଳ ନୟନାର ଛବି ।।୩
ଆହା'କି ସୁନ୍ଦର ଦିବ୍ୟ ତନୁକାନ୍ତି
        ସୁଷମା ମଣ୍ଡିତ ଲାବଣ୍ୟର ଗନ୍ତାଘର।
ନାରୀରତ୍ନ ମୋର ପ୍ରୀତିରତ୍ନ ହାର
        ଧନ୍ୟ ଏ ଜୀବନ ପ୍ରୀତି ଯା'ର ରତ୍ନ ସାର।।୪
ପ୍ରୀତିରେ ପ୍ରୀତିରେ ଶୁଣୁଥିଲା ଯେବେ
        ଗୀତିମୁଗ୍ଧା ହୋଇ ବିଭୋର କବିର ଗୀତ।
ଝରା ଶ୍ରାବଣର ପ୍ରୀତିଧାରା ଅବା
        ଦେହହାତ ଛୁଇଁ ଝରୁଥିଲା ଅବିରତ ।।୫

ନୀଳପରୀ ପରି ଲାବଣ୍ୟ କୋମଳ
ନରମ ନରମ ଆଖିର ଅଳସ ଠାଣି ।
କେବେ ରାଧାନାଥ କୋବି କୋବି ବୋଲି
କହୁଥିଲା ଯେବେ ହୃଦୟ ରାଇଜ ରାଣୀ ।।୬
ପ୍ରଣୟ ରାଗରେ ମୁଗ୍ଧ ବିଷାଦରେ
ଫୁଟିଥିଲା ମୋର ପ୍ରୀତି କବିତାର କଳି ।
ପରମ ପ୍ରୀତିରେ ପାଖୁଡା ପାଖୁଡା
ଫୁଲହୋଇ ତାର ଚରଣେ ଦେଇଛି ଢାଳି ।।୭
ମୁଁ ତ ଅକି ନ ଦୀନହୀନ ନ୍ୟୂନ
କିପରି ହୋଇବି ତାର ସ୍ନେହପ୍ରେମ ଯୋଗ୍ୟ ?୮
ଏଇ ଜନମରେ ତା'ପ୍ରୀତି ସାଗର
ଅମୃତ କଣିକା ଲଭିଛି ପରମ ଭାଗ୍ୟ ।।୯
ମାଟି ଦେହ ମୋର ମାଟିରେ ମିଶିବ
ପଞ୍ଚଭୂତ ପୂତ ଅନଳେ ଜଳିବ ଯେବେ ।
ମର ଦେହ ମୋର ଶ୍ମଶାନ ଗ୍ରାସିବ
ମହାକାଳ ମହା ଆନନ୍ଦେ ନାଚିବ ଭବେ ।।୧୦
କେତେ ନିନ୍ଦା ଗାଳି ଯାତନା ସହିକି
ନୀରବ ରହିଲା କବିପ୍ରିୟା ଭାଗ୍ୟ ଭାବି ।
ରାଧାନାଥ ବୋଲି ଯେତକ ଲାଞ୍ଛନା
ଭୋଗିବାକୁ ଥିଲା ଶୁଣିଲା ଛାର ଏ କବି ।।୧୧
କିପରି ଶୁଝିବି ତୁମ ପ୍ରୀତି ଋଣ ?
ମୁଁ ଯେ ନିଦାରୁଣ ନିଇତି ନିୟତି ଭାବି ।
କାଳଜୟୀ କଳାଶକ୍ତି ସୃଜନୀରେ
ଧନ୍ୟହେଉ ପ୍ରାଣ ଉତ୍କଳ ଭାରତୀ ସେବି ।।୧୨
ଧନ୍ୟ ଲୋ ଚିଲିକା ଦେଖିଛି ତୋ ରୂପ
ବିଭବ ରାଇଜ ଦିବ୍ୟା ମହୋଦଧି ଭେଦି ।
ତୋର ଲାଜନୀଳ ଲାବଣ୍ୟ ନୀଳିମା
ଲୋଭନୀୟ ତନୁ ତରଙ୍ଗେ ବିହଙ୍ଗ ଖେଦି ।।୧୩



ନୀଳ ଆକାଶରୁ ଖସି ତୁ ପଡିଛୁ
ନୀଳପଦ୍ମ ନୀଳ ପାଖୁଡା କେଶର ଖୋଲି ।
ରୂପ ଗନ୍ତାଘରେ ଅପୂର୍ବା କିଶୋରୀ
ବସିଛୁ ସଗର୍ବେ ଶୋଭାର ପସରା ମେଲି ।।୧୪
ତୋ ରୂପ ଅନଳେ କେତେ କେତେ କବି
ଭାବୁକ ପ୍ରେମିକ ଦେଇଛନ୍ତି ଆତ୍ମଝାସ ।
କେଉଁ ଗୁଣେ ମୁଗ୍ଧା କବିବର କବି
ପ୍ରୀତି ସୋହାଗିନୀ ହୃଦୟେ ଦେଇଛୁ ବାସ ।।୧୫
ଦେବାଙ୍ଗନା ମିଳି କରୁଥିଲେ କେଳି
ମନ୍ଦାକିନୀ ଜଳେ ମଦମତ ଗର୍ବ ବହି ।
ତାଙ୍କ ସୁଷମାକୁ ନିନ୍ଦୁଥିଲା ତୋର
ଅନିନ୍ଦ୍ୟ ନୀଳିମା ହସୁଥିଲେ ବସି ବିହି ।।୧୬
ଈର୍ଷା ଅନଳରେ ଜଳିଥିଲେ ସର୍ବେ
ବିହି ଅପମାନ ପ୍ରତିଶୋଧ ନେବାପାଇଁ ।
ବିଶ୍ୱସ୍ରଷ୍ଟା ବ୍ରହ୍ମା ଦୁଆରେ ଧାରଣା
ଦେଇଥିଲେ ମିଳି କ୍ଷୁଧାତୃଷ୍ଣା କଷ୍ଟ ସହି ।।୧୭
ଆହେ ଦେବାଙ୍ଗନା ଅମୃତ ଲଳନା
କି ଆଶାରେ ମୋର କରୁଛ ମିଳିଣଧ୍ୟାନ ?
ଯାହା କହିବ ମୁଁ ଭାଙ୍ଗି ଗଢ଼ିଦେବି
ଦୁଃଖ କରନାହିଁ କୁହ ମନକଥା ମାନ ।।୧୮
ଏକ ସ୍ୱରେ ସର୍ବେ ଅହଙ୍କାର ଗର୍ବେ
ଖର୍ବ କରିବାକୁ ରୂପସୀ ଚିଲିକା ରୂପ ।
କହିଲେ ବିଧିକୁ ଫିଙ୍ଗିଲେ ଏହାକୁ
ଦୂର ସାଗରରେ ଭୁଲିବୁ ଏହାର ଶୋକ ।।୧୯
ନୈସର୍ଗିକ ନୀଳ ଲାବଣ୍ୟ କମଳ
ପ୍ରଭା ମଣ୍ଡଳରେ ଦିଗଭାଗ ସମୁଜ୍ଜ୍ୱଳ ।
ନୀଳ ଗଗନରୁ ନୀଳପରୀ ପରି
ଆସନ୍ତେ ଓହ୍ଲାଇ ଦିଗାଙ୍ଗନା ଅସମ୍ଭାଳ ।।୨୦

ଅନିନ୍ଦ୍ୟ ସୁନ୍ଦରୀ ଶୋଭା ସମ୍ଭାରରେ
ସ୍ତମ୍ଭୀଭୂତ ସର୍ବେ ଭାଙ୍ଗି ନିଜ ରୂପ ଗର୍ବ।
ରାଗ ଅହଙ୍କାରେ କି କଲୁ କି କଲୁ
ଆମ ଲାଗି ରୂପ ରନ୍ ହରାଇଲା ସ୍ୱର୍ଗ ?୨୧
ନୀଳ ଜଳଧାରା ସ୍ରୋତସ୍ୱିନୀ ପ୍ରାୟ
ପଡିଲା ଉଚ୍ଛୁଳି ଶ୍ରୀକ୍ଷେତ୍ର ସାଗର କୂଳେ।
ବିଶ୍ୱ ଚିନ୍ତାମଣୀ ଚରଣ ବନ୍ଦନା
କରିବାକୁ ନିତି ଅର୍ଘ୍ୟ ଥାଳି ପୁଷ୍ପମାଳେ ।।୨୨
ନୀଳ ନୟନାର ଲଳିତ ମୂର୍ଚ୍ଛନା
ଆଖିରେ ଓଠରେ ମଧୁ ମାଦକତା ଭରି।
ଚିର ନୃତ୍ୟରତା ଲାବଣ୍ୟ ନାୟିକା
ରୁପରଙ୍ଗ ଛନ୍ଦେ ନିଏ ଜନମନ ମୋହି ।।୨୩
ଶୁଦ୍ଧ ପୂତ ପ୍ରୀତ ପ୍ରଶାନ୍ତ ପ୍ରମତ
ସ୍ନିଗ୍ଧ ସୌକୁମାର୍ଯ୍ୟ ସୁକୁମାରୀ ମୁଖଶୋଭା।
ନୀଳଜ୍ୟୋତ୍ସ୍ନା ନୀଳ ଜୀମୁତ ଦୁକୂଳ
ଦିବ୍ୟ ଦେବୋପମ ଅପରୂପ ରୂପବିଭା ।।୨୪
ଚୁମ୍ବି ତୋ ଚିବୁକ ପିଉଥିଲି ପ୍ରାଣେ
ରମ୍ୟ ରୂପସୁଧା ମେଣ୍ଟିବାକୁ ରୂପ କ୍ଷୁଧା ।
ଭୁଲିବି ନାହିଁ ଗୋ ଆଲିଙ୍ଗନବଦ୍ଧ
ଆବଦ୍ଧ ହୃଦୟ ସମର୍ପିତ ସ୍ନେହଶ୍ରଦ୍ଧା ।।୨୫
ଲାବଣ୍ୟମଣ୍ଡଳ ସୌମ୍ୟ ସ୍ନିଗ୍ଧ ସୁଧା
ସରଗ ସମ୍ପଦ ନୀଳ ନୀଳ ଘନନୀଳ।
କର କମଳରେ ପିଅନ୍ତେ ପ୍ରୀତିରେ
ଫେନୀଳ ଯୌବନ ସ୍ପର୍ଶାତୁର ଅସମ୍ଭାଳ ।।୨୬
ରୂପେ ମହୋଦଧି କେତେ ଗିରି ନଦୀ
ତୋ ପ୍ରୀତି ଆଶାରେ ଦେଇଛନ୍ତି ଆତ୍ମଶ୍ୱାସ।
ଅତିଥି ପରାୟ ପ୍ରୀତି ହୃଦୟରେ
ଦେଇଛୁ ସ୍ୱୀକୃତି ଧନ୍ୟ ତୋର ରୂପ ଯଶ ।।୨୭



ସଙ୍ଗୀତ ମୁଖର ସ୍ନିଗ୍ଧ ସୁମଧୁର
ନୀଳ ବକ୍ଷ ତୋର ବିଚିମାଳା ବାଳା ସୁରେ।
ଅନନ୍ତ ରହସ୍ୟ କରି ଉନ୍ମୋଚିତ
ନାଚୁଛନ୍ତି ତୋର ସୌମ୍ୟ ଶାନ୍ତ ରମ୍ୟ ତୀରେ ।।୨୮
ନୀଳ ଜଳେ ଦେଖି ରୂପଶ୍ରୀ ମୁଖଶ୍ରୀ
ଦିଗାଙ୍ଗନା ଦୂରେ ଲୁଚାନ୍ତି ବଦନ କରେ।
ଅମା ଅବସାନେ ରୂପ ଅଭିମାନେ
ସର୍ବେ ସ୍ୱର୍ଗପୁରେ ଲୁଚିଯାନ୍ତି ଖରତରେ ।।୨୯
ଶୋଲରୀ, ଭାଲେରୀ ଜଟିଆ ପାହାଡ
ମେଳେ ରମ୍ଭା,ନାସି ଖଣ୍ଡହଣା,ଘଣ୍ଟଶିଳା।
କାଳିଯାଇ ଗିରି କଙ୍କର ଶିଖର
ସବୁଜ ଶ୍ୟାମଳ ଶୋଭାର ଅଖଣ୍ଡ ଲୀଳା ।।୩୦
ଡାମ୍ଫୁ-ଭଣଜାର ମନଛୁଆଁ ଦୃଶ୍ୟ
ଦୂରେ ବହୁଦୂରେ ଦିଶେ କେତେ ମନୋହର।
ଚାରୁ ଚନ୍ଦ୍ରମୁଖୀ ଚପଳ ଛନ୍ଦରେ
ପିନ୍ଧୁଛୁ ସ୍ୱର୍ଗୀୟ ସୁଷମା ସମ୍ପଦ ହାର ।।୩୧
ପ୍ରୀତି ପର୍ବ ପାଳି ମହା ଆନନ୍ଦରେ
ଉଡନ୍ତେ ଚଢେଇ ଚଢ଼େଇହଗାର ଚୂଳେ।
କାହିଁ କାହିଁ ଦୂରୁ ଆସୁଛନ୍ତି ଉଡି
ପ୍ରୀତିଶକ୍ତି ବଳେ ଭାବୁଥାଇ କୌତୁହଳେ ?୩୨
ପୁଣ୍ୟତୋୟା ଦୟା ଭାର୍ଗବୀ ମିଳନେ
ଧନ୍ୟ ଲୋ ଚିଲିକା ଧନ୍ୟ ତୋର ପୁଣ୍ୟ'ଳ ।
ଶ୍ରୀକ୍ଷେତ୍ର ସଳିଳ ଏକାମ୍ରର ଜଳ
ଧାରଣେ ତୁ'ଦିବ୍ୟା ପୁଣ୍ୟତୀର୍ଥ ପୁଣ୍ୟଜଳ ।।୩୩
ବିଶ୍ୱହିତ ଲାଗି ବୃତାସୁର ବଦ୍ଧ
ଲାଗି ସେ ଜୀବନ ଦେଲେ ନିଜ ଅସ୍ଥିଦାନେ।
ମହାଦାନୀ ମହାତ୍ୟାଗୀ ଦୟାବୀର
ଦେଲେ ପ୍ରାଣଦାନ ଧନ୍ୟ କି ଉଦାର ମନେ ।।୩୪

ତାଙ୍କ ପୁଣ୍ୟ ପାଦଧୂଳି ଧୋଇ ଦୟା
ଦୟାର-ସାଗର ମିଶିଛି ତୋହରି ଜଳେ।
ଭୃଗୁମୁନି ସିଦ୍ଧି ଲଭିଲେ ଯା କୂଳେ
ତାର ପୁଣ୍ୟଜଳ ଲଭିଛୁ'ତୁ ଭାଗ୍ୟବଳେ ।।୩୫
ଚାରୁ ରନ୍‌ଚିରା ଗନ୍ଧବହ ସ୍ନେହ
ସାଲିଆ ସେବାରେ ପରିପୃଷ୍ଟ ପରିତୃପ୍ତ।
ଅପାଶୋରା ତୋର ପ୍ରୀତି ଆତିଥ୍ୟରେ
ପ୍ରୀତିତୀର୍ଥ ତୁହି ପ୍ରୀତିଦାନେ ପ୍ରୀତିସିକ୍ତ ।।୩୬
ପୁଣ୍ୟ ନୀଳାଚଳେ ଲିଙ୍ଗରାଜ ଧାମ
ତାରା ହରଚଣ୍ଡି ଭଗବତୀ ଚଣ୍ଡେଶ୍ୱର।
ସକଳ ତୀର୍ଥ ତୁ ଚଉପାଶେ ଲଭି
ଉତ୍କଳ ଭାରତୀ ତୀର୍ଥ ମଧ୍ୟେ ତୀର୍ଥେଶ୍ୱର ।।୩୭
ଉତ୍କଳ କମଳା ପ୍ରିୟ ଲୀଳାଭୂଇଁ
ସୁନୀଳ ଦିଗନ୍ତ ଇନ୍ଦ୍ରନୀଳକାନ୍ତି ନୀର ।
ଅନନ୍ତ ଐଶ୍ୱର୍ଯ୍ୟ ଭରା ବିଭବରେ
ସ୍ୱର୍ଗୀୟ ସୁରମ୍ୟ ଦୀପ୍ତ ନୀଳଚନ୍ଦ୍ର ହାର ।।୩୮
ନୀଳାମ୍ବର ତଳେ ନୀଳାମ୍ବୁ ନାୟିକା
ନୀଳଶୈଳ କୂଳେ ନିରବଧି ନୃତ୍ୟରତ।
କଙ୍କଣ କ୍ୱଣିତ ନୂପୁର ନିକ୍ୱଣ
ଶୁଣି ନୃତ୍ୟଶୀଳ ଆନନ୍ଦ ଉଲ୍ଲାସ ଚି ।।୩୯
ଦିଗଧାର ବ୍ୟାପୀ ଅଖଣ୍ଡ ନୀଳିମା
ନୀର ନିରୁପମ ତରଙ୍ଗେ ତାରୁଣ୍ୟ ଭରା।
ବିଶ୍ୱ ବିମୋହିନୀ ରୂପ ମହକରେ
ଆହ୍ଲାଦିନୀ ଶକ୍ତି ଦେଇଛି କି ବିଶ୍ୱେ ଧରା ।।୪୦
ପ୍ରୀତି କଲ୍ଲୋଳିନୀ ପ୍ରୀତି ପୀୟୂଷରେ
ରୋମାଞ୍ଚିତ କବି କଦମ୍ବିତ ବିଶ୍ୱଧାରା।
ପୀୟୂଷ ପ୍ରଭାବେ ବୈଦୁର୍ଯ୍ୟ ବିଭବେ
ବନଭୂମି ଦିଶେ ବ୍ୟୋମକେଶ ବିଶ୍ୱମ୍ବରା ।।୪୧

ନବଘନ ଶ୍ୟାମ ସୁନ୍ଦର ଶଇଳ
ଆସ୍ଫାଳନ ବାଢ଼ି ବସିଛନ୍ତି ସ୍ୱୟମ୍ବରେ।
ଜିଣିବାକୁ ତୋର ସୁନୀଳ କୋମଳ
ପ୍ରୀତି ହୃଦୟକୁ କଳୁଛନ୍ତି ପରସ୍ପରେ ।।୪୨
କପଟେ ଲୁଚାଇ କଠିନ ହୃଦୟ
ଗୁଳ୍ମଲତା ବୋଲି କରୁଛନ୍ତି ଅଭିନୟ।
ପ୍ରୀତି ଚାହାଣିରେ ଚୋରାଇ ନେବାକୁ
ଚାହିଁ ରହିଛନ୍ତି ସର୍ବେହୋଇ ଏକଲୟ ।।୪୩
ସେ କାହୁଁ ଜାଣିବେ ଚିରକୁମାରୀର
ପ୍ରଣୟ ବିଳାସ ଲୁବ୍ଧ ଲୋଭନୀୟ ଦେହ ?
ଅଚୁମ୍ବିତ ଆଖି ଓଠର ଇସାରା
ସମର୍ପିତ ପ୍ରୀତି ଅନନ୍ତ ଐଶ୍ୱର୍ଯ୍ୟମୟ ।।୪୪
ମୁନିଋଷି ଭଳି ଜଟାଜୁଟ ଭସ୍ମ
ବୋଲି କି ବିଭୋରେ କରୁଛନ୍ତି ବସିଧ୍ୟାନ।
ସରଗ ସୁନ୍ଦରୀ ସଙ୍ଗଲଭି ଚିର
ପାନ କରିବାକୁ ରୂପସୁଧା ରାତିଦିନ ।।୪୫
ନୀରଭେଦି ଶୈଳ ଉଠନ୍ତେ ସରଗେ
ବିସ୍ମିତ ବିଭୋର ଦେଖି ଲାସ୍ୟମୟୀ ଛଟା।
ଭୁବନ ମୋହିନୀ ରୂପ ଭୁବନରେ
ଭୁଲି ରହିଛନ୍ତି ହୋଇ ପ୍ରାଣପ୍ରିୟ ଗୋଟା ।।୪୬
ବୈଦୁର୍ଯ୍ୟବରଣା କୁସୁମିତ ହାସ
ସ୍ୱର ସୁଧାରସ ନୀଳ ନୀଳପଦ୍ମ ଆଖି।
ମାଧୁର୍ଯ୍ୟମଣ୍ଡିତ ମହାକାବ୍ୟକାନ୍ତି
କୁହୁକ ପରଶେ ଲଭିଛନ୍ତି ପ୍ରାଣସଖୀ ।।୪୭
ସନ୍ଧ୍ୟା ଆଗମନେ ସବିତା ସୁନ୍ଦରୀ
ତରତର ହୋଇ ଫେରନ୍ତେ ସରଗ ପଥେ।
ଧରିତ୍ରୀ ସୁନ୍ଦରୀ ସ୍ୱର୍ଣ୍ଣ ଆଭୁଷଣ
ଚୋରାଇ ନେଉଛି ସୁବର୍ଣ୍ଣ ବୋଇତ ରଥେ ।।୪୮

ଶୈଳଶ୍ରୀ କନ୍ଦରେ ଘନକୃଷ୍ଣ ଛାୟା
　　　　ରଚିଛି କି ଜଳେ ମହାଭୀତିପ୍ରଦ ମାୟା ।
ମୀନ ମାରିବାକୁ ଧାବନ୍ତେ ଧୀବର
　　　　ଭ୍ରମରେ ମାନସ ଦେଖି ଭୀମକାନ୍ତ କାୟା ।।୪୯
ଭେଳା ଭେଳା ମେଘ ମାଳା କି ମଞ୍ଜୁଳ
　　　　ରବି କରେ ରଙ୍ଗ ଅବିର ବୋଳନ୍ତି ଧୀରେ ।
ରାଜପୁତ୍ର ରାଜବଧୂ କି ବିଳାସେ
　　　　ସୁବର୍ଣ୍ଣ ବୋଇତେ ବୁଲୁଛନ୍ତି ତୋର ତୀରେ ।।୫୦
ଶୁଭ୍ର ଶରତର ଶୋଭାରେ ଭାସ୍ୱର
　　　　ତୀରଭୂମି ତୋର ସୁଶୋଭିତ ସୁଶ୍ୟାମଳ ।
କ୍ଷେତରେ କ୍ଷେତରେ ସବୁଜ ସମ୍ଭାର
　　　　ବନ ବିଥିକାରେ ନାନାବିଧି ପୁଷ୍ପ ଫଳ ।।୫୧
ବର ଓସ୍ତ ଜାମୁ ପଣସ ରସାଳ
　　　　ନାରିକେଳ କୁଞ୍ଜେ ସମୀର ଗାଉଛି ଗୀତ ।
ଚିର ସବୁଜିମା ପଣତେ ପ୍ରାଚୁର୍ଯ୍ୟ
　　　　ଲୋଟି କି ପଡିଛି ଚୋରାଇ ନେବାକୁ ଚି ।।୫୨
ଛବିଳ ଉତ୍କଳେ ତୋ ଛବି ଅତୁଳ
　　　　ଅତୁଳ ସୁଷମା ଅତୁଳ ଐଶ୍ୱର୍ଯ୍ୟ ବହି ।
କେତେ ଯତନରେ ରମ୍ୟ ରତନରେ
　　　　ପ୍ରୀତି ଅନୁରାଗେ ଗଢ଼ିଛନ୍ତି ବସି ବିହି ।।୫୩
ନୀଳ ଚନ୍ଦନରେ ବୋଳା ତୋ ବଦନ
　　　　ବନ ବିହଗରେ ରମଣୀୟ ଅଙ୍କସ୍ଥଳ ।
ପାହାଡ ଚୂଡାରୁ ଘନକୃଷ୍ଣ କେଶ
　　　　ଲୋଳିତ ଲମ୍ବିତ ଚୁମ୍ବିବାକୁ ନୀଳଜଳ ।।୫୪
ସାୟାହ୍ନ କାଳରେ ସ୍ୱର୍ଣ୍ଣିମ ଆଭାରେ
　　　　ଅନାବୃତ ତନୁବଲ୍ଲରୀ ବିଭବ ବେଶ ।
ହେମଗୌର ସ୍ତନ ମଣ୍ଡଳେ ମଣ୍ଡିତ
　　　　କଦମ୍ବ କୋରକ ରସଘନ ରଙ୍ଗରସ ।।୫୫



କେଳି କ୍ରୀଡାରତ ରାଜହଂସୀ ମିତ
　　　　ଭାସନ୍ତି ବିଭୋରେ ଧବଳ ବୋଇତଭଳି ।
ପ୍ରଣୟ ଉଚ୍ଛଳ ପ୍ରୀତିସିକ୍ତ ପ୍ରାଣ
　　　　ମହାଭାବେ ମଗ୍ନ ମୁକ୍ତଛନ୍ଦେ ଢଳି ଢଳି ।।୫୬
ନାନାଜାତି ପକ୍ଷୀ ଦଳଦଳହୋଇ
　　　　ନୀଳ ନଳବଣେ ନାନାରଙ୍ଗେ କ୍ରୀଡାରତ ।
ଲଳନାଙ୍କ ମେଳା ରାଇଜେ କି ଲୀଳା
　　　　ଦେଖନ୍ତି ଗୋପନେ ଦେବାଙ୍ଗନା ଦେବଦୂତ ।।୫୭
ହରଷେ ସାରସ ଏରା ଉଡୁଥାନ୍ତି
　　　　ନୀଳଜଳ ଭେଦି ଆନନ୍ଦ କଲ୍ଲୋଳ ରବେ ।
ନିସ୍ତବ୍ଧ ନୀଳିମା ନୀଳ ତରଙ୍ଗରେ
　　　　ଲଳିତ ମୂର୍ଚ୍ଛନା ଦୂରେ ବହୁଦୂରେ ଶୁଭେ ।।୫୮
କୁନି କୁନି ବିଚିମାଳା କି ମଞ୍ଜୁଳ
　　　　ପିନ୍ଧି ମୁକ୍ତାମାଳ ନାଚୁଛନ୍ତି ମହାନନ୍ଦେ ।
ରୂପସୀ ଚିଲିକା ରୂପ ବିଭବକୁ
　　　　ବିଶ୍ୱଜନ ଲାଗି ବାଢ଼ିଛନ୍ତି ପ୍ରୀତିଛନ୍ଦେ ।।୫୯
ସୂର୍ଯ୍ୟସ୍ନାତ ଶୁଭ୍ର ଫେନୀଳ ଊର୍ମିଳ
　　　　ସ୍ନିଗ୍ଧ ଢଳ ଢଳ ସମୁଜ୍ଜ୍ୱଳ ଶତଦଳ ।
ନୀଳ ଆକାଶରୁ  ଅତୁଳ ସୁଷମା
　　　　ପଡିଚି କି ଢଳି ଶ୍ରାବଣରେ ଢ଼ଳ ଢ଼ଳ ।।୬୦
ଧୀର ପବନରେ ଥିରିଥିରି ହୋଇ
　　　　ଭାସନ୍ତି ନଉକା ପାଲରେ ପବନ ଭରି ।
ମୀନ ମାରିବାକୁ ନାଉରୀ ପୁଅଏ
　　　　ମୌନାବତୀ ପରି ଭାବନ୍ତି ଆହୁଲା ଧରି ।।୬୧
ଗୁଣୁଗୁଣୁ ହୋଇ ଗାଉଥାନ୍ତି ଗୀତ
　　　　ନବ ବିବାହିତା ଫେରିବା ପଥକ୍ଳାନ ।
ପରମା ସୁନ୍ଦରୀ ପ୍ରୀତି ଲଭିବାକୁ
　　　　ଏକାନ୍ତ ଗୋପନେ ଉଡିଯାଏ କ୍ଳାନ୍ତ ମନ ।।୬୨

ଚିଲିକା କୂଳରେ ବାଳୁତ ବୟସେ
ନାଉରୀ ପିଲାଏ ବୁଲୁଥାନ୍ତି ହସିଖେଳି ।
ଶିଶୁମାର ଭଳି ପାଣି ଚହଟାଇ
ଲମ୍ଫ ମାରୁଥାନ୍ତି ଖେଳୁଥାନ୍ତି ଲୁଚକାଳି ।।୬୩
କେଉଟୁଣୀ ସାଥେ କେତେ ନୋଳିଆଣୀ
ମାଛ କିଣିବାକୁ କରିଥାନ୍ତି ଘାଟେ ଭିଡ ।
ଦୁଃଖେ ସୁଖେ ସଦା ସ୍ନେହ ସୋହାଗିନୀ
ସୁନ୍ଦରୀ ଚିଲିକା ଚିରନ୍ତନ ପ୍ରୀତି ନୀଡ ।।୬୪
ଛାଇ ନେଉଟିଲେ ମୁହଁସଞ୍ଜ ହେଲେ
କେତେ ଆଶା କେତେ ଆଶଙ୍କାରେ ପ୍ରିୟା ମନ ।
ଚାହିଁ ବୁଲୁଥାଏ ଫେରିବା ପଥକୁ
ମାଛଧରି ଭଲେ ଫେରୁଥିବେ ପ୍ରାଣଧନ ।।୬୫
ଝିଅବିଦା ବେଳେ କେତେ ଆଶଙ୍କାରେ
ମଙ୍ଗଳ ମନାସୀ କାନ୍ଦୁଥିବ  ଘରେ ବୋଉ ।
ପରଘର ପର ରାଇଜକୁ ଦେଇ
ସହୁଥିବ ଯେବେ ବିଧିର ବିଧାନ ଦାଉ ।।୬୬
ବାହୁନିଥିବ ଗୋ 'ମା କାଳିଜାଇ'
ସାହା ହୋଇଥିବୁ ରଖିବୁ ସଧବା ଟେକ ।
ବାତ୍ସଲ୍ୟ ମମତା ପ୍ରୀତି ବିଚ୍ଛେଦରେ
ମାଗୁଥିବ ତାର ପଣତ କାନିରେ ଭିକ ।।୬୭
କାହିଁ କେତେଦୂର ତୋଟାପଡା ତୀର
ମାଲୁଦ ମୂଳକ ପାରିକୁଦ ରଜାଗଡ ?
ଝିଅ ଯିବ ମୋର ଦୂର ଶାଶୁଘର
ଚିଲିକା ରାଇଜେ ବହିବ ନାହିଁ ଗୋ ଝଡ ।।୬୮
ଝିଅକୁ ବସାଇ ମା କାଳିଜାଇ
ସୁମରି ନାଉରୀ ଖୁସିରେ ମେଲଇ ନାଆ ।
କଳ ଶବଦରେ ତଲେଇ ପାଲରେ
କ୍ଷଣେ ଭାସିଯାଏ ଯନ୍ତ୍ର ଚାଳିତ ନାଆ ।।୬୯



ନୀରବେ ଲୋତକ ଢ଼ାଳୁଥାଏ ଝିଅ
ବାପାବୋଉ ଛାଡି ଗଲାବେଳେ ଶାଶୁଘର ।
ଓଢ଼ଣୀ ଫାଙ୍କରେ ଗଣ୍ଡଜଳ ଦେଖି
ହଂସା ଉଡିଯାଏ ମାଡୁଥାଏ ବାଟେ ଡର ।।୭୦
ଏଇ ପଥେ ଦିନେ କାଳିଜାଇ ଗଲା
ଶାଶୁଘର ସୁଖେ ଛାଡି ସାଙ୍ଗସୁଖ ମେଳ ।
ଅକାଳ ଝଡ଼ରେ ଅକାତ ଗଣ୍ଡରେ
ନାଆ ପଡିଗଲା ଘୋଟିଗଲା କାଳବେଳ ।।୭୧
ସହସା ଉଠିଲା ମହାକାଳ ଝଡ
ଥରିଲା ନଉକା ସ୍ମରିଲା ନାଉରୀ ପୁଅ ।
କାଳିଜାଇ ନେଲା ସଲିଳ ସମାଧି
କାଳ କାଳ ଲାଗି ରହିଗଲା କଥା ଖିଅ ।।୭୨
ତୋ ନୀଳ କନ୍ଦରେ ପୂଜା ପାଉଅଛି
ବିପଦ ଆପଦେ ସବୁରି ହୋଇଛି ସାହା ।
ତାହାରି ଆଶିଷେ ନିଇତି ନାଉରୀ
ନୀଳ ଦରିଆରେ ମେଲଇ ଖୁସିରେ ନାଆ ।।୭୩
ଭଲପାଏ ବୋଲି ସାଇତି ରଖିଛି
କାଳକାଳ ଲାଗି କେତେ ଯତନରେ "ଜାଇ" ।
ଦେବୀ ଆସନରେ ଦିବ୍ୟ ଭୁଷଣରେ
ପୂଜା ପାଉଅଛି ସୁଷମା ରାଇଜେ ରହି ।।୭୪
କେତେ କଳ୍ପନା ସୁନେଲି ସପନେ
ଲେଖିଥିଲା ତାର କୁମାରୀ ଆଖିରେ କବିତା ।
ଚାରୁ ଚିଲିକାର ନୀଳ ପଣତରେ
ହସି ଖେଳିବୁଲି କାଟିବାକୁ କାଳ କୋଳେ ତା' ।।୭୫
ପ୍ରସନ୍ନ ବଦନା ଅମୃତ ନୟନା
ଦେବୀ ଦରଶନେ ଧନ୍ୟ ମୋର କବିପ୍ରାଣ ।
ଉତ୍କଳ ଭାରତୀ ପାଦ ପୂଜିବାକୁ
ମାଗିଥିଲି କାବ୍ୟପୁଷ୍ପ ଶୁଝିବାକୁ ଋଣ ।।୭୬

ମରୁତୃଷ୍ଣା ମନେ ପରଷିଲୁ ମଧୁ
ସ୍ନେହ-ସୁଧା-ପ୍ରୀତି ରୂପ ରଙ୍ଗ ଭଳି ଭଳି ।
ପିଇ ପ୍ରୀତିସୁଧା ମେଣ୍ଟିମନ କ୍ଷୁଧା
ପରମ ଆନନ୍ଦେ ଫେରୁଥିଲି ଢଳି ଢଳି ।।୭୭

## ଶରତ ସୂର୍ଯ୍ୟାସ୍ତ

ଆସନ୍ତେ ଶରତ କେଡେ ଶୋଭାବନ୍ତ
ନୀଳ ତନୁଶ୍ରୀ ତୋ ନିର୍ମଳ କୋମଳ ଶଶୀ ।
ଲାଲ ଟୁକୁଟୁକୁ ଲୋହିତ ସକାଳେ
କାଶତଣ୍ଡି ଦେଖି ଦିଗବଧୂ ଦିଏ ହସି ।।୭୮
ସମୁଜ୍ଜ୍ୱଳ ନୀଳ ଲୋହିତ ପଟଳ
ଦିଗଧାରେ ଦୀପ୍ତ ଅରୁଣ ଆରକ୍ତ ଆଭା ।
ନୈସର୍ଗିକ ନୀଳ ଚିନ୍ମୟ ଚେତନା
ଚିତ ପ୍ରବୋଧକ ବାଳଭାନୁ ରୂପ ଶୋଭା ।।୭୯
ରଜତ ଲୋହିତ କିରଣ ରେଣୁ କି
ଝରିକି ପଡୁଛି ନୀଳ ନିର୍ଝରିଣୀ କୋଳୁ ।
ପଦ୍ମନାଭ ପଦ୍ମପାଣି'କି ପ୍ରସନ୍ନେ
ଢାଳନ୍ତି ପୀୟୂଷ ପଦ୍ମମୁଖେ ଢ଼ାଳୁ ଢ଼ାଳୁ ।।୮୦
ସଙ୍ଗୀତ ମୁଖର ନୀଳ ତନୁ ତୋର
ନାଚୁଛି କି ଛନ୍ଦେ କବି ଜନ ମନ ମୋହି ।
ଉଥିତ ପତିତ ଉର୍ମିଳ ସଙ୍ଗୀତ
ଶାନ୍ତି ପ୍ରୀତିସ୍ୱଦ ଦିଏ ସର୍ବ ଦୁଃଖ ଧୋଇ ।।୮୧
ମୃଦୁ ସମୀରରେ ତରଙ୍ଗ ଦୋଳିରେ
ଭାସନ୍ତି ବିହଙ୍ଗ କେତେ କଳରବ କରି ।
ନାନାରଙ୍ଗ ପକ୍ଷୀ ଖେଳନ୍ତି କି ରଙ୍ଗେ
ପ୍ରାଣସାଥି ସଙ୍ଗେ ଚତୁରଙ୍ଗ ନୃତ୍ୟକରି ।।୮୨


ଉଡେ ମାଛରଙ୍କା ଗାଙ୍ଗୋଇ ଶରାଳୀ
ଶୂନ୍ୟରେ ସମୀରେ ସ୍ୱରଚିତ ଗୀତଗାଇ ।
ଛଟକେ ଅଟକି ପଲକେ ପଲଟି
ମୀନ ଝାମ୍ପିନିଏ ମୀନମେଳେ ଲମ୍ଫଦେଇ ।।୮୩
ଗଗନେ ପବନେ ମୁକ୍ତମେଘ କୋଳେ
ବହୁବିଧ ପକ୍ଷୀ ବିଳାସ ବିହାରେ ଯୁଟି ।
ସରଗ ସନ୍ଧାନେ ଦଳବଳ ବାନ୍ଧି
ଡେଣା ମେଲିଛନ୍ତି ଆଣିବେ କି ରତ୍ନ ଲୁଟି ।।୮୪
ଅବସାଦ ମନ ପ୍ରଣୟ ବିଳାସେ
ସ୍ୱତଃ ଉଲ୍ଲସିତ ପ୍ରୀତ ପ୍ରୀତି ପରିପ୍ଳୁତ ।
ସ୍ନିଗ୍ଧ ସୁମଧୁର ଐଶ୍ୱର୍ଯ୍ୟ ସୁଷମା
ନୀଳପରି ଓଠେ ଚୁମ୍ବିବାକୁ ଅବିରତ ।।୮୫
ଭାସମାନ ମୀନ ଭୟେ ଗ୍ରାସିବାକୁ
ନିର୍ଲିପ୍ତ ନଉକା ଡେଉଁଥାନ୍ତି ବୀରଦର୍ପେ ।
ନିଚମନା ଉଚ୍ଚ ବଡିମା ଦେଖାଇ
ଜୀବଦଶା କାଳେ ଭେଟିଥାନ୍ତି କାଳସର୍ପେ ।।୮୬
ଜକଜକ ହୋଇ ଦଳଦଳ ମତ୍ସ୍ୟ
ଭାସନ୍ତି ନାଚନ୍ତି ନଗ୍ନ ନୀଳଜଳେ ଲୋଟି ।
ତରୁଣୀ ତରଣୀ ରୂପ ଜିଣିବାକୁ
ଦେଉଛନ୍ତି କ୍ଷଣେ ରଜତ ହୀରକ ଭେଟି ।।୮୭
ବୈଦୁର୍ଯ୍ୟବରଣା ବରଯାତ୍ରୀ ବେଶେ
ରଙ୍ଗ ବସନରେ ମେଘମୁକ୍ତା ମାଳମାଳ ।
ସ୍ୱର୍ଗଦାଣ୍ଡେ ଅବା ଐରି ନାଶିବାକୁ
ଆସୁଛନ୍ତି ଧରି ଐରାବତ ଦଳବଳ ।।୮୮
ଆସନ୍ତେ ସବିତା ବର ବଧୂ ବେଶେ
ସ୍ୱାଗତ କରନ୍ତି ଦିଗାଙ୍ଗନା ସାୟାହ୍ନରେ ।
ପ୍ରିୟପଦ୍ମ ସାଥେ ଶୁଭ ପରିଣୟ
ଲାଗି କି ସଜାନ୍ତି ସରଗ ଆନନ୍ଦ ଭରେ ।।୮୯

ଟିକିଟିକି ହୀରାଫୁଲ କି ଯତନେ
ଖଞ୍ଜିଛନ୍ତି ବସି ଉଡୁଛି କି ଚନ୍ଦ୍ରରଥ ।
ସ୍ତିମିତ ନୀଳିମା ନୀଳ ଆଲୋକରେ
ଚାନ୍ଦିନୀ ଚର୍ଚ୍ଚିତ ତାରାଙ୍କିତ ଛାୟାପଥ ।।୯୦
ବିଦାୟ ବେଳାରେ ଶୁଭ ପ୍ରାତକାଳେ
ଅଗସ୍ତି ନକ୍ଷତ୍ର ଦେଲେ ଦିଗବଧୂ ହାତେ ।
ପ୍ରିୟ ପଦ୍ମ ପ୍ରୀତି ଲଭିବାକୁ ନୀତି
ପଦ୍ମାବତୀ ପରି ଚିନ୍ତି ପଦ୍ମନାଭ ଚିତେ ।।୯୧
ମିଳନ ମୁଖର ହଂସ ହଂସରାଳୀ
ବୋକ  କେଳିରବ ରସମୟ ରଙ୍ଗରସ ।
ସ୍ୱର୍ଗୀୟ ଆନନ୍ଦ ସଙ୍ଗସୁଖ ଲାଗି
ନୃତ୍ୟଶୀଳ ତୋର ନୀଳଜଳେ ନିତ୍ୟରାସ ।।୯୨
ଅପାଶୋରା ତୋର ଅପ୍‌ସରା ଭୁବନ
ଦୁର୍ଲଭ ଧରାରେ ନନ୍ଦନକାନନ ଶୋଭା ।
ରୂପାନ୍ୱେଷୀ କବିବର କବିହାତେ
ଶୋଭିବ ତୋ ଫୁଲ ଉତ୍କଳ ଭାରତୀ ଗଭା ।।୯୩
ତୋର ନୀଳକୁଞ୍ଜେ ନୀଳପଦ୍ମ ପରି
ନିତି ଗାଇବାକୁ ଅମୃତ ଜୀବନ ଗୀତ ।
ଆଶାପ୍ଳୁତ ପ୍ରାଣେ ପଶ୍ୟେମ୍ ଜୀବେମ୍
ନନ୍ଦାମ୍ ଗୋଦାମ୍ ଭବାମ୍ ଶରଦଂ ଶତ ।।୯୪
ଦୂର ବିଦେଶରୁ ଆସନ୍ତି ବାହୁଡି
ହିମପାତ ଭୟେ ଅଗଣିତ ହଂସଦଳ ।
ନୀଳତନୁ ତୋର ତାରକିତ କରି
ଭାସନ୍ତେ ନିର୍ଭୟେ ଶୁଭ୍ରାୟିତ ଶତଦଳ ।।୯୫
ସ୍ନିଗ୍ଧ ଶରତର ଦୂତୀ ସହଚର
ଆସନ୍ତି ତୋ କୋଳେ ପ୍ରୀତି ନିମନ୍ତ୍ରଣ ରଖି ।
ବିରହୀ ପ୍ରିୟାର ହୃଦମଧୁ ପାନ
ଆଶାରେ ଉଜ୍ଜ୍ୱଳ ତୁହି ତାଙ୍କ ପ୍ରିୟ ସାକ୍ଷୀ ।।୯୬



ମହାପୁଣ୍ୟତୀର୍ଥ କୈଳାସ ଶିଖର
ମାନସରୋବର ଛାଡି ଆସିଛନ୍ତି ଉଡି ।
ତୋର ପୁଣ୍ୟଜଳେ ପୁଣ୍ୟବଳେ ପୁଣ୍ୟ
ମୁକତି ଆଶାରେ ମାୟା ବନ୍ଧନରୁ ହୁଡି ।।୯୭
ନଭ ମଣ୍ଡଳରେ ଦେବାଙ୍ଗନା ତୋର
ମୁଖଶ୍ରୀ ଦର୍ଶନେ ଜଳଦ ପ୍ରାସାଦେ ବସି ।
ରାଜହଂସୀଭଳି ହସୁଛନ୍ତି ଢ଼ଳି
ପରମ ପ୍ରୀତିରେ ଯାଉଛନ୍ତି ଭାସି ଭାସି ।।୯୮
ଅପୂର୍ବା ରୂପସୀ ମେଳେ ତୁ ଅପୂର୍ବା
ଦୃଷ୍ଟପୂର୍ବ ହୋଇ ଦୃଶ୍ୟ ହୁଏ ଆନ ଆନ ।
ଶୋକ ପାଶୋରା ତୋ ଅପସରା ଭୁବନ
ଯେତେ ଦେଖିଲେ ହେଁ ନୂଆ ନୂଆ ଦୃଶ୍ୟମାନ ।।୯୯
ସ୍ନିଗ୍ଧ ସରୋବରେ କୁମୁଦ କୁମାରୀ
ଅର୍ଦ୍ଧମଗ୍ନ ଜଳେ ସ୍ନାନରତ ଦିବ୍ୟ ଦୃଶ୍ୟ ।
ଲୋଭନୀୟ ଭାବି ଦୃଷ୍ଟ ରବି କରେ
ଉଭାସିତ ନଗ୍ନ ଗୋପନୀୟ ଅଙ୍ଗବାସ ।।୧୦୦
ବସ୍ତ୍ରଚୋର କୃଷ୍ଣ ଦେଖିକି ବିକଳେ
ଗୋପାଙ୍ଗନା ଜଳେ ଡାକୁଥିଲେ ଦୃଷ୍ଟ ଦୃଷ୍ଟ ।
ନଗ୍ନ ସୁନ୍ଦର ତରୁଣୀଙ୍କ ମେଳେ
ସ୍ନାନପର୍ବ ଦେଖି କାହିଁ ହେଲା ମନେକଷ୍ଟ ?୧୦୧
ନଶ୍ୱର ଦେହ ସୁନ୍ଦର ଲାଗି
ବିଧାତା ଗଢ଼ିଛି କେତେ କଳପନା କରି ।
ତୁମ ମନତଳ ନଗ୍ନତା କାହିଁ
ଲୁଚାଇ ପାରିଛ ବସ୍ତ୍ର କରୁଛ ଚୋରୀ ?୧୦୨
ଦେବସଭା ତଳେ ରାଜସଭା ତଳେ
କେତେ ଯେ ସୁନ୍ଦରୀ ଦେଇଛନ୍ତି ଦେହଦାନ ।
ଆମେ ଜାଣୁ ଏକା ଆମ ବିନା କେହି
ଜାଳିପାରିବ କି ନଗ୍ନ ପୁରୁଷ ମନ ? ୧୦୩

ପ୍ରୀତିରେ କି ପୁଣ୍ୟ  କୋଟି କୋଟି ପ୍ରାଣ
ପ୍ରିୟତମା ହୋଇ ପ୍ରୀତିଦାନେ ହସେ ଶଶୀ ।
ମିଳନ ଆକୁଳ ପ୍ରିୟ ପ୍ରିୟତମା
ଝୁରନ୍ତି ଯାହାକୁ ଯା' ଲାଗି ସୁନ୍ଦର ନିଶି ।।୧୦୪
ଗିରି ନଦୀଧାର ନିର୍ଝର   କାନନ
ସବୁଜ କ୍ଷେତରେ ସ୍ୱର୍ଣ୍ଣ ମୃଗ ଖେଳୁଥାଇ ।
ସ୍ନିଗ୍ଧ ଢଳ ଢଳ ନୀଳଜଳ ତୋର
ଉତ୍କଳ କମଳା ବିଳାସର ଲୀଳାଭୂଇଁ ।।୧୦୫
ନୀଳ ପୁଷ୍ପଦଳ ପ୍ରାୟ କି ଉଜ୍ଜ୍ୱଳ
ତୀରଭୂମି ତୋର ଶସ୍ୟପୁଷ୍ପ ଫଳଭରା ।
ପଲ୍ଲୀବଧୂ ପଲ୍ଲୀ କିଶୋରୀଙ୍କ ମେଳେ
ଉତ୍ସବ ମୁଖର ପୁଲକିତ ପ୍ରାଣଧାରା ।।୧୦୬
ଆମ୍ର ତୋଟାମାଳ ଦିଶେ କି ମଞ୍ଜୁଳ
ପଥପ୍ରାନ୍ତେ ବର ଓସ୍ତ ବୃକ୍ଷ ଧାଡି ଧାଡି ।
ଗ୍ରାମ ଉପାନ୍ତରେ ତୁଙ୍ଗ ତାଳତରୁ
ରାଜଛତ୍ର ଧରି ଆସୁଛନ୍ତି ଅବା ମାଡି ।।୧୦୭
ପ୍ରକୃତି ପ୍ରେମିକ ପକ୍ୱ କେଶଧାରୀ
ମହାପୁଣ୍ୟ ଲାଗି ରୋପୁଥାନ୍ତି ଗ୍ରାମେ ବୃକ୍ଷ ।
ସୁଶୀତଳ ଛାୟା ଫଳଦାନେ ଧ୍ୟାନେ
ବାଳ ଅଧରରେ ଦେଇ ଲଭିବାକୁ ମୋକ୍ଷ ।।୧୦୮

## ଚନ୍ଦ୍ରସ୍ନାତ ଶରତ

ଶୁଭ୍ର ଶରତର ଲୋଭନୀୟ ଜହ୍ନ
ଢ଼ାଳୁଥିବ ବସି ଧବଳ ଜୋଛନା ଧାରା ।
ରାଜବଧୂ ଭଳି ଘୂରି ବୁଲୁଥିବ
ଏ କୂଳ ସେ କୂଳ ନ ଦେଇ କାହାକୁ ଧରା ।।୧୦୯



ଧୀର ପବନରେ ଥିରି ଥିରି ଊର୍ମି
ଗାଉଥିବ ଗୀତ ଯାଉଥିବ ଥମି ଥମି ।
ଫେନୋଚ୍ଛଳ ନୀଳ ଅଧରେ ବିଭୋରେ
ସୁନୀଳ ଚନ୍ଦନ ପିଉଥିବ ଚୁମି ଚୁମି ।।୧୧୦
ଦୂରେ ଦଶୁଥିବ ଗିରି କୁଟୀରରେ
ଧୀବର ବାସରେ ସ୍ତିମିତ ଆଲୋକ ରେଖା ।
ବିଞ୍ଚି ବିଞ୍ଚି ହୋଇ ଖସି ପଡୁଥିବ
ଆକାଶଗଙ୍ଗାରୁ ଆଲୋକ ଉତ୍ସବ ଶିଖା ।।୧୧୧
ଜୋଛନା ଧଉତ ନୀଳଶୈଳ କାନ୍ତି
କଜଳ ଆଖିରେ କୁଆଁରୀ ଜହ୍ନର ମାୟା ।
ରଚିଛି ରଜନୀ ଚିରକୁମାରୀର
ନୀଳ କବରୀରେ ରଜତ ମେଘର ଛାୟା ।।୧୧୨
ଶ୍ୱେତପଦ୍ମ ଭଳି ରାଜହଂସୀ ଦଳ
ନୀଳ ଚନ୍ଦନକୁ ବୋଲୁଥାନ୍ତି ଡେଣା ମେଲି ।
ନିଶୀଥେ କିରଙ୍ଗେ ପ୍ରଣୟିନୀ ସାଥେ
ସପନ ରାଇଜେ ଭାସୁଥାନ୍ତି ଝୁଲିଝୁଲି ।।୧୧୩
ଶାନ୍ତ ସୌମ୍ୟ ତୀରଭୂମି କି ଅପାର
ପ୍ରାଣଶକ୍ତି ପାଇ ଦିଶୁଛି ଦେଦୀପ୍ୟମାନ ।
ଚିନ୍ମୟ ଚନ୍ଦନ ବୋଳିକି ଲଳନା
କରୁଛନ୍ତି ବସି ରଜତ ଜୋଛନା ସ୍ନାନ ।।୧୧୪
ମେଘ ମୁଲକରେ ରୂପା ପାଲିଙ୍କିରେ
ଲାଜେ ନୀଳକନ୍ୟା ଦିଶେ ନୀଳପରୀ ପରି ।
ଲୋମକୂପ ମୂଳେ ରୋମାଞ୍ଚ ପୁଲକ
ଖେଳିଯାଏ କ୍ଷଣେ ଆଦିମ ଉଲ୍ଲାସ ଭରି ।।୧୧୫
ଘନ ଆଲିଙ୍ଗନେ ମୃଦୁଳ ଚୁମ୍ବନ
ଆଙ୍କିବାକୁ ତାର ଅଚୁମ୍ବିତ ଗଣ୍ଡଦେଶେ ।
ମିଳନ ଆକୁଳ ରୋମାଞ୍ଚିତ ତନୁ
ତନ୍ଦ୍ରା ବିଜଡିତ ରସଘନ ପ୍ରୀତିରସେ ।।୧୧୬

ଦେବକନ୍ୟା ମିଳି କରୁଥାନ୍ତି କେଳି
ତୋ ନୀଳ ଜଳରେ ସ୍ୱର୍ଗୀୟ ସୁବାସ ଭରି ।
ନୀଳଜଳ ଢାଳି ତନୁଶ୍ରୀ ସୁଷମା
ଦେଖନ୍ତି ନିରେଖି ଲୁବ୍ଧ ଲୋଭନୀୟ କରି ।।୧୧୭
ସ୍ୱର୍ଗୀୟ ସଙ୍ଗୀତ ଗାଆନ୍ତେ ସୁନ୍ଦରୀ
ନାଚିଉଠେ ନୀଳ ନୟନା ମହକ ଭରି ।
ମନ୍ଦ ସମୀରଣେ ସେ ସୁର ଲହରୀ
ଛୁଇଁଛୁଇଁ ଯାଏ କୁହୁକ ମନ୍ତର ପରି ।।୧୧୮

## ପଦ୍ମାବତୀ ପରିଣୟ

ତୋ ନୀଳ କୋଳରେ କାଞ୍ଚି ଜେମାମଣୀ
ଆସିଥିଲେ ଭାଙ୍ଗି ଗର୍ବ ଅଭିମାନ ଠାଣି ।
ପଣ ରକ୍ଷାକରି ଜିଣିଥିଲେ ରଣ
ପୁରୁଷୋତମ କରିବାକୁ ପାଟରାଣୀ ।।୧୧୯
ଉତ୍ସବ ମୁଖର ନୀଳବିଚି ତୋର
ଗାଉଥିଲେ କଣ୍ଠେ ଶୁଭ ବନ୍ଦାପନା ଗୀତି ।
ସ୍ୱାଗତ ସଙ୍ଗୀତ ସ୍ୱରଶିଞ୍ଜୀ ନୃତ୍ୟ
ନେଇଥିଲା କିଣି ପ୍ରିୟ ପଦ୍ମାବତୀ ମତି ।।୧୨୦
ପାଟ ବସନରେ ସ୍ୱର୍ଣ୍ଣ ଭୂଷଣରେ
ସୁରମ୍ୟ କିଶୋରୀ ବସନ୍ତ ବିଭବ ବେଶ ।
ନୀଳ ଦର୍ପଣରେ ଚନ୍ଦ୍ରାହାସ ମୁଖ
ଚୁମ୍ବିବାକୁ ଊର୍ମି ଆସୁଥିଲେ ଚଉପାଶ ।।୧୨୧
ଚୂନା ଚୂନା ମେଘମୁକ୍ତା ଝରୁଥିଲା
ନୀଳ ଆକାଶରୁ ଆନନ୍ଦ ଉଚ୍ଛଳ ହୋଇ ।
ମୁକୁଟମଣ୍ଡିତ ଶୁଭ୍ର ଅଭ୍ରଖଣ୍ଡ
ଫିଙ୍ଗୁଥିଲେ ହୀରା ଲୀଳା ରତ୍ନ ମୁଗ୍ଧହୋଇ ।।୧୨୨



ସବିତା ସୁନ୍ଦରୀ ଶ୍ୱେତପୀତ ରଙ୍ଗ
ଅରୁଣ ଆଲୋକେ ଫିଙ୍ଗୁଥିଲେ ପ୍ରୀତିରଙ୍ଗ ।
ରଙ୍ଗରସେ ତାର ମନ ମୋହିବାକୁ
ରଙ୍ଗ ତୂଳଧରି ଦେଇଥିଲେ ସାତରଙ୍ଗ ।।୧୨୩
ଧନ୍ୟ ଲୋ ଚିଲିକା ରୂପ ବିଭବ ତୋ
ଦେଖୁଥିଲେ ଯେବେ ପଣତ ଫାଙ୍କେ ଫାଙ୍କେ ।
ନୀଳପରୀ ପରି ନୀଳ ଲହରୀରେ
ନାଚୁଥିଲା ମନ ନୟନ ବାଙ୍କେ ବାଙ୍କେ ।।୧୨୪
ସୁନ୍ଦରୀ ଲଳନା ମେଳେ ତୁ ସୁନ୍ଦରୀ
ଅପୂର୍ବା ଅନନ୍ୟା ହୃଦୟ ସୁନ୍ଦର ଲାଗି ।
ଉତ୍କଳ କେଶରୀ ଲକ୍ଷ୍ମୀପାଦ ମୁଖ
ଧୋଇ ଦେଉଥିଲୁ ପରମ ସୌଭାଗ୍ୟ ଭାବି ।।୧୨୫
ତୋ ସ୍ନେହ ସରାଗ ଆଦର ବେଭାର
ଅଭୁଲା ଅସରା ରସମୟ ସୁଧା ପାନେ ।
ଉତ୍କଳ କମଳା ରୂପ ବିଭବକୁ
ଦେଖିହେଲି ଧନ୍ୟ କହୁଥିଲେ ମନେମନେ ।।୧୨୬
ଆଶା ଆଶଙ୍କାରେ ମୁଗ୍ଧ ବିଷାଦରେ
ଭାବମଗ୍ନ ଭାବି ଉତ୍କଳର ଭାବିରାଣୀ ।
ପୂର୍ବକଥା ସ୍ମରି ହେଉଥିଲେ ଘାରି
କି ଦଣ୍ଡେ ଦଣ୍ଡିବେ ରାଜପୁରେ ନୃପମଣି ?୧୨୭
ପ୍ରୀତିରଣେ ଜିଣି ପୁରୁଷୋତମ
ଆଣିଛନ୍ତି ମତେ କରିବେ କି ମହାରାଣୀ ।
ଧନ୍ୟ ମହାପ୍ରଭୁ ତୁମ୍ଭ ମହିମାରୁ
ଭାଗ୍ୟେ ଥିଲେ ହେବି ତୁମ ପାଦ ପୂଜାରିଣୀ ।।୧୨୮
ଶତ ଶତ ତରୀ ଆଣୁଥିଲେ ବରି
କାଞ୍ଚି ରାଜଜେମା ବର୍ଣ୍ଣାଢ୍ୟ ବୋଇତ ବାହି ।
ବିଜୟ ଗରବେ ଗାଉଥିଲେ ମିଳି
ମିଳନ ଗୀତିକା ମହାନନ୍ଦେ ମଗ୍ନହୋଇ ।।୧୨୯

ଗଜଦନ୍ତ ମୁକ୍ତା ଖଚିତ ବୋଇତ
ମଧ୍ୟେ ସ୍ୱର୍ଣ୍ଣରୌପ୍ୟ ତାରକସି ତାରାଫୁଲ ।
ରାଜସୁଖ ଶେଯ ସିଂହାସନେ ବସି
ଜେମାସାଥେ ସଖି ଖେଳୁଛନ୍ତି କେତେ ଗେଲ ।।୧୩୦
ଚନ୍ଦ୍ରାତପ ତଳେ ସୁଝୀନ ବସନେ
ବସିଥିଲା ବାମା ସୁନ୍ଦରୀ କିଶୋରୀ ମେଳେ ।
ଉପହାସ କରି କହୁଥିଲେ କେତେ
କଥା ଲେଖିଯୋଖି ରଙ୍ଗରସ ଗଳ୍ପ ଛଳେ ।।୧୩୧
ଆମ ଜେମାମଣି ହେବେ ମହାରାଣୀ
ଶକୁନ୍ତଳା ପରି ଦୁଷ୍ମନ୍ତ ପ୍ରଣୟୀ ସାଜି ।
କାଞ୍ଚି ରାଜଜେମା କଳିଙ୍ଗ ବିଜୟ
ନୃପ ହୃଦ ଜିଣି ନେଇଛନ୍ତି ମାରି ବାଜି ।।୧୩୨
କିଏ ହେବ ସରି ଶୌର୍ଯ୍ୟ ସୁଷମାରେ
ନେଇଥିଲେ ଦେବୀ ଦୁର୍ଗା ଦୈତ୍ୟ ବଳ ହରି ?
ବୀରବାଳା ପ୍ରୀତି ଶାଣିତ କଟାକ୍ଷ
ଦେଖି କେତେ ରାଜା ଯାଇଛନ୍ତି ରାଜ୍ୟ ହାରି ।।୧୩୩
ଲଜ୍ଜା ତୂଳୀକାରେ ଅଙ୍କା ତା ଭ୍ରୂଲତା
ଲାଜନୀଳ ଆଖି ଦେଖି ଯେ ହୋଇଛି ଘାରି ।
ରୂପ ବିଭବରେ ବୀରବାଳା ଠାଣି
ଦେଖିଛି ଯେ ଜନ ଜାଣେ କିଏ ହେବ ସରି ?।।୧୩୪
ସମୁଦ୍ର ମନ୍ଥନେ ଐରାବତ ସାଥେ
ଇନ୍ଦିରା ସୁନ୍ଦରୀ ପାରିଜାତ ପୁଷ୍ପ ଧରି ।
ଆସନ୍ତେ ଅସୀମ ଶୋଭା ସମ୍ପଦରେ
ଚାହୁଁଥିଲେ ସର୍ବେ ଚକ୍ଷୁ ଚମକିତ କରି ।।୧୩୫
ଅମୃତ ବଦନେ ଅର୍ଦ୍ଧ ଉନ୍ମୁଳିତ
ଓଠରେ ଅରୁଣ ହସର ନିବିଡ ଧାର ।
ଭସା ଭସା ଭୂରୁ କୁଙ୍କୁମ ବିନ୍ଦୁରେ
ଦିଶେ କି ସୁନ୍ଦର ନାହିଁ ଯାର ପଟ୍ଟାନ୍ତର ।।୧୩୬

ଘନକୃଷ୍ଣ କେଶ ରମଣୀୟ ବେଶ
ନାନା କୁସୁମରେ ମଞ୍ଜୁଶ୍ରୀ ମଞ୍ଜୁଳ ଦିଶେ ।
ମଧୁ ଆସ୍ୱାଦାନେ ମଧୁର ସଙ୍ଗୀତେ
ଉଡି ବୁଲୁଥାନ୍ତି ମଧୁକୁଳ ଚଉପାଶେ ।।୧୩୭
ସଖୀସାଥେ ମିଳି ମଧୁପ ଭ୍ରମର
ଥଟ୍ଟା ଟାପରାରେ ମିଳି ଦେଇଥିଲେ ଯୋଗ ।
ହସୁଥିଲେ ସର୍ବେ ଦେଖି ଲାସ୍ୟମୟୀ
ଆରକ୍ତ ବଦନେ ମିଶ୍ରିତ ମଧୁର ରାଗ ।।୧୩୮
ତୋ ନୀଳ ଜଳରେ ଭାସ ଭାସି ଆସି
ଲାଗିଲେ ସରବେ ସୁଖେ ମହୋଦଧି କୂଳେ ।
କେତେ ବାଣ ବାଦ୍ୟ ଟମକ ଫୁଟାଇ
ଠୁଳ ହୋଇଥିଲେ ରାଜ୍ୟବାସୀ କୌତୁହଳେ ।।୧୩୯
ଉତ୍କଳର ରାଜବଧୂ ବନ୍ଦିବାକୁ
ସୀମାନ୍ତିନୀ ମିଳି ଦେଉଥିଲେ ହୁଳହୁଳି ।
ନାରିକେଳ ନବଚେଳ ସ୍ୱରଶଙ୍ଖ
ଦୁର୍ବାକ୍ଷତ ପୁଷ୍ପ ଫିଙ୍ଗୁଥାନ୍ତି ଢଳି ଢଳି ।।୧୪୦
କାଞ୍ଚି ରାଜଜେମା ବିଜୟ ଖବର
ବିଜୁଳି ବେଗରେ ବ୍ୟାପିଗଲା ଚଉଦିଗେ ।
ଜୟ ଜଗନ୍ନାଥ ଜୟଜୟ ଧ୍ୱନି
ପଡିଲା ଉଚ୍ଛୁଳି ମହାବେଗେ ମହାଭାବେ ।।୧୪୧
ସାଙ୍ଗସାଥୀ ମେଳେ ସୁନ୍ଦରୀ ଚିଲିକା
ଗାଇଲା ସମୀରେ ବିଜୟ ବନ୍ଦାଣ ଗୀତ ।
ହେ ବିଶ୍ୱସୁନ୍ଦରୀ ଘେନ ସ୍ୱୟମ୍ବର
ସ୍ୱାଗତ ପ୍ରଣାମ ପ୍ରୀତିସିକ୍ତ ସମର୍ପିତ ।।୧୪୨
ଧନ୍ୟ ଲୋ ଚିଲିକା ରଖିଛୁ ସାଇତି
ଏ ଜାତିର କୀର୍ତି କାଳକାଳ ତୋର କୋଳେ ।
ଅତୀତ ଗୌରବ ବୀର କଳିଙ୍ଗର
ତୁହି ମୂକସାକ୍ଷୀ ଧନ୍ୟ ପୁଣ୍ୟ ନୀଳାଚଳେ ।।୧୪୩

ମଦମତ ଗର୍ବେ ରକ୍ତବାହୁ ଦିନେ
ଦଳବଳ ଧରି ଲୁଟିଥିଲା କୋଠଘର।
ଫେରୁଥିଲା ତୋର ହୃଦୟ ଫଟାଇ
ଫୁତ୍‌କାର କରି ମୂଢ଼ ପାଷାଣ ବର୍ବର ।।୧୪୪
ରଖିବାକୁ ମାନ ଧରି ଉର୍ମିଥାଟ
ନୀଳାଦ୍ରି ସମ୍ରାଟ ଆସିଲେ ଇଙ୍ଗିତେ ଧାଇଁ।
ଧରାକୁ ଯେ ସରା ମଣୁଥିଲା ଦିନେ
କୃପାଣ ବଳରେ ହେଲା କ୍ଷଣେ ଧରାଶାୟୀ ।।୧୪୫
ଅନନ୍ତ ଶକ୍ତିର ଉତ୍ସ ତୋ ସୌନ୍ଦର୍ଯ୍ୟ
ଧନ୍ୟ ଲୋ ଚିଲିକା ରୁଦ୍ର ତୋ ଇଙ୍ଗିତେ ବଶ ।
ନୀଳ ନୟନାର ମାୟା ମମତାରେ
ମୁଗ୍ଧ ମହାକାଳ ଦେଇଛି କି ଆତ୍ମୋଚ୍ଛ୍ୱାସ ।।୧୪୬
ସମର ବିଳାସୀ ଚଣ୍ଡାଶୋକ କାନେ
ଦେଲୁ କି ବାରତା ନେଲୁ ତାର ମନ ମୋହି।
ଦୟା କ୍ଷମା ଶାନ୍ତି ଧର୍ମ ପ୍ରୀତି ଲାଗି
ପୂଜା ପାଉଛନ୍ତି ମାନବ ଦେବତା ହୋଇ ।।୧୪୭
ପୁଣ୍ୟତୋୟା ତୀରେ ବିଶ୍ୱହିତ ଲାଗି
ଦୟାରେ ଦଧିଚୀ ଦେଇଥିଲେ ଅସ୍ଥିଦାନ।
ତୋ ପୁଣ୍ୟ ପ୍ରଭାବେ ଚଣ୍ଡାଶୋକ କ୍ଷଣେ
ରଣଜିଣି ରଣ ତେଜି ହେଲେ ମହୀୟାନ୍ ।।୧୪୮
ଦୁଃଖ ନାହିଁ ତୋର ତୁହି ଅଗୋଚର
ବିଶ୍ୱବାସୀ ଆଗେ ମାଗିନୁ ମହତ ମୂଲ।
ସ୍ନିଗ୍ଧ ଢଳ ଢଳ ନୀଳଜଳ ତୋର
ସ୍ୱଧର୍ମେ ଅମ୍ଳାନ କିଏ ହେବ ସମତୁଲ ?୧୪୯
ପୀତ ଅସ୍ତରାଗ ବୋଳନ୍ତେ ଧରିତ୍ରୀ
ବୈଦୁର୍ଯ୍ୟ ବିଭବ ବର୍ଣ୍ଣେ ବିଭାସିତ ବ୍ୟୋମ।
ସ୍ୱର୍ଣ୍ଣ ସିଂହାସନେ ସୌମ୍ୟା ସୁହାସିନୀ
ସ୍ୱର୍ଣ୍ଣେ ବିଭୁଷିତ ପ୍ରାଚୀ ପ୍ରାଚେତସୀ ରମ୍ୟ ।।୧୫୦



ରମ୍ୟ ତୀରଭୂମି ହିରଣ୍ମୟ ଭୁବନ
ହରିତାୟମାନ ଚାରୁ ଚିତ୍ରଶାଳା ତୋର।
ରଙ୍ଗ ତୂଳୀର କବି ଚିତ୍ରକର
ଆଙ୍କିଚି କବିତା ଲାଜନୀଳ ସୃଜନୀର ।।୧୫୧
ସେ ନୀଳ ସଲିଳେ ଇନ୍ଦ୍ରନୀଳକାନ୍ତି
ଦିବ୍ୟ ଦିବ୍ୟ ଜ୍ୟୋତି ଫୁଟୁକି ଝଟକେ ମିଶେ।
ଶୋଭାର ନିଳୟ ନୀଳ ଉର୍ମିମାଳ
ନୀଳବ୍ୟୋମ ନୀଳ ସୁଷମା ମଣ୍ଡଳ ଦିଶେ ।।୧୫୨
ପୀତ ଅସ୍ତକର ହେବାରୁ ପତିତ
ଅନନ୍ତ ନୀଳିମା ଦ୍ୟୁତି ଉଦ୍‌ଭାସିତ କ୍ଷଣେ।
ଚାରୁ ଚିତ୍ରକିତ ହୁଅଇ ପ୍ରତୀତ
ବନ୍ଧୁର ଲଳିତ ବନଭୂମି ଅନୁକ୍ଷଣେ ।।୧୫୩
ନୀଳବ୍ୟୋମ ପାଇଁ ସୁବର୍ଣ୍ଣ ପରାଗ
ବୋଳନ୍ତେ ବଦନେ ନୀଳ ଜଳ ସ୍ୱର୍ଣ୍ଣ ସ୍ୱର୍ଗ।
ମୁହୂର୍ତ୍ତେ ମୁଖର ମହୋତ୍ସବମୟ
ବର୍ଣ୍ଣୋତ୍ସବମୟ ଦିଗଭାଗ ଦେବ ମାର୍ଗ ।।୧୫୪
ଶ୍ୱେତପୀତ ରମ୍ୟ ରତ୍ନ ଭୂଷଣରେ
ପରମା ପ୍ରକୃତି ଦେଉଛି କି ପ୍ରୀତିଦାନ ?
ସୁନ୍ଦରୀ ପଣରେ ତିନି ଭୁବନରେ
ଜିଣିବାକୁ ଜାଣି ନୀଳ ନୟନାର ମନ ।।୧୫୫
ମାଳ ମାଳ ଢଳ ଢଳ କାଦମ୍ବିନୀ
ଶୁଭ୍ର ସମୁଜ୍ୱଳ ସ୍ୱର୍ଣ୍ଣକାନ୍ତି ସ୍ୱର୍ଣ୍ଣଚୂଳ।
ସ୍ୱର୍ଣ୍ଣ ସାୟାନ୍ତନ ସ୍ୱର୍ଣ୍ଣିମ ପ୍ରଭାରେ
ସ୍ୱର୍ଣ୍ଣମୟ ସ୍ୱର୍ଗ ସୁବର୍ଣ୍ଣ ଚିଲିକା ଜଳ ।।୧୫୬
ସୁଶୋଭିତ ସ୍ନିଗ୍ଧ ସୁଷମା ସଉଧ
ରଚିଛି ସୁରମ୍ୟ ସ୍ୱର୍ଗପୁରୀ ଦିଗଧାରେ।
ଭୂସ୍ୱର୍ଗ ସୁନ୍ଦରୀ ସ୍ୱର୍ଗେ ଆଶାକରି
ଦେଖିବାକୁ ଧାଡି ବାନ୍ଧିଛନ୍ତି ସ୍ୱୟଂମ୍ବରେ ।।୧୫୭

ଧନ୍ୟ ପ୍ରାଣପ୍ରିୟା ପ୍ରଣମ୍ୟ ଚିଲିକା
ପୌରାଣିକ ସୃଷ୍ଟି  ହରିହର ଯୁଦ୍ଧ କାଳେ ।
ଉଷା ଅନିରୁଦ୍ଧ ପ୍ରଣୟ ପ୍ରୀତିର
ତୁହି ପୁଣ୍ୟଫଳ ଉତ୍କଳ କମଳା କୋଳେ ।।୧୫୮
ଭକ୍ତ ବାଣାସୁର ମାନ ରଖିବାକୁ
ଦେଇଥିଲେ ହର ମହାଘୋର ରଣେ ଲମ୍ଫ ।
ବାଣାସୁର କୃଷ୍ଣ ଲଢୁଥିଲେ ଯେବେ
କମ୍ପୁଥିଲା ବନ  ଭୂମି ହୋଇ ଭୂମିକମ୍ପ ।।୧୫୯
ଅସୁମାରି ସେନା ଗଜଅଶ୍ୱ ଟାପୁ
ପ୍ରହାରେ ଭୂଧର ଖୋଳିହୋଇ ଅସମ୍ଭାଳ ।
ବଜ୍ରଶକ୍ତି ବଜ୍ରପାତ ଶବଦରେ
ଛିଡନ୍ତେ ଚୁମ୍ବିଲା ନୀଳ ସାଗରର ଜଳ ।।୧୬୦
ପ୍ରୀତିପୁଣ୍ୟ ଯଶ ଲାଗି ଧରା ଧ୍ୱଂସ
ହେବଭାବି ଦେବେ କରିଥିଲେ ଶାନ୍ତି ସନ୍ଧି ।
ଉଷା ଅନିରୁଦ୍ଧ ମିଳନ ପର୍ବରେ
ନାଚୁଥିଲେ ସର୍ବେ ପ୍ରୀତିମୈତ୍ରୀ ଛନ୍ଦେ ଛନ୍ଦି ।।୧୬୧
ସେହି ପୁଣ୍ୟ କୀର୍ତି  କିମ୍ବଦନ୍ତୀ ସାକ୍ଷୀ
ହୋଇ ତୁ ବହିଛୁ ହରିହର ପ୍ରୀତିଶର।
ତୋ ତୀରେ 'ନଈରି' ଗ୍ରାମେ ପୂଜାପାଇ
ନିତି ବାଣ୍ଟୁଛନ୍ତି ପ୍ରୀତି 'ହର ହରେଶ୍ୱର' ।।୧୬୨
ନୀଳାମ୍ବୁ ଚିଲିକା ନୀଳ ଚନ୍ଦନରେ
ଉତ୍କଳ କମଳା ବିଶ୍ୱ ମନୋରମା ବେଶ।
ବିଶ୍ୱ ଜନମନ ବିମୋହନ ଲାଗି
ଭୂମିସ୍ପର୍ଶୀ ଭୂମା ବିଶ୍ୱମ୍ଭରା ବ୍ୟୋମକେଶ ।।୧୬୩
ସୁନ୍ଦର ତୃପ୍ତିର ଆନନ୍ଦ ପ୍ରାପ୍ତିର
ଅପୂର୍ବ ଦୃଶ୍ୟ ଏ ଦିଶୁଥାଏ ଆନ ଆନ।
ସୁନ୍ଦର ପଣର ନାହିଁ ପଟାନ୍ତର
ଏ'ତ ଚିରନ୍ତନ ଦୃଶ୍ୟଭୂମି ଦୃଶ୍ୟମାନ ।।୧୬୪



ନୀଳ ନୟନାର ନୀଳ ନୀଳକାନ୍ତି
ନୀଳନୀଳ ନୀରେ ନୀଳଜ୍ୟୋସ୍ନା  ନୀଳ ନୀଳ।
ଅପୂର୍ବା ଲଳନା ଅଙ୍ଗବାସ ବେଶ
ସ୍ୱର୍ଗୀୟ ସୁନ୍ଦର ଚାହାଣିରେ ଲାଜନୀଳ ।।୧୬୫
ଆସିଛି କି ହୁଡି ସ୍ୱର୍ଗବାସ ଛାଡି
ଉତ୍କଳ ଇନ୍ଦୁର ଅନନ୍ତ ଐଶ୍ୱର୍ଯ୍ୟ ଦେଖି ।
ସ୍ୱର୍ଗେ ଅଗୋଚର ଭାବି ବାରମ୍ବାର
ବିସ୍ମୟ ଚକିତ ରହିଥିଲା ଚିର ଲାଖି ।।୧୬୬
ମହୋଦଧି ଯାର ଚରଣ ପୂଜୁଛି
ନିତି ଯେ ପୂଜୁଛି ବ୍ରହ୍ମାଣ୍ଡ କରତା ବସି।
ଧନ୍ୟ ଲୋ ଉତ୍କଳ ଧନ୍ୟ ତୋର ଧରା
ଭୂମି ନଦ ନଦୀ ଅମୃତ ବରଣା ବାସି ।। ୧୬୭
ରୂପ ରାଇଜରେ ତୋ ରୂପ ବିଭବ
ସ୍ୱର୍ଗୀୟ ବିଳାସ ବିଳାସ ବୈକୁଣ୍ଠ ଦେଖି।
ତୁମ ପାଦସେବା କରିବାକୁ ନିତି
ରହିବାକୁ ଦିଅ ହୋଇ ତୁମ ପ୍ରାଣସଖୀ ।।୧୬୮
ଦେବାଙ୍ଗନା ମେଳ ଅପସରା ଭୁବନ
ନନ୍ଦନକାନନେ ପାରିଜାତ ମନ୍ଦାକିନୀ।
ସ୍ୱର୍ଗସୁଖ ସୁଧା ବୈକୁଣ୍ଠ ବିଭବ
ବଳି ତୋର ପୁର ସୁଷମା ସମ୍ପଦେ ଧନୀ ।।୧୬୯
ତୋ ନୀଳ ଦର୍ପଣେ ଭାସିଉଠେ କ୍ଷଣେ
ରୂପାମ୍ବିକା ରୂପ ଭୁବନ ମୋହିନୀ ବେଶ।
ତୁହି ଶତରୂପା ଶତରୂପ ତୋର
ଆନନ୍ଦେ ହରଇ କ୍ଳାନ୍ତ ଜନମନ କ୍ଳେଶ ।। ୧୭୦
ସେ ରୂପ ଦର୍ଶନେ ଦିଶେ ଆନ ଆନ
ରୂପ ପାଇଛି କି ମର୍ତେ ସ୍ୱର୍ଗ ଅଭିଳାଷ।
ରୂପ ଗନ୍ତାଘରେ ରୂପସୀ ଚିଲିକା
ରୂପ ଦେଖିବାକୁ ଭିଡ ଲାଗେ ବର୍ଷମାସ ।।୧୭୨

ଇନ୍ଦ୍ର ଭୁବନରେ ଇନ୍ଦିରା ସୁନ୍ଦରୀ
ବାତାୟନ ପଥେ ଦେଖି ତୋର ଦିବ୍ୟରୂପ।
ପାରିଜାତ ପୁଷ୍ପ ଫିଙ୍ଗନ୍ତେ ସରଗୁ
ତୋ ନୀଳ ସଲିଳ ଦିଶୁଥିଲା ଅପରୂପ ।।୧୭୩
ଉତ୍କଳ ଲକ୍ଷ୍ମୀଙ୍କ ନୀଳ ଚନ୍ଦ୍ରହାର
ଗଳାମାଳା ତୁହି ରତ୍ନାକର ରତ୍ନମାଳା।
ସେ ମାଳାରେ ଶୋଭା ପାଉଛି କି ଭାବେ
କାବ୍ୟ ରତ୍ନମଣି ହୋଇ ସ୍ୱର୍ଗ ଶୋଭାଶାଳା ?୧୭୪
କୋଟି ଲାବଣ୍ୟରେ ଝୀନ ବସନରେ
ତୋ କଟୀ କଟାକ୍ଷ ଅନିନ୍ଦ୍ୟ ସୁନ୍ଦର ଦେହ।
ସେ ଦେହରେ ପ୍ରୀତି ସୁଧାସ୍ନାନ ଲାଗି
ଏଡି କେ ପାରିଛି ଚିରସୁନ୍ଦରୀର ମୋହ ?୧୭୫
କେତେ କେତେ କବି ଭାବୁକ ପ୍ରେମିକ
ଆସୁଥାନ୍ତି ଧାଇଁ ଦେଖିବାକୁ ତୋର ରୂପ।
ଦେଖନ୍ତି ବିଭୋରେ ପରମା ସୁନ୍ଦରୀ
ପ୍ରଣୟ ପ୍ରୟାସୀ ପ୍ରେମମୟୀ ପ୍ରୀତିରୂପ ।।୧୭୬
ସେ ରୂପ ପିପାସା ମିଳନର ଆଶା
ମେଣ୍ଟୁଥାଏ ନିତି ମହାନନ୍ଦେ ମଗ୍ନହୋଇ।
ତୋ ନୀଳ ସଲିଳ ସଜୀବ ସ୍ମୃତିରେ
ମିଳନ ପର୍ବରେ ମାତିଥାନ୍ତି ମୁଗ୍ଧହୋଇ ।। ୧୭୭
ବଞ୍ଚିଛୁ ତୁ ପ୍ରୀତି ପ୍ରିୟମ୍ବଦା ହୋଇ
ପରମ ପ୍ରୀତିରେ ପୂର୍ଣ୍ଣକରି ଅଭିଳାଷ ।
ସ୍ୱର୍ଗୀୟ ପ୍ରୀତିର ତୁହି ପୁଣ୍ୟତୀର୍ଥ
ତୋ ପ୍ରୀତି ପରଶେ ଧନ୍ୟ ପ୍ରୀତିପୁଣ୍ୟ ଯଶ ।। ୧୭୮

## ସ୍ୱର୍ଗୀୟ ସୂର୍ଯ୍ୟାସ୍ତ

ବାରୁଣୀ ଗଗନେ ସ୍ୱର୍ଣ୍ଣିମ ସାୟାହ୍ନେ
ଭାଲେରୀ କପାଳେ ସ୍ୱର୍ଣ୍ଣଚୂଡା ଧ୍ୱଜ ଉଡେ।
ସୁବର୍ଣ୍ଣ ତ୍ରିଶୂଳ ଫିଙ୍ଗନ୍ତେ ସଲୀଳ
ସହସ୍ରାଂସୁ ଶୋଭାମଣ୍ଡଳ ଉଛୁଳି ପଡେ ।। ୧୭୯



ଅଖଣ୍ଡ ନୀଳିମା ଜଳଭାଗ ଭେଦି
ଦିଶେ କି ସ୍ୱର୍ଗୀୟ ସୁବର୍ଣ୍ଣ ସୁଷମା ପୁରୀ।
ରତ୍ନାକର ରତ୍ନ ବିଭବ ଭଣ୍ଡାର
ରଖିଛୁ ସାଇତି କିଏ ହେବ ତୋର ସରି ?୧୮୦
ରାଶି ରାଶି ହେମକର କି ସୁନ୍ଦର
ଦୀପ୍ତିମାନ ଦିଶେ ଦୂରନ୍ତ ଦିଗନ୍ତ ଦୋଳି।
ସ୍ୱର୍ଣ୍ଣିମ ସବିତା ଲାବଣ୍ୟ ଭୂଷଣ
ଫିଙ୍ଗି କି ଯାଉଛି ସ୍ୱର୍ଗଦାଣ୍ଡେ ଖେଳି ଖେଳି ।।୧୮୧
ବସ୍ତ୍ରା ଲେ ବାନ୍ଧି ନିଅନ୍ତେ ରତନ
ଚିତ ପ୍ରବୋଧକ କାଦମ୍ବିନୀ ରୂପକାନ୍ତି।
ଦେଖିଲେ କେ'ନେବ ଭାବିବ ବ୍ୟାକୁଳେ
ଚଉଦିଗେ ଚାହିଁ ବ୍ୟୋମକୋଳେ ଭାସିଯାନ୍ତି ।।୧୮୨
ଗୋପନେ ଯତନେ ପରସ୍ପରେ ହସି
ଚାହାଁନ୍ତେ ଛଟକେ ଝଟକେ ଅତୁଳ ଶୋଭା।
ସୁଷମା ରାଇଜେ ଆହା ଏ ଶୋଭାର
ନାହିଁ ପଟାନ୍ତର ଦିଶେ କେଡେ ମନଲୋଭା ।।୧୮୩
ଦେଖିଛି ତୋ କୋଳେ ଭୂଧର ଭାଲେରୀ
ମଣିମୟ କାନ୍ତି ଇନ୍ଦ୍ରନୀଳମଣି ରୂପ।
ଇଛାହୁଏ ସଖୀ ଦେଖିବାକୁ ତତେ
ଏକାନ୍ତେ ନୀରବେ ଭୁଲି ଭୋକ ଶୋକ ତାପ ।।୧୮୪
ମଣିମୟ ଦୃଶ୍ୟମାଳା ମନୋରମ
ଉଡନ୍ତେ ବିହଙ୍ଗ ସୁବର୍ଣ୍ଣ ପରାଗ ବୋଳି।
ନାନା ନୃତ୍ୟକରି ଖସନ୍ତେ ଆକାଶୁ
ଖସୁଛି କି ମଣିମୁକ୍ତା ମାଳ ଭଳି ଭଳି ।।୧୮୫
ଅଭୁଲା ଅସରା ଅନୁରାଗମୟ
ମିଳନ ମାଧୁରୀ କେକାରବ କୋଳାକୋଳି।
ତୋ ନୀଳ ଜଳ'କି ପ୍ରୀତି ସାନ୍ନିଧ୍ୟରେ
ମନ୍ତ୍ରମୁଗ୍ଧ ହୋଇ ପଡୁଛି କ୍ଷଣେ ଉଛୁଳି ।।୧୮୬

ମତୁଆଲା ମନ ଆନନ୍ଦେ ଅନୀଳ
ଛୁଇଁ ଛୁଇଁ ଯାଏ ତୋ ନୀଳ ନିଳୟ ତନୁ।
ରସମୟ ପ୍ରୀତି ସୁଷମା ସମ୍ପଦ
କହ ସଖୀ କେଉଁ କବି ପାଶୋରିବ ମନୁ ?୧୮୭
ସୌମ୍ୟା ସୁହାସିନୀ ସ୍ୱର୍ଣ୍ଣେ ବିଭୂଷିତ
ବୈଦୁର୍ଯ୍ୟ ବିଭବ ବର୍ଣ୍ଣେ ବିଭାସିତ ଧରା।
ନୀଳ ନୟନାର ଲାଜନୀଳ ହସ
ଚପଳ ଚାହାଣି ପ୍ରୀତି ପୀୟୂଷରେ ଭରା ।।୧୮୮
ଶୋଭା ବିଳାସିନୀ ଉତ୍କଳ ଭୁବନେ
ତୁହି ଅପରୂପା ରଙ୍ଗମୟୀ ଚିତ୍ରଶାଳା।
ଦେଖିଛି'ଯେ କବି ମୁଗ୍ଧ ପ୍ରାଣଛବି
ଲୋଡିଛି ଅନ୍ତରେ ନସହି ବିରହ ଜ୍ୱାଳା ।। ୧୮୯
ତୋ ପଶ୍ଚିମ ତୀରେ ପଶ୍ଚିମ ଜୀବନ
ଲାଗି କବିବର କରିଥିଲେ କେତେ ଆଶା।
ଭାଗ୍ୟଦୋଷେ କର୍ମ ବନ୍ଧନେ ବିଷାଦେ
ବାଢୁଥିଲେ ଦୂରେ ଦୁଖୀ ହୃଦୟର ଭାଷା ।।୧୯୦
ଶ୍ୱେତ ହିମକାନ୍ତ ହିମାଳୟ କୋଳେ
ଭୀଷଣ ପ୍ରକୃତି ଭୟଙ୍କର ଭୀମ ଦୃଶ୍ୟ।
ପ୍ରାଣଥରା ଥଣ୍ଡା ନିର୍ଜନ ନିବାସ
ରଣଭୂମି ପ୍ରାୟ ଶଙ୍କାକୁଳ ପ୍ରାଣ କ୍ଳେଶ ।।୧୯୧
ବିସ୍ତୀର୍ଣ୍ଣ ବାଲୁକା ପୂର୍ଣ୍ଣ ରାଜସ୍ଥାନ
ରୌଦ୍ରତାପ ଦଗ୍ଧ ମରୁମୟ ମରୀଚିକା।
ଶୁଷ୍କ କ କିତ ମଧ୍ୟପ୍ରଦେଶକୁ
ଦେଖନ୍ତେ ନୈରାଶ୍ୟେ ମନଲୋଡେ ତତେ ଏକା ।।୧୯୨
ସ୍ୱଦେଶୀ ବିଦେଶୀ କୂଟ ବୁଦ୍ଧିବଳେ
ଉତ୍କଳ ସନ୍ତାନ ପ୍ରାଣ ହୁଏ ନାରଖାର।
ସ୍ନେହ ଶ୍ରଦ୍ଧା ହୀନ କଠିନ କଷଣ
ଦୁଃଖ କର୍ମଧାରା ଦେଖି ପ୍ରାଣ କାନ୍ଦେ ମୋର ।।୧୯୩



ଥଙ୍ଗା ଟାପରାରେ ହସିକି ଉଡାନ୍ତି
ଓଡିଶାର ଦୁଃଖ ଦୂରାରୋଗ୍ୟ ବ୍ୟାଧି କହି।
ଦୟା ଧର୍ମ ନାହିଁ ବିଦେଶୀ ଅନ୍ତରେ
ଶୋଷଣ କରନ୍ତି ସଦା ଉଚ୍ଚପଦେ ରହି ।।୧୯୪
ଏବେବି ଓଡିଆ ଦାଦାନ ଗୋଲାମ
ଗିରି କରୁଛନ୍ତି ନୀରବେ କଷଣ ସହି।
କପଟରେ ଆମ ସୁଖ ସମ୍ପଦକୁ
ଲୁଟି ନେଉଛନ୍ତି ଆମେ ଭାରତୀୟ କହି ।।୧୯୫
ଏକାଠି ହେବାକୁ ଡାକରା ନଦେଲେ
ଘୁଞ୍ଚିବନି କେବେ ଓଡିଆ ଜାତିର ଦୁଃଖ।
ଆର୍ଥିକ ସ୍ୱାଧୀନ ସମୃଦ୍ଧିଲାଗି
ସାହସ ପାଉନି ରଣପୁର ଠେଙ୍ଗା ଦେଖ ।।୧୯୬
ବନ୍ୟା ବାତ୍ୟା ଦାଉ ସାଧୁନି ଆମଠି
ଦାଉ ସାଧୁଛନ୍ତି ସର୍ବ ଭାରତୀୟ ପୁଅ।
ଗାନ୍ଧୀବୁଢ଼ା ସିନା କହିଯାଇଥିଲା
କିଏ ସେ ଦେଖୁଛି ଗରିବ ଆଖିର ଲୁହ ?୧୯୭
କେତେଦିନ ଆମେ ହାତପାତି ଭିକ
ମାଗୁଥିବା ବସି କହୁଥିବା ଦିଅ ଦିଅ।
ଥାଳ ପୂର୍ଣ୍ଣକରି ଦେବେ ନାହିଁ ଭିକ
କହୁଥିବେ ଏହିପରି ଭିକ ମାଗୁଥାଅ ।।୧୯୮
କିଛି ଗୋଡାଣିଆ ଚାଟୁକାର ଭାଇ
ପାଠଶାଠ ପଢ଼ି ଧରିଛନ୍ତି ଆମ ତଣ୍ଟି।
ଫିରିଙ୍ଗି ଫାନ୍ଦଠୁ ବଳି ୟାଙ୍କ ଫାନ୍ଦ
ଫିଟିବନି କେବେ ପଛୁଆ ଲୋକଙ୍କ ପାଟି ।।୧୯୯
ସ୍ୱାଧୀନତା ନାମେ ଶୋଷଣ କରନ୍ତି
ମଙ୍ଗରାଜପରି ପାଳୁଥାନ୍ତି ଏକାଦଶୀ।
ଦୁଃଖୀ ରଙ୍କଙ୍କର ପରମ ବନ୍ଧୁ ଏ
ଦେଶ ଜାତିଲାଗି ପ୍ରାଣ ଦେବେ ହସି ହସି ।।୨୦୦

ଆ ଅନ୍ନ ହା ଅନ୍ନ କହି ବୁଲୁଥିବୁ
ଯେତେ କଷ୍ଟହେଲେ ଘୁଞ୍ଚିବନି ଆମ ଦୁଃଖ ।
ସମସ୍ତେ ସମାନ କହିକି କପଟେ
କ୍ଷମତା ବଳରେ ଭୋଗୁଛନ୍ତି ସବୁ ସୁଖ ।।୨୦୧
ସ୍ୱଭାବ କବିଙ୍କ ସ୍ୱାଧୀନ ପ୍ରୀତି
ସ୍ୱାଧୀନ ଚେତନା ମନେପଡେ ମୋର ଆଜି ।
ମାନ ସନମାନ ସମୃଦ୍ଧିଲାଗି
କହେ କାନେ କାନେ ମୋହନ ବଂଶୀ ବାଜି ।।୨୦୨

## ବିଦାୟ

ଶୋକ ପାଶୋରା ତୋ ଅପସରା ରୂପ
ରହିଛି ସ୍ମୃତିରେ ଚିର ଅପାଶୋରା ହୋଇ ।
ତୋ ରୂପ ମାଧୁରୀ ମମତା ମନ୍ଦିର
ପ୍ରଣୟ ପୁଲକ ପରାଣ ନେଇଛି ମୋହି ।।୨୦୩
ଯୌବନ ଜଡିତ ମଧୁମୟ ରୂପ
କାନ୍ତି କିଶୋରୀର ମୁଗ୍ଧହୋଇ ଦେଖୁଥିଲି ।
ସଂସାରର ସବୁ ଦୁଃଖ ଶୋକ ରୋଗ
ବିଚ୍ଛେଦ ବୈରାଗ୍ୟ ବିବାଦ ବିତର୍କ ଭୁଲି ।।୨୦୪
ଛାଡି ଗଲାବେଳେ ସ୍ୱରେ ନାହିଁ ଭାଷା
କି'କହି ତୋଷିବି ଅଭିମାନୀ ମନ ତୋର ।
କର୍ମ କ୍ଳେଶ ଭୁଲି ଆସିବି ବାହୁଡି
ସାକ୍ଷୀ ମୋର ଏଇ ପ୍ରୀତିସିକ୍ତ ଅଶ୍ରୁଧାର ।।୨୦୫
ବିଦାୟ ବେଳାରେ ନିଃସ୍ୱ ନୀରବରେ
ମାଗୁଛି ମେଲାଣି ଘେନ ଅଶ୍ରୁ ଉପହାର ।
ପୁର୍ନମିଳନର ଆଶାରେ ଉଜ୍ଜ୍ୱଳ
ଏ'ତ ମୁକ୍ତାମାଳ ପ୍ରିୟଜନ ହୃଦ ସାର ।।୨୦୬



ମଧୁମୟ କବିବଧୂ ସାଥେ ବୁଲି
ଦେଖୁଥିଲି ତୋର ହୃଦୟ କମଳ କଳି ।
ପ୍ରୀତି ପୀୟୂଷରେ ପ୍ରୀତିପର୍ଣ୍ଣା ପ୍ରାୟ
ଉଚ୍ଛ୍ୱସିତ ଧରା ପଡୁଛି କ୍ଷଣେ ଉଛୁଳି ।।୨୦୭
ଆନନ୍ଦ ସଙ୍ଗୀତେ ଆହ୍ଲାଦିତ ଧରା
ଅନୁରାଗମୟ ଲଳିତ ମୂର୍ଚ୍ଛନା ଧାରା ।
ପ୍ରୀତିମଗ୍ନା କବିବଧୂ'କି ବିଭରେ
ଦେଇଥିଲେ ମୋର ବାହୁ ବନ୍ଧନୀରେ ଧରା ।।୨୦୮
କୃଷ୍ଣ କଟାକ୍ଷରେ କୃଷ୍ଣଘନ ସମ
କମନୀୟ କାନ୍ତି ଛଟାରେ ମାଦକ ମୋହ ।
ଦୂର ପାହାଡର କୃଷ୍ଣାଭ କଟୀରେ
ମେଘ ମେଦୂରରେ ମୁଖରିତ ଅହରହ ।।୨୦୯
ଅନନ୍ତ ପ୍ରୀତିରେ ପ୍ରାଣମୟୀ ଯେବେ
ଉଷ୍ଣ ଅନୁରାଗେ ଚାହିଁଥିଲା ଚୁମି ଚୁମି ।
କ୍ଷଣପ୍ରଭା ପାଶେ ଦୂର ଆକାଶରେ
ଅକାତରେ ମେଘ ଝରୁଥିଲା ଝୁମି ଝୁମି ।।୨୧୦
ରସଘନ ସମ ରକ୍ତମାଂସ ପ୍ରାଣ
କି ଭାବେ ବିଭୋରେ ପଡୁଥିଲା ଝରି ଝରି ।
ରୋମାଞ୍ଚିତ ଚିତ ମହାଚେତାନର
ମାୟାରେ ଛାୟାରେ ବିଡମ୍ବିତ ବିଶ୍ୱପରି ।।୨୧୧
ଚିନ୍ମୟ ସ୍ମୃତିରେ ସ୍ୱତଃ ସଞ୍ଜୀବିତ
ଅମିୟ ଚେତନା ଦୀପ୍ତ ଆଲୋକ ଧାରା ।
ଶାଶ୍ୱତ ପ୍ରୀତିର ସ୍ନେହସ୍ନିଗ୍ଧ ସ୍ୱର୍ଶ
ମୁଗ୍ଧା କିଶୋରୀର ମୁହଁ ଦିଶୁଛି କି ତୋରା ।।୨୧୨
ମନ ରାଇଜର ରାଜା ରାଜା ବୋଲି
ଡାକୁଥିଲା ଯେବେ ଅନୁରାଗ ବୋଳି ବୋଳି ।
ଗୋଳି ହେଉଥିଲେ ମିଠା ମମତାରେ
ଧରୁଥିଲା ଧୀରେ ଆନନ୍ଦ ଉଲ୍ଲାସେ ତୋଳି ।।୨୧୩

ନରମ ଲୁହର ନୀରବ ଦ୍ୟୁତିରେ
ବିନ୍ଦୁ ବିନ୍ଦୁ ମୁକ୍ତା ଖସୁଥିଲା ଯେବେ ଆଖିରେ ।
କରୁଣା କଟାକ୍ଷେ କବିବଧୂ ମୋର
କହୁଥିଲା ଧରି ଧନ୍ୟ କବି ଧନ୍ୟ ସଖୀରେ ।।୨୧୪
ପ୍ରଣମ୍ୟ ପ୍ରଣୟୀ ସୁଖ ମନାସନ୍ତେ
ଅପୂର୍ବ ରାଗରେ ମୁଖେ ମମତାର ଛଟା ।
ଧନ୍ୟ କବିପ୍ରାଣ କବିବଧୂ ଲାଗି
ପୋଛୁଥିଲେ ଯେବେ ନିନ୍ଦାଗାଳି ଲଜ୍ଜା ଛିଟା ।।୨୧୫
ନିଷ୍କାମ ପ୍ରଣାମ କବିବଧୂ ଘେନ
କାଳକାଳ ଲାଗି କାଳଜୟୀ ତୁମେ ମହିରେ ।
ତୁମେ ମନ୍ଦିର ସେ'ତ ମୁଖଶାଳା
ମୁଁ ତ ସୃଜନୀର କାଳ କାଟେ ତୁମ ପୂଜାରେ ।।୨୧୬
ପୁଲକ ମୂଳକ ଆଲୋକ ଝଲକ
ପ୍ରାଣେ ମୁଖରିତ ମଧୁ ମଙ୍ଗଳ ମୂର୍ଚ୍ଛନା ।
ମଧୁମୟ ଦୃଶ୍ୟ ପ୍ରାଣମୟ ବିଶ୍ୱ
ପ୍ରକୃତି ରାଣୀର ଶିବ ସୁନ୍ଦର ଅର୍ଚ୍ଚନା ।।୨୧୭
ଅନନ୍ତ ଆକାଶେ ରାଶି ରାଶି ଜ୍ୟୋତି
ନଭଶ୍ଚୁମ୍ବୀ ନୀଳ ଶଇଳେ ଯାହାର ଲୀଳା ।
ଚମତ୍କାର ଚାରୁହାସିନୀ ଚପଳା
ବଉଦ ମାଳରେ ଲାସ୍ୟମୟୀ ନୃତ୍ୟଲୀଳା ।।୨୧୮
ବର୍ଣ୍ଣୋତ୍ସବମୟ ଆଲୋକ ଅନ୍ଧାର
ମିଳନର ମଧୁ ମଙ୍ଗଳ ଗୀତିକା ଗାଇ ।
ପୁଷ୍ପିତା ପ୍ରକୃତି ପ୍ରୀତି ପ୍ରଦାନରେ
ବର୍ଣ୍ଣାଢ୍ୟ ବର୍ଣ୍ଣିଳ ମନ୍ତ୍ରମୁଗ୍ଧ ପ୍ରାଣ ଛୁଇଁ ।।୨୧୯
ସବୁଜ ଶ୍ୟାମଳ କେଦାର କାନନ
ରସମୟ ରଙ୍ଗ ରମଣୀୟ ରୂପକାନ୍ତି ।
ନବବଧୂ ବେଶେ ନବ ନବ ରଙ୍ଗେ
ଆସୁଥିଲା ଧାଇଁ ଆଖିରେ ଓଠରେ ଆଙ୍କି ।।୨୨୦



ମିଠା ମର୍ମସ୍ପର୍ଶୀ ମମତା ସ୍ନିଗ୍ଧ
ଦୁଗ୍ଧ ଫେନୀଳ ଆନନ୍ଦ କଲ୍ଲୋଳ ଧାରା ।
ମାୟା ବନ୍ଧନରେ ବାସ୍ନା ବିଭୋର
ମହାକାବ୍ୟ ପରି ଚିତ୍ର ବୈଚିତ୍ର୍ୟରେ ଭରା ।।୨୨୧
କଳା କଳ୍ପନାର ତୁଳିରେ ତୁଳିରେ
ରଙ୍ଗ ବୋଳିଛି ଚିର ଲାସ୍ୟମୟୀ ସୃଜନୀ ।
ଅରୁଣ ରାଗରେ ଅନନ୍ତ ନୀଳିମା
ବନ୍ଦନା କରେ ନୀଳ ଅମ୍ବର ଅବନୀ ।।୨୨୨
ପ୍ରୀତି ପ୍ରାଚୁର୍ଯ୍ୟର ଚିରନ୍ତନ ଧାରା ନୈସର୍ଗିକ
ଶୋଭାର ଭଣ୍ଡାର ନୈସର୍ଗିକ ନୀଳୋତ୍ପଳ ।
ମଙ୍ଗଳମୟ ସୌନ୍ଦର୍ଯ୍ୟମୟ
ସଙ୍ଗୀତମୟ କଳକଳ ଢ଼ଳଢ଼ଳ ।।୨୨୩
ଉତ୍ସବ ମୁଖର ନୀଳ ନିର୍ଝରିଣୀ
ନୀଳ ଉପତ୍ୟକା ମିଠା ମିଠା କଳରବ ।
ସ୍ନେହ ଛଳଛଳ ଚଳଚଞ୍ଚଳ
ପ୍ରାଣ ଚଞ୍ଚଳ ଉଛଳ ଅନୁଭବ ।।୨୨୪
ପରମ ପବିତ୍ର ପ୍ରୀତ ପୁଲକିତ
ଶୁଭ ଶାଶ୍ୱତ ଚୈତନ୍ୟମୟ ଚେତନା ।
ପ୍ରାଣ ପ୍ରାଚୁର୍ଯ୍ୟର ଅସରନ୍ତି ଉତ୍ସ
ପଞ୍ଚାମୃତପରି ପଞ୍ଚଭୂତ ପୂତ ରଚନା ।।୨୨୫
ମହାମିଳନରେ ଭକ୍ତି ଭାବନାରେ
କବି କବିବଧୂ ବିଭୁ ଚେତନାରେ ବିଭୋର ।
ଆତ୍ମା ପରମାତ୍ମା ପରମ ସଂଯୋଗ
ଭଳି ସଂଜୀବିତ ଅଲିଭା ସ୍ମୃତିର ସ୍ୱାକ୍ଷର ।।୨୨୬
ବର୍ହିମୁଖୀ ଆଖି ଅର୍ନ୍ତମୁଖୀ ମନ
ଦେଖୁଥିଲା ଦିବ୍ୟ ଜୀବନ ଜାହ୍ନବୀ ଉତ୍ସ ।
ପ୍ରିୟମ୍ବଦା ସାଥେ ପ୍ରୀତିପର୍ବ ପାଳି
ଉଚ୍ଛୁଳେ ଆନନ୍ଦେ ଅନନ୍ତ ଉଲ୍ଲାସ ହର୍ଷ ।।୨୨୭

ପୁଣ୍ୟତୋୟା ପ୍ରୀତି ଗୌରବ ସୌରଭ
ବିଭୁ ବନ୍ଦନାରେ ଚିରନ୍ତନ ଗରୀୟାନ ।
ମହୋଦଧି ମନ ମହାଚେତନାରେ
ଅମୃତମୟ ଅମ୍ଳାନ ଅନୁପମ ।।୨୨୮
ହାତଗଣ୍ଠି ନୁହେଁ ହୃଦୟର ଗଣ୍ଠି
ଗଣ୍ଠିଧନ ଲାଗି ଜନ୍ମ ଜନ୍ମାନ୍ତରେ ମୋର ।
ମୋହନ ମୂରଲୀ ଧ୍ୱନି ଶୁଣିବାକୁ
ନାଚି ଉଠୁଥିବ ପ୍ରୀତ ପ୍ରାଣତନ୍ତ୍ରୀ ତୋର ।।୨୨୯
ତିକ୍ତ ମଧୁର ବେଦନା ବିଧୂର
ମୁଗ୍ଧ ଜୀବନର ଅନୁପମ ଅନୁଭବ ।
ଶୁଭ ସାରସ୍ୱତ ଭାବ ଚେତନାର
ଧୂପ ମହକରେ କାବ୍ୟମୟ ରୂପରାଗ ।।୨୩୦
ଶୁଣିବାକୁ ନିତି ନୀରବରେ ବସି
ମଧୁର ମାର୍ମିକ ଧ୍ୱନିତ ମୂର୍ଚ୍ଛନା ବେଣୁ ।
ଦେଖିବାକୁ ସ୍ୱତଃ ସ୍ୱସ୍ୱ ବର୍ଣ୍ଣ
ବିଭାରେ ଭାସ୍ୱର ଶତଦଳ ସ୍ୱର୍ଣ୍ଣରେଣୁ ।।୨୩୧
ଦିବ୍ୟ ଦେବଶିଶୁ ବିକସିତ ସ ।
ବୌଦ୍ଧିକ ବିଭବେ ଦେଇଛି କି ଆତ୍ମଝାସ ।
ଅନିନ୍ଦ୍ୟ ଆନନ୍ଦ ପ୍ରୀତିପୂର୍ଣ୍ଣା କୋଳେ
କାଳ କାଟିବାକୁ ଋତୁଚକ୍ର ବର୍ଷ ମାସ ।।୨୩୨
ନିବିଡ ପ୍ରୀତିର ନୀରବ ସାନ୍ନିଧ୍ୟେ
ଲଭିଛି ଯେ ନର ମମତାର ମହୀରୁହ ।
କାଳକାଟି ବଞ୍ଚେ ଅତିଥିଟେ ହୋଇ
ମର ସଂସାରରେ ମାୟା ବନ୍ଧନର ମୋହ ।।୨୩୩
ମମତା ସ୍ନିଗ୍ଧ ମଙ୍ଗଳମୟ
ମୁକ୍ତି ମୁଖର ଜୀବନର ଜୟଗାନ ।
ସବୁଜ କ୍ଷେତର ହିରଣ୍ମୟ କାନ୍ତିରେ
ଦୀପ୍ତ ଆକାଶ ଦୂର ପାହାଡର ବନ୍ଧନ ।।୨୩୪



ଆଶା ଆନନ୍ଦର ମୁଗ୍ଧ କଳରବ
ମୁକ୍ତ ବିହଙ୍ଗମ କାକଳି ପଡୁଛି ଝରି ।
ମୁକୁଳା କ୍ଷେତର ମହକ ଖେଳୁଛି
ଶୀତଳ ସମୀର ଶିହରଣ ଶିରିଶିରି ।।୨୩୫
ଆହା କି ସୁନ୍ଦର ନୀଳ ଆକାଶରେ
ନରମ ମେଘର ହାତୀ ଘୋଡା ରଜା ବେଶ ।
ସାନ୍ଧ୍ୟ ଭ୍ରମଣରେ ସବିତା ସୁନ୍ଦରୀ
ରାଜଜେମା ରାଜ-ସୁବର୍ଣ୍ଣ ଉଆସେ ବାସ ।।୨୩୬
ସବୁଜ ସକାଳ ସୁନ୍ଦର ସକାଳ
ସ୍ୱର୍ଣ୍ଣିମ ସକାଳ ଆଶାରେ କି ସମୁଜ୍ଜ୍ୱଳ ।
ମୁକ୍ତିକାମୀ ଆତ୍ମା ମୁକ୍ତିର ମରାଳ
ହୃଦୟେ ବୋଳିଛି ଦିବ୍ୟ ପ୍ରୀତିର ପରଳ ।।୨୩୭
ନୀଳକନ୍ଦରେ ବିଶ୍ୱସୁନ୍ଦରୀ
ସଜାଇଛି ଯତ୍ନେ ସତ୍ୟ-ଶିବ ପୂଜାଲାଗି ।
ମହାମିଳନର ମିଳନ ବାର୍ତ୍ତା
ବିଶ୍ୱ ଗାଉଛି ନଶ୍ୱର ଯାଏ ଭାଜି ।।୨୩୮
ଶୁଭ୍ର ଶ୍ୱେତପଦ୍ମ ସ୍ୱର୍ଗ ପାରିଜାତ
ଫୁଟିଛିକି ନୀଳ ଶଇଳ ସଲୀଳ ଧାରେ ।
ଭୁବନ ମୋହିନୀ ରୂପ ଭୁବନରେ
ବିଭୋରେ ଖେଳୁଛି ସ୍ନିଗ୍ଧା ସ୍ୱାତୀସ୍ୱାମୀ କରେ ।।୨୩୯
ଯାର ଚେତନାରେ ରୂପ ତରଙ୍ଗରେ
ନାଦରେ ବ୍ରହ୍ମରେ ମଧୁ ମାଙ୍ଗଳିକ ଧ୍ୱନି ।
ଚିନ୍ମୟ ଚେତନା ହିରଣ୍ମୟ ଲାବଣ୍ୟ
ଅରୁଣ ଉଷାର ଅନୁପମ ପଦଧ୍ୱନି ।।୨୪୦
ପ୍ରଣୟ ପ୍ରୟାସୀ ସୌନ୍ଦର୍ଯ୍ୟ ପିୟାସୀ
ଦେବୋପମ ଦୀପ୍ତି ଦ୍ୟୁତିରେ ଦେଦୀପ୍ୟମାନ ।
ଅନୁପମ ଶୋଭା ସୁଧା ସାୟାହ୍ନରେ
ବିଚିତ୍ର ବର୍ଣ୍ଣିଳ ଅନୁସୂର୍ଯ୍ୟା ଅଂଶୁମାନ ।।୨୪୧

କମନୀୟ କାନ୍ତି କଳ୍ପନା ବିଳାସ
କଳାତ୍ମକ ପୁଟେ ପଡିଛି ଯୁବା ଉଛୁଳି ।
ସ୍ରୋତସ୍ୱିନୀ ସ୍ୱନ ଗିରି ଗହ୍ୱରରେ
ନାୟିକା ନର୍ତକୀ ନୂପୁର ନିକ୍ୱଣ ଭଳି ।।୨୪୨
ଚୋରା ଚଇତିର ଚପଳ ସ୍ପର୍ଶରେ
ସ୍ନିଗ୍ଧ ଚନ୍ଦ୍ରକରେ ଲାସ୍ୟମୟୀ ଚନ୍ଦ୍ରମୁଖୀ ।
ଚାରୁ ଚପଳାର କନକ କାନ୍ତିରେ
କୃଷ୍ଣା କାଦମ୍ବିନୀ ଝଲସି ଉଠନ୍ତେ ଦେଖି ।।୨୪୩
ଲୋଭନୀୟ ରୂପ ଲାବଣ୍ୟର ଛଟା
ଦେଖନ୍ତେ ଦୂରରୁ ମୁନି ଋଷି ଲୋଭାନ୍ୱିତ ।
ମୌନ ଧ୍ୟାନ ଛାଡି ପ୍ରୀତି ଆନନ୍ଦରେ
ସୁଷମା ସାଗରେ ଆତ୍ମୋଚ୍ଛ୍ୱାସ ଦେବେ ସତ ।।୨୪୪
ସ୍ୱର୍ଣ୍ଣିମ ଲଲାଟ ସୁଶୋଭିତ କେଶ
ରଙ୍ଗିଣୀ ଅଧର ଲଜ୍ଜାରକ୍ତ ଗଣ୍ଡଦେଶ ।
ତୋଫା ଗୋରା ସ୍ତନମଣ୍ଡଳେ ଚନ୍ଦ୍ରିକା
ଝୀନ ବସନରେ ପୁଷ୍ପିତ ଲାବଣ୍ୟ ବେଶ ।।୨୪୫
କୃଷ୍ଣ ଭ୍ରମରର ପ୍ରୀତି ଚାତୁରୀରେ
କୃଷ୍ଣ କଟାକ୍ଷ କି ଭଳିଯିବ ଅଛି ଭ୍ରୂଲତା ।
ଲଜ୍ଜା ଅବନତ ଆଖିରେ ଇସାରା
କରିବାକୁ ଥରେ ଆତିଥ୍ୟ ଆଦର ବାରତା ।।୨୪୬
ମନେପଡେ ସଖୀ ବିଦାୟ ବେଳାରେ
ବେଦନା ବିଧୁର ମଧୁର ମାର୍ମିକ ହସ ।
ଛଳଛଳ ଆଖି ଅକୁହା ଲୋତକ
ନୀରବ ଚାହାଣି ଶ୍ୱାସରୁଦ୍ଧ ଦୀର୍ଘଶ୍ୱାସ ।।୨୪୭
ସ୍ନେହ ସରାଗରେ ମିଠା ମମତାରେ
ଖୋଇ ଦେଉଥିଲ ବଳେଇ ବଳେଇ ପିଠା ।
ପ୍ରୀତି ଆବେଗରେ ଖାଉଥିଲି ଯେବେ
ଚାହୁଁଥିଲ ହୋଇ ଧାନକ୍ଷେତ ନଦୀପଠା ।।୨୪୮



ସ୍ନେହ ଶୀତ୍କାରରେ ଶିହରୀ ଶିହରୀ
ଧରିଥିଲି ତୋର ଗୋରା ଗୋରା ତନୁ ହାତ ।
ମନ୍ତ୍ରମୁଗ୍ଧ ମନ ନିବିଡ ପ୍ରୀତିରେ
ନୀଳ ଆକାଶରେ ସ୍ୱତଃ ପୁଲକିତ ସ୍ମିତ ।।୨୪୯
ଭୀତିପ୍ରଦ ଭାରି ଭାରି ସ୍ତନଦେଶ
ଭରା କି ବିଭବେ ଥରୁଥିଲା ଦେଖି ପ୍ରାଣ ।
ଏତେ ଯତନରେ ରଖିଛି ଏ ରତ୍ନ
ଚୋରାଧନ ନିଶ୍ଚେ ନେଲେ ନାହିଁ ପରିତ୍ରାଣ ।।୨୫୦
ଆଦ୍ୟ ଯୌବନରେ ଲାବଣ୍ୟମଣ୍ଡିତ
ଲୋଭନୀୟ ତନୁ କମନୀୟ କୃଷ୍ଣଆଖି ।
ସ୍ୱର୍ଗୀୟ ସୁଷମା ଶାଶ୍ୱତ ଆନନ୍ଦ
ଭରା ଅପାଶୋରା କବିପ୍ରାଣ ଦେଖି ଦେଖି ।।୨୫୧
ମାଂସଳ ମେଦୁର ତନୁବଲ୍ଲରୀରେ
ପ୍ରୀତିର କବିତା ଦେଇଥିଲା କିଏ ଲେଖି ?
ଅସରା ଶୋଭାର ପୀୟୂଷ ପସରା
ପାନେ ପ୍ରିୟତମ ଚିରନ୍ତନ ଧନ୍ୟ ସଖୀ ।।୨୫୨
ଚନ୍ଦ୍ରମା ଚାହିଁ ପୁଷ୍ପିତା କଇଁ
ଓଠରେ ଅରୁଣ ରସଘନ ପ୍ରେମ ସୁଧା ।
ପାହାନ୍ତି ପହରେ ଅଗଣ୍ଡ ଜଳରେ
ରାଧିକା ବିଥିକା ନମାନି ବିରହ ବାଧା ।।୨୫୩
ଜୋଛନା ବିହୁନେ ବିରହ ବ୍ୟଥାରେ
ଝାଉଁଳି ପଡିଛି ନାଲି ଟୁକ ଟୁକୁ ମଥା ।
ବାକି ରହିଅଛି ଖିଆଲି ମନର
ଅକୁହା ଅସରା କେତେ ଲାଜନୀଳ କଥା ।।୨୫୪
ଗୋଧୂଳି ଲଗନେ ବାରୁଣୀ ଗଗନେ
ନୀରବେ ସବିତା ଯାଉଥିଲା କଥାଦେଇ ।
କୋଟି ଲାବଣ୍ୟର କୀର୍ତି ଶତଦଳ
ବିରହ ବିରସେ ଚାହିଁଥିଲା ମ୍ଳାନହୋଇ ।।୨୫୫

ନିଷିଦ୍ଧ ହୃଦୟ ନିଧି ନୀଳପଦ୍ମ
ଲୋଟିଗଲା ଦେଖି ଅଭିମାନେ ଅନୁରାଗେ ।
ପୋଛୁଥିଲା ଅଶ୍ରୁ ଶ୍ୱେତ ପୀତ କରେ
ପ୍ରିୟମ୍ବଦା ସ୍ୱତଃ ସମର୍ପିତ ପ୍ରୀତିରାଗେ ।।୨୫୬
ବିଦାୟୀ କୃଷ୍ଣର ବେଳ ବିଳମ୍ବିତ
ଦେଖି ବିଡମ୍ବିତ ଅଶ୍ରୁମୁଖୀ ରାଧାଆଖି ।
କୃଷ୍ଣମୟ ମନ କୃଷ୍ଣବିନା କ୍ଷଣେ
ଯେହ୍ନେ କୃଷ୍ଣଘନ ଆତଙ୍କେ ଯାଇଛି ସୁଖି ।।୨୫୭
ସ୍ୱପନ ପ୍ରବଣ ସୁକୁମାରୀ ମନ
ସହସା ବିପଦେ ଝୁରେ କୃଷ୍ଣନାମ ସ୍ମରି ।
କିଭାବେ ବିଧାତା ଲେଖିଛି ତା'ବ୍ୟଥା
ଅଦ୍ଭୁତପୂର୍ବ ଏ ଦିଶେ ଅମାବାସ୍ୟା ପରି ।।୨୫୮
ତମାଳ ବିଥିକା ପ୍ରାୟ କି ରାଧିକା
ତନୁବଲ୍ଲରୀରେ ସ୍ଥିର କାଳ ମହାକାଳ ।
କୃଷ୍ଣ ଗଣ୍ଠିଧନ କ୍ଷଣିକେ ଉଚ୍ଛନ୍ନ
କୃଷ୍ଣବିନା କ୍ଷଣେ କ୍ଷୀଣ ତୃଣ ଅସମ୍ଭାଳ ।।୨୫୯
ପ୍ରୀତିସ୍ନାତ ବିନା ବିରହ ବେଦନା
ବୁଝିକେ ପାରିବ ପ୍ରୀତିସିକ୍ତ ପ୍ରାଣପୀଡା ?
କୌମୁଦୀ ଚର୍ଚ୍ଚିତ ଶୀତଳ ଚନ୍ଦନ
ଜଳରେ ଜ୍ୱଳନ ହେଲେ ପ୍ରାଣ ପ୍ରୀତିପୋଡା ।।୨୬୦
ମରଣ ଠୁ ବଳି ମର୍ମାନ୍ତିକ ଦୃଶ୍ୟ
ଦେଖୁଥିଲା ବିଶ୍ୱ ନୀରବରେ ମୌନହୋଇ ।
ଚୁମୁଥିଲେ ଯେବେ ଶ୍ରୀକୃଷ୍ଣ ଶ୍ରୀରାଧା
ଆକାଶରୁ ଅଶ୍ରୁ ଖସୁଥିଲା ମୁକ୍ତାହୋଇ ।।୨୬୧
ତୋଳିଧରି କରେ ପ୍ରୀତି କଳିକାରେ
ଆଙ୍କୁଥିଲେ ପ୍ରୀତି ଆଖିରେ ମିଶାଇ ଆଖି ।
ସ୍ୱଧର୍ମେ ବିଦାୟ ଦିଅ ଗୋ ସଧୀରେ
ଫେରିଆସିବି ମୁଁ ଅଛି ଅନ୍ତରୀକ୍ଷ ସାକ୍ଷୀ ।।୨୬୨



କୋମଳ ପ୍ରାଣରେ କଠୋର କଥା ଏ
କହୁଥିଲେ ଯେବେ ମମତାରେ ଥରି ଥରି ।
କରୁଣ ରାଗରେ କରୁଣା କଟାକ୍ଷ
ଭିଜୁଥିଲା ଧୀରେ ପ୍ରାଣ ଯାଏ ସରି ସରି ।।୨୬୩
ପୋଛୁଥିଲେ ଅଶ୍ରୁ ଉଷ୍ଣ ପାପୁଲିରେ
ପିଉଥିଲେ କ୍ଷଣେ ପ୍ରୀତିସୁଧା ପ୍ରାଣଭରି ।
ଆଲିଙ୍ଗନ ବନ୍ଧ ବାହୁବନ୍ଧନୀରୁ
ମୁହୂର୍ତ୍ତେ ମୁକୁଳି ଯାଉଥିଲେ ଅପସରି ।।୨୬୪
ଧାଉଁଥିଲେ କୃଷ୍ଣ ପ୍ରାଣସଖୀ କହି
ଧରୁଥିଲେ ଧୀରେ ଅବାଧ୍ୟ ଆୟତ ହାତ ।
ତୁମ ହୃଦ କାରା ଲଘିଂଚି କାହିଁ ?
ବିଦାୟ ଦିଅ ଗୋ ବେଳ ହୁଏ ରତ ରତ ।।୨୬୫
ନୀରବେ ଅଶ୍ରୁ ଲଘୁଂଥିଲା ଦୁଇ
ପ୍ରଣୟୀ ହୃଦୟ ବିଦାୟର ଗୀତି ହୋଇ ।
ନଶ୍ୱର ପ୍ରୀତିରେ ଏତେ ମିଠା ମାୟା
ମହୋଦଧି ମନ ଯାଇଥିଲା ଶାନ୍ତ ହୋଇ ।।୨୬୬
ମନେପଡେ ଆଜି ମରାଳ ମାଳିନୀ
ଲାଜନୀଳ ତନ୍ୱୀ ଚିଲିକା ବିରହେ କବି ।
ଢ଼ାଳିଥିଲେ ଅଶ୍ରୁ ନୀରବରେ ଯେବେ
ପ୍ରେୟସୀ ଆଖିରେ ଆଙ୍କିଥିଲେ ପ୍ରାଣଛବି ।।୨୬୭
ତୋ ପଶ୍ଚିମ ତୀରେ ପଶ୍ଚିମ ଜୀବନ
କାଟିବାକୁ ବସି ଯତନେ ଜଟିଆ କୂଳେ ।
ରତ୍ନ ଭଣ୍ଡାରରୁ କାବ୍ୟ ରତ୍ନସାର
ସାଉଁଟି ରଖିବେ ଉତ୍କଳ ଭାରତୀ କୋଳେ ।।୨୬୮
ଉତ୍କଳ ଐଶ୍ୱର୍ଯ୍ୟା ଭୂସ୍ୱର୍ଗ ଚିଲିକା
ପ୍ରୀତି ଆହ୍ଲାଦିନୀ ପ୍ରୀତି ପୁଣ୍ୟମୟୀ ଲାଗି
ପ୍ରଣାମ ଜଣାଏ କଲ୍ୟାଣୀୟା ପାଦେ
ଧନ୍ୟ ଏ ଜୀବନ ପ୍ରୀତିରେ ପାଲଟି କବି ।।୨୬୯

ଐଶ୍ୱର୍ଯ୍ୟ ବିଳାସ ଭୂମି ଲୀଳାଭୂମି
ଆନନ୍ଦ ସମୁଦ୍ର ବୈକୁଣ୍ଠ ସୁଷମା ମାୟା
ପୁଣ୍ୟଶ୍ରୀ ଶୋଭାଶ୍ରୀ ସୌମ୍ୟା ସୁହାସିନୀ
ବିଶ୍ୱ କଲ୍ୟାଣୀୟା ବିଶ୍ୱ ପ୍ରାଣ ବନ୍ଦନୀୟା ।।୨୭୦

———



## ସୁବର୍ଣ୍ଣା ଚିଲିକା-୨

ନୀଳୋରସ ପୂର୍ଣ୍ଣ ସଙ୍ଗୀତ ମୁଖର
ସୁବର୍ଣ୍ଣା ଚିଲିକା ନୈସର୍ଗିକ ଶୋଭାଶାଳା ।
ଏ ବିଶ୍ୱ ବୈଦୁର୍ଯ୍ୟ ରତ୍ନ ଶିରୋମଣି
ଝଲସେ ଉଲ୍ଲସେ ପିନ୍ଧିନୀଳ ରତ୍ନମାଳା ।। ୧
ଅପୂର୍ବ ଲଳନା ଅପୂର୍ବ ସୁଷମା
ଅପୂର୍ବ ମହିମା ଅପୂର୍ବ ଅପୂର୍ବା ହସ ।
ବିମୋହନ ବିମ୍ବାଧରୀ ରଙ୍ଗରସ
ଧନ୍ୟ ଧନ୍ୟ ରୂପ ଲାଳିତ୍ୟ ଲାବଣ୍ୟ ସ୍ୱର୍ଶ ।। ୨
ଅପାର୍ଥିବ ତୋର ନୀଳ ତନୁ ତୀର୍ଥ
ଐଶୀ ଆଲୋକରେ ଉଚ୍ଛ୍ୱସିତ ଉଦ୍ଭାସିତ ।
ତୁହି ଅର୍ଣ୍ଣପୂର୍ଣ୍ଣା ଅମୃତ ଭଣ୍ଡାର
ଚିର କଲ୍ଲୋଳିତ କଳରବ ମୁଖରିତ ।। ୩
ଦିବ୍ୟ ଶଭ୍ର ଆଭା ନୀଳ ସ୍ୱର୍ଣ୍ଣଶୋଭା
ଦେଖିକି ଅପସରା ସ୍ୱର୍ଣ୍ଣଦୀ ସ୍ୱର୍ଣ୍ଣାଦ୍ରି କୋଳେ ।
ସାନନ୍ଦ ଗଦ୍‌ଗଦ୍ ଉର୍ବଶୀ ଉନ୍ମନା
ସ୍ନାନ କେଳି ରତ ଆନନ୍ଦ ଉଚ୍ଛଳ ଜଳେ ।। ୪
ସ୍ୱର୍ଗ ସୁନ୍ଦରୀର ସୌନ୍ଦର୍ଯ୍ୟ ମିଳନେ
ମହା ସୌନ୍ଦର୍ଯ୍ୟର ଲହରୀ ଉଠିଲା କ୍ଷଣେ ।
ଦିଗ ଭାଗ ଭେଦି ଭୂମି ବ୍ୟୋମ ଖେଦି
ମିଶିଯାଏ ମହା ବିଶ୍ୱର କୋଣେ କୋଣେ ।। ୫

ନୀଳ ଐଶ୍ୱର୍ଯ୍ୟାର ନୀଳୋଜ୍ୱଳ ଶୋଭା
ଦେଖୁଥିଲେ ସ୍ୱର୍ଗେ ସୁବର୍ଣ୍ଣ ବୋଇତେ ଭାସି ।
ଦେବ ଦେବାଙ୍ଗନା ବିସ୍ମୟ ବିଭୋର
ହୋଇ ଫିଙ୍ଗୁଥିଲେ ସ୍ୱର୍ଣ୍ଣ ପୁଷ୍ପ ହସି ହସି ॥ ୬
ରୂପାମ୍ବିକା ରୂପ ବିଭା ଅପରୂପା
ଅପୂର୍ବ ସୃଜନ ନୀଳ ସ୍ୱର୍ଣ୍ଣ ବେଶ ବାସ ।
ଲାଗୁଛି ଏ ନିଶ୍ଚେ ସ୍ୱର୍ଗ କନ୍ୟା ଅବା
ଆସିଛି ଧରାକୁ ଧରି ତାର ରୂପ ଯଶ ॥ ୭
ଅସମ୍ଭବ ଲାଗେ ଏ ରୂପ ଐଶ୍ୱର୍ଯ୍ୟ
ଦିବ୍ୟ ଅଲୌକିକ ନୀଳ ସ୍ୱର୍ଣ୍ଣ ଶୋଭା ଜ୍ୟୋତି ।
ସର୍ଜନ ବିଳାସୀ ଅପୂର୍ବ ସର୍ଜନା
କୀର୍ତ୍ତି କରିସ୍ଥା ଏ ଗୋପନ ହୃଦୟ ପ୍ରୀତି ॥ ୮
ନୀଳାମ୍ବୁ ନାୟିକା ନୀଳମଣି ପ୍ରିୟ
ନୀଳାଭ ନୀଳିମା ନୀଳକଣ୍ଠ ଶୋଭା ଜିଣି ।
ନିହାର ନୂପୁର ନିହାରିକା ଦେଖି
ନୀଳ ସ୍ୱର୍ଗ ଶୋଭା ନିଏ ମନ ପ୍ରାଣ କିଣି ॥ ୯
ସ୍ୱର୍ଗୀୟ ସୁରମ୍ୟ ଶୋଭା ସୌକୁମାର୍ଯ୍ୟ
ଐଶ୍ୱର୍ଯ୍ୟ ଆହ୍ଲାଦ ଅପାର୍ଥିବ ଅନୁଭବ ।
ପୀୟୂଷ ପ୍ରତିମା ନୈସର୍ଗିକ ନୀଳ
ଉଜ୍ଜ୍ୱଳ ଔଜ୍ଜ୍ୱଲ୍ୟ ଆଭା ଦୀପ୍ତ ଦିବ୍ୟ ଭାବ ॥ ୧୦
ନୀଳ ଚନ୍ଦ୍ରଶାଳା ବର୍ଣ୍ଣାଳୀ ବିଭବ
ସ୍ୱତଃ ପ୍ରକଟିତ ନୀଳ ପ୍ରଭା ନୀଳ କୁଞ୍ଜୀ ।
ଦୁର୍ଲଭ ଦୃଶ୍ୟ ଏ ଦେଖୁଛି ନୟନ
ନୀଳ ଜ୍ୟୋତ୍ସ୍ନାମୟ ତେଜସ୍ୱିନୀ ତେଜ ପୁଞ୍ଜୀ ॥ ୧୧
ସ୍ୱର୍ଣ୍ଣପ୍ରସୂ ନୀଳ ଜଳ କି ଉଜ୍ଜ୍ୱଳ
ନୀଳ ବନ ବିଭା ଲାବଣ୍ୟ ମଞ୍ଜୁଳ ବେଶ ।
ନୀଳ ଲାବଣ୍ୟରେ ଢଳ ଢଳ ନୀଳ
ଐଶ୍ୱର୍ଯ୍ୟ ବଦନ ନୀଳ ଚନ୍ଦ୍ର ପୁଷ୍ପ ହାସ ॥ ୧୨



ଚିର କଲ୍ଲୋଳିନୀ ନୀଳାମ୍ବୁ ନୀଳିମା
ଝରୁ ପ୍ରୀତି ଗୀତ ଗୁଞ୍ଜନ ଧ୍ୱନି ନିକ୍ୱଣ
ସୁଧାସ୍ରାବୀ ସୁର ମାଧୁର୍ଯ୍ୟ ଝଙ୍କାର
ଦୁଃଖ ହରି ନିଏ ହୋଇ ମୃତ ସଞ୍ଜୀବନୀ ॥ ୧୩
ପୁଣ୍ୟମୟୀ ପ୍ରୀତି ସ୍ପର୍ଶ ପୁଲକରେ
ପୁଣ୍ୟ ଲଭିବାକୁ ପୟସ୍ୱାନ ପୟସ୍ୱିନୀ ।
ପ୍ରୀତି ପାର୍ବଣରେ ପୁଳିନ ପୁଷ୍କଳ
ପୀୟୂଷ ପ୍ଲାବନି ପ୍ରିୟମ୍ବଦା ଶୋଭାଗିନୀ ॥ ୧୪
ପ୍ରାଚୀ ଠୁ ପ୍ରତୀଚୀ ସର୍ବତ୍ର ଦିଶୁଚି
ମହୋତ୍ସବମୟ ନୀଳସ୍ୱର୍ଣ୍ଣ ସିଂହାସନ ।
ପ୍ରତ୍ୟୁଷ ପ୍ରଦୋଷ ଶୋଭା ଗନ୍ତାଘର
ହିରଣ୍ମୟ ଅରଣ୍ୟ ସ୍ୱୟଂମ୍ଭୂ ଦେଦୀପ୍ୟମାନ ॥ ୧୫
ନବୋଦିତ ରବି ଭବ୍ୟ ରୂପ ଛବି
ପୁଷ୍ପ ପଲ୍ଲବରେ ଲାଳିତ୍ୟ ଲାବଣ୍ୟ ପ୍ରଭା ।
ନବ ନବ ରଙ୍ଗ ଅବିର ବୁଣୁଛି
ଭୂଲୋକ ଦ୍ୟୁଲୋକ ଦିଶେ କେଡ଼େ ମନଲୋଭା ॥ ୧୬
ନଦୀ ହ୍ରଦ ମେଘ ବନବିଧି ବ୍ୟୋମ
ଭୂମଣ୍ଡଳ ବ୍ୟାପୀ ନୀଳ ଜ୍ୟୋତ୍ସ୍ନା ନୀଳ ନୀଳ ।
ଆନନ୍ଦ ପ୍ଲାବିତ ଜ୍ୟୋତ୍ସ୍ନା ପରିପ୍ଲୁତ
ଚାନ୍ଦିନୀ ଚର୍ଚ୍ଚିତ ଚିନ୍ମୟୀ ଚିଲିକା ଜଳ ॥ ୧୭
ଦୂରେ ଶୈଳ ଶ୍ରେଣୀ ତନ୍ୱୀ ତରଙ୍ଗିଣୀ
ତନ୍ଦ୍ରା ତନ୍ମୟତା ବିଭୋର ବିଳାସ ବାସ ।
ହରିତାୟମାନ ହରିଦ୍ରା ପ୍ରଲେପ
ବୋଲି କି ସୁନ୍ଦର ଶୋଭାମୟ ସୁପ୍ରକାଶ ॥ ୧୮
ପ୍ରଣାମ ଜଣାଏ ଉତ୍କଳ କମଳା
ଉତ୍କଳ ଜନନୀ ଉତ୍କଳ ଭାରତୀ ପାଶେ ।
ସ୍ନେହ ସେବା ପୁଣ୍ୟ ପ୍ରୀତି ଦାନେ ଧନ୍ୟ
ଆନନ୍ଦମୟୀ ସେ ନୀଳ ଆନନ୍ଦରେ ଭାସେ ॥ ୧୯

ପ୍ରତି ହୃଦୟରୁ ଦୁଃଖ ଶୋକ ଅଶ୍ରୁ
ମୁକ୍ତାମାଳି ମାଳ ରଖିଛି ଯତନ କରି ।
ପ୍ରୀତି ଦାନ କରି ପୀୟୂଷ ବିତରି
ପ୍ରାଣେ ପ୍ରାଣେ ଆଶା ଅନନ୍ଦ ଦେଇଛି ଭରି ॥ ୨୦
ସର୍ବ ପ୍ରିୟା ହୋଇ ଶୁଣିଛି ସଭିଙ୍କ
ବିଷାଦ ବିଳାପ ନେଇଛି ଦୁଃଖରେ ଭାଗ ।
ପ୍ରୀତି ହୃଦ ପୀଡ଼ା ବୁଝିକି ବହିଛି
ପ୍ରିୟମ୍ବଦା ହୋଇ ବାଢ଼ି ପ୍ରୀତି ଅନୁରାଗ ॥ ୨୧
ନଶ୍ୱର ପ୍ରୀତିର ମୋହ ମାୟା ଛାଡ଼ି
ନିର୍ଝରିଣୀ ପରି ଝରୁଛି ଆନନ୍ଦ ସ୍ରୋତେ ।
ସତ୍ୟ ଶିବ ଶାନ୍ତି ମଙ୍ଗଳ ସାଧନା
କଲ୍ୟାଣ କାମନା କରୁଛି ଆନନ୍ଦ ଚିତେ ॥ ୨୨
ସୃଜନ ବିଭୋର ପ୍ରେମିକ କବିର
କାବ୍ୟ ରୂପ ଶୋଭା କଳ୍ପନା ରାଇଜେ ଭାସି ।
ଦେଖୁଛନ୍ତି ସର୍ବେ ନୀଳ ସ୍ୱର୍ଗ ରୂପ
ନୀଳ ଲାବଣ୍ୟକୁ ନୀଳ ଜଳେ ହସି ହସି ॥ ୨୩
ସୁନୀଳ ବିସ୍ତାରୀ ସୁଷମା ଭଣ୍ଡାର
ସ୍ୱପ୍ନ କଳ୍ପନାର ଇନ୍ଦ୍ରଧନୁ ରଙ୍ଗ ରୂପ ।
ତନ୍ଦ୍ରାଭୂତ ସର୍ବେ ଦେଖି ତୋ ତନୁଶ୍ରୀ
ଭୁଲି ନିଜ ନିଜ ଭବ ଦୁଃଖ ଶୋକ ତାପ ॥ ୨୪
ଗଭୀର ନିଶୀଥେ ନାଗ କନ୍ୟା ମାନେ
ଆସି ତୋ କୋଳରେ ମାତିଥାନ୍ତି ନୃତ୍ୟ ଗୀତେ ।
ସୁବର୍ଣ୍ଣ ବୋଇତ ସୁରମ୍ୟ ପ୍ରାସାଦ
ରଙ୍ଗଶାଳା ପରି ଉତ୍ସବ ମୁଖର କେତେ ॥ ୨୫
ନାନା ରତ୍ନ ଆଭୁଷଣ କି ସୁନ୍ଦର
ସୁନ୍ଦରୀ ମେଳରେ ସୁବର୍ଣ୍ଣା ଚିଲିକା ଶୋଭା ।
ଆଶାନ୍ୱିତ ପ୍ରୀତି ଅମୃତ ଆସ୍ୱାଦେ
ଲଭିବାକୁ ପ୍ରାଣେ ଐଶ୍ୱର୍ଯ୍ୟ ଲାବଣ୍ୟ ପ୍ରଭା ॥ ୨୬



ମତ୍ସ୍ୟକନ୍ୟା ସବୁ ମହା ଆନନ୍ଦରେ
ଖେଳୁଥାନ୍ତି ଘୂରି ନୀଳଜ୍ୟୋସ୍ନା ମୟ ଜଳେ ।
ନୀଳ ଚନ୍ଦ୍ରପ୍ରଭା ପ୍ରତୀତ ହୁଅନ୍ତେ
ଅଭିଭୂତ ସର୍ବେ ଦେଖି ଇନ୍ଦ୍ରଲୋକ କୋଳେ ॥ ୨୭
ଚିର ବସନ୍ତର ଆନନ୍ଦ ଉଲ୍ଲାସ
ସ୍ପର୍ଶ ପୁଲକରେ ଫେନୀଳ ଉର୍ମିଳ ତନୁ ।
ନୀର ଭେଦି ନଦୀ ସାଗର ସୈକତ
ଉଦୟ ଉତ୍ସବ ମଗ୍ନ ନୀଳଚନ୍ଦ୍ର ଭାନୁ ॥ ୨୮
ନୀଳଜହ୍ନ ନୀଳ ଜୋଛନା ଢ଼ାଳୁଛି
ନୀଳମାଳା ପରି ନୀଳସ୍ୱପ୍ନ ବୁଣି ବୁଣି ।
ଭାସୁଛି ବଉଦ ନୀଳଜ୍ୟୋସ୍ନା କୁନ୍ଦ
ନୀଳ ତରଙ୍ଗରେ ଧନ୍ୟ ଲୋ ରଜନୀ ରାଣୀ ॥ ୨୯
ନୀଳ ଦର୍ପଣରେ ସ୍ୱର୍ଗୀୟ ଶୋଭାର
ଛବିଳ କବିତା ଲେଖିଛି ନୟନ ଧାରେ ।
ଅପ୍‌ସରା ଭୁବନ ସ୍ୱର୍ଗ ରାଜ୍ୟ ଶୋଭା
ସ୍ୱର୍ଣ୍ଣ ପଦ୍ମ ଆଭା ନୀଳ ନୀରବେଣୀ ପରେ ॥ ୩୦
ନୀଳ ସୌନ୍ଦର୍ଯ୍ୟର ବର୍ଣ୍ଣବିଭା ବୋଲି
ଲାବଣ୍ୟ ପଦ୍ମା କି ଅପୂର୍ବ ବିଳାସ ରସେ ।
ଶ୍ୟାମ ଛାୟା ହେମ ହରିଦ୍ରା ପ୍ରଲେପେ
ସ୍ନିଗ୍ଧ ଜଳଧାରା ନୀଳ ବୀଚିମାଳା ହସେ ॥ ୩୧
ନୀଳ ଆକାଶର ନୀଳ କି ଚୁମ୍ବୁଚି
ନୀଳ ସମୁଦ୍ରକୁ ଦେଖି ଦୂରେ ଚକ୍ରବାଳ ।
ଲାବଣ୍ୟ ନୀଳିମା ନୀଳ ଐଶ୍ୱର୍ଯ୍ୟକୁ
ଆସ୍ୱାଦନା କରି ଆନନ୍ଦରେ ଢ଼ଳଢ଼ଳ ॥ ୩୨
ଦଳ ଦଳ ହଂସ ହଂସରାଳି ମିଳି
ଆନନ୍ଦ ନୃତ୍ୟରେ ଗାଆନ୍ତି ମିଳନ ଗୀତ ।
ପ୍ରୀତି ଆତିଥ୍ୟରେ ଉତ୍ସବ ମୁଖର
ଦୁର୍ଲଭ ଦୃଶ୍ୟକି ଦେଖନ୍ତେ ବିମୁଗ୍ଧ ଚିତ୍ତ ॥ ୩୩

ସ୍ନିଗ୍ଧ ପୁଲକିତ ପ୍ରୀତି ସ୍ନିଗ୍ଧ ଜଳ
ଧାରାକି ଉଜ୍ଜ୍ୱଳ ଉଚ୍ଛ୍ୱସିତ ତୀରଭୂମି ।
କେତେ ରଙ୍ଗ ରସ  ନୀଳ ରୂପ ଯଶ
ଦେଖୁଥିଲି ମହା ଆନନ୍ଦରେ ଭ୍ରମି ଭ୍ରମି ॥ ୩୪
ସୁନ୍ଦର ପଣର ମହା ସୌନ୍ଦର୍ଯ୍ୟ ଏ
କାବ୍ୟମୟ ରସ କଳ୍ପନା ସମୁଦ୍ର ସୁଧା ।
ନୀଳ କାନ୍ତିମୟ ଶୋଭାର ନିଳୟ
ସୁଷମା ସର୍ବସ୍ୱ ମେ ିବାକୁ ରୂପ କ୍ଷୁଧା ॥ ୩୫
ଶ୍ୟାମଳ ଛବିଳ ନୀଳ ନୀଳତର
ତୀରଭୂମି ଜଳ ଦୂର ଦିଗ୍‌ବଳୟ ବ୍ୟାପୀ ।
ନୂଆ ନୂଆ ଦୃଶ୍ୟ  ଶୋଭାମୟ ଶୋଭା
ଶୋଭା ଗନ୍ତାଘରେ ସ୍ୱର୍ଣ୍ଣ ଅସ୍ତରାଗ ଲେପି ॥ ୩୬

## ମାଣିକପାଟଣା କା୍ ଅଭିଯାନ

କେତେ ଗିରି ଦୁର୍ଗ ଦେଉଳ ପ୍ରାଚୀର
ଦେଖିଥିଲୁ ତୀରେ ଯଶକୀ ି ପୁଣ୍ୟ ଗାଥା ।
ସମ୍ପଦ ସମୃଦ୍ଧ ନଗର ବନ୍ଦର
ପଣ୍ୟଶାଳା ପେଣ୍ଠ ଆଜି ଇତିହାସ କଥା ॥ ୩୭
ଦେଶ ବିଦେଶରୁ କେତେ ଗୁଣୀ  ଜ୍ଞାନୀ
ଆସି ଏହିପଥେ ଦେଖିତେ ସୁଷମାସ୍ୱର୍ଗ ।
ଧନ୍ୟମଣି ତଟେ ପ୍ରଣାମ ଜଣାଇ
ଫେରୁଥିଲେ ଦେଶୁ ଧନ୍ୟତୋର ଜଳମାର୍ଗ  ॥ ୩୮
ଜଳଯାତ୍ରା ପଥେ ସାଧବପୁଅକୁ
ମଙ୍ଗଳମନାସୀ ମେଲାଣୀ ଦେଇଛୁ ତୁହି ।
ଓଡ଼ିଆ ଜାତିର ଟେକ ରଖିବାକୁ
ବୋଇତ ବାଣିଜ୍ୟ ଲାଗିହେଲେ କାଳଜୟୀ ॥ ୩୯



ମନେପଡ଼େ ଦିନେ କା୍ ଅଭିଯାନେ
ଏଇ ପଥେ ଗଲେ ଓଡ଼ିଆ ପାଇକ ପୁଅ ।
ମାଣିକ ପାଟଣା ଗ୍ରାମ ଅଛି ସାକ୍ଷୀ
ଯୁଗ ଯୁଗ ଲାଗି ରହିଗଲା କଥା ଖିଅ ॥ ୪୦
ରନ୍ ମୁଦି ଦେଇ ସ୍ୱୟଂ ମହାପ୍ରଭୁ
ଯୁଦ୍ଧ ଯାତ୍ରା କାଳେ ଦହି ଖାଇ ବୀର ବେଶେ ।
କଳା ଧଳା ଘୋଡ଼ା ଚଢ଼ି ଦୁଇଭାଇ
ମହା ଘୋର ରଣେ ଲଢ଼ିଥିଲେ କା୍ ଦେଶେ ॥ ୪୧
ଚଣ୍ଡାଳ ରାଜାର ଚଣ୍ଡାଳ ଠାକୁର
କା୍ ନରପତି ଦେଇଥିଲା ଅପମାନ ।
ପଦ୍ମାବତୀ କଣ ଏଡ଼େ ଚଣ୍ଡାଳୁଣୀ
ଚଣ୍ଡାଳ ରାଇଜ ରାଣୀ ହେବା ଲାଗି ମନ  ?॥ ୪୨
ସାଲ ନରସିଂହ ଅପମାନ ପୀଡ଼ା
ଚଣ୍ଡାଳ ଶବଦେ ଉଠିଲା ରାଇଜେ ଝଡ଼ ।
ଉଠିଲା ପାଇକ ପୁଅ ଧରି ଖଡ୍ଗ
ମହା ବିକ୍ରମରେ ଜିଣିବାକୁ କା୍ ଗଡ଼ ॥ ୪୩
ମହାପ୍ରଭୁଙ୍କର ମାନ ରଖିବାକୁ
କା୍ ସେନା ସାଥେ ଲଢୁଥିଲେ ବୀର ପଣେ ।
କା୍ ବଳ କଳ ଟାଣ ପଣ ଭାଙ୍ଗି
ଯୁଦ୍ଧ ଜିଣିବାକୁ ଜୀବନ ମରଣ ରଣେ ॥ ୪୪
ଓଡ଼ିଆ ଜାତିର ଅସ୍ମିତା ବିଲୋପ
କରିବାକୁ କା୍  କରିଥିଲା କେତେ କୂଟ ।
ପୁରୁଷୋ ମ  ଗଜପତି ହେଲେ
ବଡ଼ଭାଇ ଥାଉଁ ଦେଖୁଥିଲା କାଳ ନାଟ ॥ ୪୫
ଉତ୍କଳ ସାମ୍ରାଜ୍ୟ ଶକ୍ତି  ସମକକ୍ଷ
ବିଜୟ ନଗର ରାଜ୍ୟେ କ୍ଷୁଦ୍ର  କା୍ ଗଡ଼
ଏତେ ତା ସାହସ 'ଚଣ୍ଡାଳ କହିବ'
ରଣ ହୁଙ୍କାରିବ ଦେଖ ତାର ଦାଢ଼ କାଢ଼ ॥ ୪୬

ବିଜୟ ନଗର ରାଜା ବିରୁପାକ୍ଷ
ବାହାମନୀ ସେନା ସାଥେ କରି ମହାମେ ।
କା୍ ନୁହେଁ ଛତ୍ରପତି କି ସମ୍ରାଟ
ମେ କୂଟକରି ଦେଖାଏ ବଡିମା ଆ ॥ ୪୭
ବହୁ ରଣଜୟୀ ମହାବୀର ଯୋଦ୍ଧା
ହମ୍ବୀର ଦେବଙ୍କ ଯୁଦ୍ଧ ଅଭିଯାନ ପାଇଁ ।
ଉତ୍କଳ ଜନନୀ ଶୋଭା ପାଉଥିଲା
ଗଙ୍ଗା ଠୁ କାବେରୀ କପିଳେନ୍ଦ୍ର କୀ ହୋଇ ॥ ୪୮
ହମ୍ବୀର ଦେବଙ୍କୁ ପ୍ରଲୋଭିତ କରି
ଯବନ ସେନାଙ୍କ ସାଥିରେ ଗୋପନ ଚୁକ୍ତି ।
ଖଣ୍ଡ ଖଣ୍ଡ କରି ଉତ୍କଳ ସାମ୍ରାଜ୍ୟ
ପୁରୁଷୋ ମ ଙ୍କୁ ଦେବାକୁ ଚରମ ଶାସ୍ତି ॥ ୪୯
ରାଜାଝିଅ ବାହା ହୋଇ କି ନଥାନ୍ତା
'ଚଣ୍ଡାଳ କହିବ' କା୍ ରାଜା କୋପ ହୋଇ ।
କୂଟନୀତି କରି ବିଜୟ ନଗର
ବଳେ ବଳୀୟାନ ପତଙ୍ଗ ଅନଳେ ବାଇ ॥ ୫୦
ହଜିଯିବ ଜାଣି ଓଡ଼ିଆ ଅସ୍ମିତା
ଶୌର୍ଯ୍ୟ ଶକ୍ତି ଗାଥା ପଶିଲା ହମ୍ବୀର ଚେତା ।
ମହାପ୍ରଭୁଙ୍କର ଦାସାନୁଦାସ ସେ
ତା ଲାଗି ହୋଇଛି ଓଡ଼ିଆ ଜଗତ ଜିତା ॥ ୫୧
ଜାତିର ମର୍ଯ୍ୟାଦା ମହାପ୍ରଭୁ ଠାରୁ
ବଳି କଣ ଇର୍ଷା କା୍ କୂଟ ପ୍ରଲୋଭନ ।
ତୁଚ୍ଛ ସିଂହାସନ ଗଜପତି ପଦ
ଲୋଡ଼ାନାହିଁ ଆଉ ଲୋଡା କା୍ ଅଭିଯାନ ॥ ୫୨
ହମ୍ବୀର ଦେବଙ୍କ କରବାଳ ଆଗେ
ଯବନ ସେନାର ବହିଲା ରକତ ନଦୀ ।
ଦାକ୍ଷିଣାତ୍ୟ ଦୁର୍ଗ ନଗ୍ର ରକ୍ଷାହେଲା
ପାଇକ ଶକତି ପାରିଲେନି କେହି ଭେଦି ॥ ୫୩



ଉତ୍କଳ ମାତାର ଯୋଗ୍ୟ ବୀରପୁତ୍ର
ବହୁରଣ ଜୟୀ ଲଭିଥିଲେ ବୀରଗତି ।
ତୁମ ଶୌର୍ଯ୍ୟଶକ୍ତି ମହା ବିକ୍ରମରେ
ଧନ୍ୟ ଧନ୍ୟ ଆମେ ଘେନ ବିନମ୍ର ପ୍ରଣତି ॥ ୫୪
କା୍ ସେନା ସାଥେ ବିଜୟନଗର
ସେନା ମିଶି ଯେଉଁ କରିଥିଲେ ଘୋର ରଣ ।
ସାଲ୍ୱ ନରସିଂହ ବିଜୟ ବଡ଼ିମା
ରସାତଳ ହେଲା ଶୁଣି ହମ୍ବୀର ର ବୀରପଣ ॥ ୫୫
ଓଡ଼ିଆ ଜାତିର ଜୟ ଜୟକାର
ଜୟ ଜଗନ୍ନାଥ ବିଜୟ ହୁଙ୍କାର ଶୁଣି ।
ବୀର ପାଇକର ବୀରଦର୍ପ ଆଗେ
ମିଳିତ ଶତ୍ରୁର ରକତ ହୋଇଲା ପାଣି ॥ ୫୬
ପ୍ରିୟା ପଦ୍ମାବତୀ ଧରି ଫେରିଥିଲେ
ପୁରୁଷୋ ମ ତୁମ ବଡ଼ପଣ ଲାଗି ।
ଓଡ଼ିଆ ଜାତିର ଯଶ ରଖିଗଲ
କାଳକାଳ ଲାଗି ରଣ ଝଡ଼ ଝଞ୍ଜା ଭୋଗି ॥ ୫୭
ତୁମ ବୀରଗାଥା ଶୁଣିଲେ ଟାଙ୍କୁରେ
ଲୋମମୂଳ ଆମ ବୀର ରକ୍ତ ରୋମା ରେ ।
ମହାରଥୀ ଯଶ କୀ ସନମାନ
ଧନ୍ୟ ମହାବୀର ହୃଦ ବନ୍ଦନା କରେ ॥ ୫୮
ଓଡ଼ିଆ ଜାତିର ମଉଡ଼ମଣି ହେ
ଅଜୟ ଅମର ମହାଯୋଦ୍ଧା ମହାବୀର ।
ଗଜପତି ପଦ ଠାରୁ ବଳି ଯୋଗ୍ୟ
ମହାପ୍ରଭୁଙ୍କର ଘେନ କୋଟି ନମସ୍କାର ॥ ୫୯

## ଚିଲିକାର ଅବକ୍ଷୟ

ପ୍ରୀତି ସୁହାଗିନୀ ବିଷାଦ ଦେଖୁଛି
କୂଳେ ତାର କେତେ ଘେରିବନ୍ଧ କୋଳାହଳ ।
ଚିଙ୍ଗୁଡ଼ି ଯାଆଁଳି ଚିଙ୍ଗୁଡ଼ି ଋକ୍ଷରେ
ଡଲାର ଦିଶୁଚି ସୁରା ମୃତ୍ୟୁରେ ନୀଳ ॥ ୬୦

ନଳବଣ ଶୋଭା ମତ୍ସ୍ୟ ସମ୍ପଦ
ହ୍ରାସ ପାଉଅଛି ଦିନୁ ଦିନ ଦିନୁ ଦିନ ।
ବାଗ୍‌ଦା ଖଇଙ୍ଗା ଇଲିସି କଙ୍କଡ଼ା
ମିଳୁ ନାହିଁ ବେଶୀ ସଭିଏଁ କରନ୍ତି ମନ ॥ ୬୧
ସମୁଦ୍ର ମୁହାଣ ପୋତି ହୋଇ ଯାଏ
ନଦୀର ମୁହାଣ ପୋତୁଛି ଚିଲିକା ନିତି ।
ମୌନ ବୋଲି ତାର ବିଷାଦ ବେଦନା
ବୁଝିବ ଏ ଜାତି ଚିନ୍ତା ନାହିଁ ତାର ପ୍ରତି ॥ ୬୨
ଶହ ଶହ ଡଙ୍ଗା ଜାଲ ଘେରି କରି
ଯନ୍ତ୍ର ଗର୍ଜନରେ କମ୍ପାନ୍ତି ଚିଲିକା ପୁର ।
ଜରି ଜାଲ କାଚ ଏଠି ସେଠି ଫିଙ୍ଗି
ସୁଷମାପୁରୀକୁ କରୁଥାନ୍ତି ଛାରଖାର ॥ ୬୩
ଅରଣ୍ୟ ସମ୍ପଦ ମତ୍ସ୍ୟ ଲୁଟିନେଇ
ମାରୁଥାନ୍ତି ପକ୍ଷୀ ବିଷ ଫାଶ ତୀର ମୁନେ ।
ଟଙ୍କା ବଳେ ସୁଖ କିଣିବାକୁ ଏଠି
ବୋମା ଫିଙ୍ଗୁଥାନ୍ତି ମଦ ମାଂସ ପ୍ରଲୋଭନେ ॥ ୬୪
ଗ୍ରାମେ ଗ୍ରାମେ ମେଳି ଗ୍ରାମେ ଗ୍ରାମେ କଳି
ହିଂସାରେ ଜଳୁଛି ଲହ ଲହ ହୋଇ ଲୋଭ ।
ରକତ ବହୁଛି ମଣିଷ ମରୁଛି
ଗୁଳିରେ ବୋମାରେ ଚିଙ୍ଗୁଡ଼ି ଚାଷରେ ଲାଭ ॥ ୬୫
ଚିଲିକା ଜଳରେ ମାଡ଼ିଯାଏ ଦଳ
ଜଳ ହୁଏ କ୍ଷୀଣ ପ୍ରକୃତି ସାଧିଛି ଦାଉ ।
ବାତ୍ୟା ମହାବାତ୍ୟା ଛାରଖାର କରେ
ତା ଶୋଭା ସମ୍ପଦ ପ୍ରଦୂଷିତ ଜଳବାୟୁ ॥ ୬୬
ଶାନ୍ତିର ନିଳୟ ପାଲଟିଛି ଏଠି
ହଳାହଳ ବିଷ ଜନ କୋଳାହଳ ମୟ ।
ମଦ ମାଂସ ଭୋଜି ଲଙ୍ଗଳା ମଣିଷ
ନାଚ ଗୀତ ଦୃଶ୍ୟ ପର୍ଣ୍ଣ ମୋବାଇଲ ଶ୍ରେୟ ॥ ୬୭



ନାଲି କଙ୍କଡ଼ା ଠୁ କଇଁଚ ଚିଙ୍ଗୁଡ଼ି
ରପ୍ତାନୀ ହୁଅଇ ନାନା କାଇଦାରେ କେତେ ।
ଲୁଟେଇ ଚୋରେଇ ଯିଏ ଯେତେ ନେଲା
ବୁଦ୍ଧି ବାଟ କରି ନିଦ ଭାଙ୍ଗେ ନାହିଁ ସତେ ॥ ୬୮
ତାମ୍ପଡ଼ା ଶୁଖୁଆ ମିଳୁ ନାହିଁ ଆଉ
ନାହିଁ ସେ ଚିଙ୍ଗୁଡ଼ି ପଖାଳ ସୁଆଦ ଆଜି ।
ପିଲାଦିନେ ଖାଇ ଖୁସିରେ କେମିତି
ସ୍କୁଲ ଯାଉଥିଲୁ ମନେ ଅଛି ସ୍ମୃତି ରାଜି ॥ ୬୯
ରାଜନୀତି ହିଂସା ରକତ ଶୋଷୁଛି
ଦଳିତ ଶୋଷଣ କଷଣ ବଢୁଛି ଦେଖି ।
ବହୁ ବିଳମ୍ବିତ ବିଚାର ବ୍ୟବସ୍ଥା
ଢିଲା ମେଲା ଲାଗି ନିଃସ୍ୱ ମରୁଛି ଶୁଖି ॥ ୭୦
ସ୍ୱାଧୀନତା ପରେ ଦରିଦ୍ରତା ଲାଗି
ଦଳିତ ମଣିଷ ଦାଦନ ଗୋଲମ ଖଟେ ।
ଆତଙ୍କ ଖେଳାଇ ବରତନ ସେବା
କରିବାକୁ କହି ଖାଇବାକୁ ଦେବେ ମୁଠେ ॥ ୭୧
ଅରଣ୍ୟ ସମ୍ପଦ ସରକାରୀ ଜମି
ଦରିଦ୍ର ଜନଙ୍କୁ ସରକାର କିଛ ଦେଲେ ।
ଲିଜ୍ ଲାଇସନ୍ସ ଠିକା କାମ ଦେଲେ
ଦୁଃଖୀ ଜନ ବାଛି ଦାରିଦ୍ର୍ୟ ଘୁ୍‌ବ ଭଲେ ॥ ୭୨
ରାଜା ମହାରାଜା ଅମଳରୁ ଲୋକେ
ଭୋଗୁଛନ୍ତି ଭୂମି ରାଜଛତ୍ର ସେବା ଲାଗି ।
ଦରିଦ୍ର ଦଳିତ କିଦୋଷେ ମରନ୍ତି
ସରକାର ହାତେ ଏତେ ଜମି ଥାଇ ଭାବି ॥ ୭୩
ଚିର ଦରିଦ୍ରଙ୍କ ହାତେ ଦେବା ପାଇଁ
ଦେଶର ସମ୍ବଳ ବୁଦ୍ଧି ଦିଶେ ନାହିଁ କା'ର ।
ଶାସକ ଶିକ୍ଷିତ ଧନୀକ  ଶୋଷକ
ଜାଣି ନିର୍ବିକାର ନିଦା ବିଷ୍ଣୁ ସରକାର ॥ ୭୪

ଦେଶର ସମ୍ପଦ ଭୋଗୁଛନ୍ତି ଦଳେ
କୂଟ ବୁଦ୍ଧି ବଳେ ସୁଶାସନ ଦ୍ୱାହି ଦେଇ ।
ଆଖି ଠାର ମାରି ଆଇନକୁ ଠେଙ୍ଗା
ଦେଖାଇ ଲୁଟନ୍ତି ଖଣି ଠୁ ଖମାର ଖାଇ ॥ ୭୫

ଦୀନ ଜନ ନିଃସ୍ୱ ଦଳିତଙ୍କୁ ଦେଖି
ଆଖି ବୁଜି ଦେଲେ ଜଳିବ ନିଶ୍ୱାସ ନିଆଁ ।
ବଡ଼ଲୋକୀ ପଣ ସୁଖ ଶାନ୍ତି ସବୁ
ଜଳି ପୋଡ଼ି ଯିବ ଘୋଟିବ ଅନ୍ଧାର ଧୂଆଁ ॥ ୭୬

ନକ୍ସଲ ଆତଙ୍କ ଲାଗି ଯିଏ ଦାୟୀ
ସେ କେବେ ଭାବିଛି ଲୁଟି ନାହିଁ ଠକି ନାହିଁ ।
ତେଲିଆ ମୁଣ୍ଡରେ ତେଲ ଢାଳୁ ଥିଲେ
ଦୁଃଖୀ ଦରିଦ୍ରଙ୍କ ଦୁଃଖ କି ଘୁ୍ବ ଭାଇ ॥ ୭୭

ଗ୍ରାମେ ଗ୍ରାମେ ବେଶୀ କଳି କତରାଳ
ଇର୍ଷା ଅନଳ ଅସହ୍ୟ ଅସୂୟା ଭାବ ।
ରାସ୍ତାଘାଟ ନଈ ପୋଖରୀ ବିଲରେ
ଦୁଇ ଯିବା ଦୃଶ୍ୟ ନରକ ଦେଖୁଛି ଜୀବ ॥ ୭୮

ମେଳିହୋଇ କଳି କରନ୍ତି ଗ୍ରାମରେ
ଦେଖାଇ ବଡ଼ିମା ବଡପଣ ବଡଲୋକୀ ।
ଦୀନ ଜନ ଦେଖି  ନୀଚ ହେୟ ମଣି
ଗାଳି ଦେଉଥାନ୍ତି କହି ବଡ଼ ଅବିବେକୀ ॥ ୭୯

ଭୟଙ୍କର ଶୋଧା କୁଭାଷା ଶୁଣିଲେ
ନଇଁଯାଏ ମଥା ପାଠ ଶାଠ ଲାଗେ ତୁଚ୍ଛ ।
ଦୁର୍ବଳ ଦଳିତ ଗ୍ରାମୀଣ ଙ୍କ ଦୁଃଖ
ଧମକ ଆତଙ୍କ ଆଖି ଦେଖି କହେ ମିଛ ॥ ୮୦

ଥାନା କଚେରୀ କୁ ଦୂରରୁ ଜୁହାର
ଚଳନ୍ତି ଦୁଃଖରେ ଇଜ୍ଜତ ମହତ ସାରି ।
କିଏ ଲୁହ ପୋଛେ ଗାଁ ଛାଡି ଯାଏ
ଘର ଛାଡିଯାଏ ନୀରବରେ ମନ ମାରି ॥ ୮୧



ଟଙ୍କା ନୁହଁ ଭାଇ ଝାଳ ବୁହା ଧନ
ନୁହଁ ଚିନିଲୁଣ ମିଳାଇ ଯିବ ମାଟିରେ ।
ପିଠଉ ଟିକସ ଲଗାଇ ସର୍କାର
ଆଦାୟ କରନ୍ତା ଜନଧନ ସୁରକ୍ଷାରେ ॥ ୮୨

କେତେ ଯେ ତଦନ୍ତ କେତେ କମିଶନ
ବର୍ଷ ବର୍ଷ ଧରି ଦେଶସାରା ପଡେ ହୁରି ।
ଦେଶବାସୀ ଧନ ଲୁଣ୍ଠନ କରି କି
ରଖନ୍ତି ବିଦେଶେ ଧନ୍ୟ କଳାଧନ କରି ॥ ୮୩

ଟଙ୍କା ସୁନା ଠକି ରଖେ ନିରାପଦେ
ବ୍ୟାଙ୍କ ଲକରରେ ନ ଥାଏ କାହାର ଆଖି ।
ଦୁଃଖୀ ଜନ କାନ୍ଦି ମରନ୍ତି ଦୁଃଖରେ
ଠକ ବୁଡ଼ିଥାଏ ଭୋଗ ବିଳାସରେ ଲାଖି ॥ ୮୪

ଠକଙ୍କ ଉତ୍ପାତ ଲାଗି କେତେ ପାଲା
ପ୍ରହସନ ଚାଲେ ଦୁଃଖୀ ଜନ ନିଦ ହଜେ ।
ଗୁଇନ୍ଦା ପୋଲିସ ଯେତେ ତଥ୍ୟ ଦେଲେ
ପ୍ରଶାସନ ସଦା ଶୋଇଥାଏ ଚେଇଁ ଶେଯେ ॥ ୮୫

ବିଧବା ବିବାହ ପରି ଏ ଯୁଗରେ
କୁମାରୀ ମାଆକୁ ସନମାନ ଦେବା କେବେ  ?
ପ୍ରେମ ସମ୍ବନ୍ଧକୁ ସମ୍ମାନ ନ ଦେଲେ
କିପରି ହୋଇବ ମାନବ କଲ୍ୟାଣ ଭବେ ॥ ୮୬

କେତେ ଯେ ତରୁଣ ତରୁଣୀ ମରନ୍ତି
ଅକାଳେ ସକାଳେ ନାହିଁ ତାର ଇତିହାସ ।
ବିଧାତା ଦେଇଛି ପ୍ରୀତି ଅନୁଭବ
ଭଲ ମନ୍ଦ ବୁଝି କର ନାହିଁ  ଉପହାସ ॥ ୮୭

ଆଚମ୍ବିତ ଲାଗେ 'ତତେ ଛାଡି ବ୍
ପାରିବିନି' ବୋଲି ଯେତେବେଳେ କହେ ମନ ।
ବିଷମ ଯୌବନ    ବିଚିତ୍ର ଏ ପ୍ରେମ
ଜୀବନ ଉଛନ୍ନ ନ ଜାଣିଛି କେଉଁ ଜନ  ? ॥ ୮୮

ଧନ୍ୟ ସରକାର ଖଜଣା ନିଅନ୍ତି
ଘର ବାଡ଼ି ସୀମା ମାପିବାକୁ ଲାଗେ କଳି ।
ହାୟ ସେ ଅମୀନ ଜ୍ଞାନ କି ବିଜ୍ଞାନ
ଏକା ସେ ଜାଣନ୍ତି କଳି ମଞ୍ଜି ଠାରୁ ବଳି ॥ ୮୯
ହାଇସ୍କୁଲ ପାଠ ଗଣିତ ଜ୍ୟାମିତି
ଅଭେଦ୍ୟ ଭେଦିକି ଅସହାୟ ଲାଗେ ଏଠି ।
ଦରିଦ୍ର ପଡ଼ୋଶୀ ପାଇଁ ଦୟା ନାହିଁ
ବିନା କାରଣରେ ନାନା କଳିଗୋଳ ପାଟି ॥ ୯୦
ସଂଖ୍ୟା ଗରିଷ୍ଠଙ୍କ ଉତ୍ପାତ ଆଗରେ
ଗୁରୁଜନ ଗୁଣୀ ଅସହାୟ ଥାନା ଦେଖି ।
ନିଃସ୍ୱ ନୀରବରେ ଗାଁ ଛାଡ଼ିଯାଏ
ଦୂର ରାଇଜକୁ ଲୁହ ପିଇଯାଏ ଆଖି ॥ ୯୧
ଚିଲିକା ରାଇଜୁ ବାଞ୍ଛାନିଧି ଦାସ
ଗଗନ ମଉସା ଆସିଥିଲେ ଚଉଦ୍ୱାର ।
ଲୁଗାକଳେ ରହି ପୁଣ୍ୟ ଶ୍ରମ ଦାନେ
ଜୀବନ ସାଧନା କରିଥିଲେ କର୍ମବୀର ॥ ୯୨
ଉତ୍କଳ ଜନନୀ ସେବା କରିବାକୁ
ଶ୍ରମିକ ସମାଜ କେତେ କେତେ କଷ୍ଟ ସହି ।
ମିଶି ଚଳୁଥିଲେ ସହିଲାନି କାଳ
ମହାବାତ୍ୟା ଆସି କଲା ଶିଳ୍ପ ଧରାଶାୟୀ ॥ ୯୩
ରାଜନୀତି କାଳ ହେଲା ବେଳୁବେଳ
ଅଷ୍ଟଶମ୍ଭୁ କ୍ଷେତ୍ର ମହିମା ମଉଳି ଗଲା ।
କେତେ ପରିବାର ଉଚ୍ଛନ୍ନ ହୋଇଲା
କେତେ କିଏ ମଲେ ସଂସାର ଉଜୁଡ଼ି ଗଲା ॥ ୯୪
ପହଲି ମଉସା ବନମାଳୀ ଦାସ
ଅନତ୍ୱାର ଖାଁ ସ୍ନେହ ପୁଣ୍ୟାଶିଷ ଲଭି ।
ଧନ୍ୟ ହୋଇଛି ଜୀବନ ଯୌବନ
ମଥାପାତି ଆଜି ପ୍ରଣାମ ଜଣାଏ କବି ॥ ୯୫



ପ୍ରିୟ ଗୁରୁଦେବ ଅଶୋକ ସାରଙ୍କୁ
ଭାରତୀ ଦେବୀଙ୍କୁ ପୁଷ୍ପ ଅର୍ଘ୍ୟ ଥାଳି ମୋର ।
ତାଙ୍କ ସ୍ନେହ ଶ୍ରଦ୍ଧା କରୁଣା ଆଶିଷ
ପୁଣ୍ୟ ପାଦ ଧୂଳି ଲଭିଛି ଐଶ୍ୱର୍ଯ୍ୟ ଚିର ॥ ୯୬
ଦୁଃଖେ ସୁଖେ କେତେ କଥା ହେଉଥିଲେ
ପଠାଣି ଭାଇ ଭାଉଜ ମୋ ପାଖେ ବସି ।
ସ୍ନେହମୟୀ ଫୁଲ ମାଉସୀଙ୍କ କଥା
ଅଭୁଲା ସ୍ମୃତିରେ ଲାଗେ ମତେ ମହା ଖୁସି ॥ ୯୭
ସାରା ଓଡ଼ିଶାର କେତେ ପରିବାର
ହସି ଖେଳି ଦିନ କାଟୁଥିଲେ ଚଉଦ୍ୱାରେ ।
କେତେ ସ୍ନେହମୟୀ ମମତାମୟୀଙ୍କ
ସ୍ନେହ ପ୍ରୀତି ଲଭି ଧନ୍ୟ ସଭିଙ୍କୁ ଝୁରେ ॥ ୯୮
ତାଙ୍କ ବିଦାୟରେ ଝୁରୁଥିଲା ଅଶ୍ରୁ
ଧାର ଧାର ହୋଇ ଛାଡ଼ି ଗଲା ବେଳେ ଘର ।
ଘର ନୁହଁ ଇଏ ପୁଣ୍ୟ ଦେବାଳୟ
ସାଧନାର ପୀଠ ଅବିସ୍ମରଣୀୟ ମୋର ॥ ୯୯
ମହାବାତ୍ୟା ଆସି ନାଶିଲା ଏ ରାଜ୍ୟ
ଲୁଗା କାରଖାନା ସହସା ଉଜୁଡ଼ିଗଲା ।
ଭୋକ ଉପାସରେ କେତେ ଯେ ଶ୍ରମିକ
ଜୀବନ ହାରିଲେ ବ୍‌ବା ଅସହ୍ୟ ହେଲା ॥ ୧୦୦
କେତେ ପରିବାର ଫେରିଯାଇ ଗ୍ରାମେ
ଝୁରିଲେ ମରିଲେ ଚଉଦ୍ୱାର ମାଟି ଛାଡ଼ି ।
କେତେ ଆଶା କେତେ କଳ୍ପନା ସବୁ
ଭାସିଗଲା କ୍ଷଣେ ଘୋଟିଗଲା ଦୁଃଖ ବଢ଼ି ॥ ୧୦୧
କଳିଙ୍ଗ ବୀରଙ୍କ କୀର୍କୁ ଉଜାଡ଼ି
କି ଯଶ ପାଇବେ ରାଜ୍ୟ କେନ୍ଦ୍ର ନେତା ମିଶି ।
ମୁଖ୍ୟମନ୍ତ୍ରୀ ଠାରୁ ପ୍ରଧାନମନ୍ତ୍ରୀଙ୍କ
ଚେତା ପଶିଲାନି ଯିବେ କାଳସ୍ରୋତେ ଭାସି ॥ ୧୦୨

କେହି ରହିନାହିଁ ରହିବେ ନାହିଁ ଟି
ଭବରଙ୍ଗ ଭୂମି ପରେ ଚିରକାଳ କେବେ ।
ମଣିଷ ହୋଇକି ମଣିଷ ମରଣ
ଦୃଶ୍ୟକୁ ସହିବ ନିନ୍ଦୁକ ସେବକ ଭବେ ॥ ୧୦୩
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କଣ ଫେରିବେ କର୍ମକୁ ଧରି ।
ଲୋକ ନିନ୍ଦା ଯମ ଦଣ୍ଡ ଠୁ ବଳି କି
ଧର୍ମ କାଳେ କାଳେ ଦେଖେ ଧର୍ମଦଣ୍ଡ ଧରି ॥ ୧୦୪
ଚଉଦ୍ୱାର ମାଟିର ଋଣ ଶୁଝିବାକୁ
ଅଷ୍ଟଶମ୍ଭୁ ପାଶେ କରୁଛି ପାର୍ଥନା ନିତି ।
ଦୟାକର ଦୟାମୟ ଦୁଃଖୀ ଜନେ
ଶିଳ୍ପ କାରଖାନା ଗଢ଼ିଉଠୁ ଶୀଘ୍ର ଏଠି ॥ ୧୦୫
ବାତ୍ୟା ଆନ୍ଦୋଳିତ ଭୀଷଣ ତାଣ୍ଡବ
ଗର୍ଜନ ତର୍ଜନ ପ୍ରାଣ ଯିବ କିଏ ଜାଣେ ।
ଘର ଘର ସବୁ ମାଟିରେ ମିଶିଲା
ବାରିବଣ ତୋଟା ଶ୍ମଶାନ ଦିଶିଲା କ୍ଷଣେ ॥ ୧୦୬
ଉଛୁଳା ସମୁଦ୍ର ମହା ପ୍ରକୋପରେ
ସହସ୍ର ଜୀବନ ସଲୀଳ ସମାଧି ନେଲା ।
ପାରଦ୍ୱୀପ ଠାରୁ ଏରସମା ଯାଏ
ପ୍ରଳୟ ରଚିଲା କେତେ କିଏ ମଲାଗଲା ॥ ୧୦୭
ହାୟ ରେ ଦାରୁଣ ଦଇବ କି କଲା
ଶ୍ରମିକ ପିଲାଏ ପାଠ ଛାଡ଼ି ସ୍କୁଲ ପାଖେ ।
କରମ ଆଦରି କିଏ ମୂଲ ଲାଗେ
ପୋଡ଼ା କୋଇଲା ରୁ କୋରମ ବାଛଇ ଦୁଃଖେ ॥ ୧୦୮
ଖଣି ଖୋଳି ନେଲେ ଲୁଚାଇ ଚୋରାଇ
କଳାଧନ କରି ରଖିଲେ ବିଦେଶ ଯାଇ ।
ବୁଦ୍ଧିଆ ବୋଲିକି ସବୁ ବୁଦ୍ଧି ଖଞ୍ଜି
ଲୁଟନ୍ତି ଆମକୁ ଦେଖୁଛୁ ଜଳକା ହୋଇ ॥ ୧୦୯

ବଡ଼ ପ୍ରଦେଶର ବଡ଼ ଅଫିସର
ସବୁ କମିଟିରେ ମୁଖ୍ୟ ମୋହର ଧରି ।
ସରକାର ଧନ ଲୁଟନ୍ତି କପଟେ
ଆଇନ୍ ବାଟରେ ଦରିଦ୍ର ଡାକଇ ହରି ॥ ୧୧୦
ଘରବାଡ଼ି ଜମି କିଣିବାକୁ ଗଲେ
ରେଜେଷ୍ଟ୍ରି ଅଫିସ ଦେଖିଲେ ଲାଗିବ ଡର ।
ଗହଳ ଚହଳ ଲା   କାରବାର
ନ ଦେଲେ ହବନି ଜମି ଜମା କାରବାର ॥ ୧୧୧
ଆର.ଆଇ ଅମୀନ ରେଜେଷ୍ଟ୍ରି ଅଫିସର
ମହା ଧୁରନ୍ଧର ପାଦ ଧୂଳି ନିଅ ଭାଇ ।
ଗୋଡ଼ରୁ ଚପଲ ଛିଡ଼ି ଯିବ ଧାଇଁ
କଳା କାରନାମା ଦେଖିଲେ ସେଠାରେ ଯାଇ ॥ ୧୧୨
ନକଲି ଦଲିଲ ପଟ୍ଟାକୁ ଦେଖାଇ
ଠକ ନିଏ ଟଙ୍କା ଆଖିରେ ଆଙ୍ଗୁଠି ଗେଞ୍ଜି ।
ଜମି କି ଦଲିଲ ବିନା ପରଖରେ
କବଲା ହୁଅଇ ସବୁ କଳି ମୂଳ ମଞ୍ଜି ॥ ୧୧୩
ଧୂ ଁ ଅଧିକାରୀ ବାଇଆ କହିକି
ଦସ୍ତଖତ କରେ ସରକାର ଧନ ଖାଇ ।
ମିଛ ଜମି ପଟ୍ଟା 'କଳି ମୂଳ ନାଟ'
ସେ କଣ ଜାଣିନି ପଟ୍ଟା ଥିବ ଜମି ନାହିଁ ?॥ ୧୧୪
ଆଚମ୍ଭିତ ଲାଗେ ବିଜ୍ଞାନ ଯୁଗରେ
ଗଣତନ୍ତ୍ର ରଜ୍ୟେ ଏଡେ ଓଲା ଅଧିକାରୀ ।
ଲକ୍ଷ ଲକ୍ଷ ଟଙ୍କା ଦେଇକି ଜନତା
କାନ୍ଦନ୍ତି କି ଦୁଃଖେ ଠକ ଖାଏ ଖିରି ପୁରୀ ॥ ୧୧୫
କେତେ ଯେ ମାମଲା ମାଡ଼ ମକଦ୍ଦମା
କୋଟ କଚେରି ଧନ୍ୟ ଠକ କାରନାମା ।
ବର୍ଷ ବର୍ଷ ଧରି ଖଜଣା ଧନକୁ
ଉଡ଼ାନ୍ତି ଜାଣିକି ତାର ନାହିଁ କିଛି ସୀମା ॥ ୧୧୬

ନକଲି ବିହନ ରୋଗ ପୋକ ଦାଉ
ଦେଖିକି ଚାଷୀର ଉଡ଼ିଯାଏ ପ୍ରାଣ ହଁସା ।
ବିଷ ପାନ କରି ଦଉଡି ଲଗାଇ
ଆତ୍ମହତ୍ୟା କରେ ଛାଡ଼ି ସବୁ ସୁଖ ଆଶା ॥ ୧୧୭
ଛୋଟ ଚାଷୀ ବୋଲି ଦରଦ କାହାର
କିଏ ସେ ବୁଝୁଛି ତେଲ ଲୁଣ ରଣ ଚିନ୍ତା ?।
ସବୁ ଯୋଜନାରୁ ବ୍‌ତ ହୋଇ
ଲୋକହସା ହୁଏ ରଣ ଜାଲ ଯମ ଯନ୍ତା ॥ ୧୧୮
ଠକଙ୍କ ଭୂସ୍ୱର୍ଗ ଚିଟ୍‌ଫଣ୍ଡ ସଂସ୍ଥା
ଟଙ୍କା ଗଛ ପୋତି ଫଳାନ୍ତି ଦିଗୁଣ ଟଙ୍କା ।
ଗରିବ ଗ୍ରାମୀଣ ଶ୍ରମିକ କୃଷକ
ଟଙ୍କା ବୁଡ଼ିଯାଏ ସରକାର ଦିଏ ଠେଙ୍କା ॥ ୧୧୯
ବୁଝି ଶୁଝି କାହିଁ ଟଙ୍କା ରଖିଲନି
କହନ୍ତି ଚତୁରେ ଆମକୁ ପଚାରି ଥିଲ ?
ବୁଡ଼ିଗଲା ବୋଲି ଆସିଛ ଏଠିକି
ଆଖି ଖୋଲି ଆମ ଟଙ୍କା ଥାଳ ଭାଙ୍ଗିଦେଲ ॥ ୧୨୦
ଦିନରାତି ଖଟି ଝାଳନାଳ ହୋଇ
ଚୌଦ୍ୱାର ଶ୍ରମିକ ପାଇଥିଲେ ଯେତେ ଟଙ୍କା ।
ଭେଳିକି ଦେଖାଇ ମଙ୍ଗଳଦୀପର
ଠକ ନେଇଗଲେ ସରକାର ଉଈ ହୁଙ୍କା ॥ ୧୨୧
ବିଦାୟ ବେଳାରେ ମା' କାଳିଯାଇ
ସାହା ହୋଇଥିବୁ କାଳେ କାଳେ ଚିଲିକାକୁ ।
ସୁନ୍ଦରୀ ଚିଲିକା ସୌନ୍ଦର୍ଯ୍ୟ ଭୂଷଣ
ରତ୍ନ ପୁଷ୍ପ ହାର ଲଭି ପୂଜା ପାଉଥିବୁ ॥ ୧୨୨
ତୋହରି ଆଶିଷେ ଆସିବ ସୁଦିନ
ଗଢ଼ା ହେବ ବିଶ୍ୱ ପର୍ଯ୍ୟଟନ ତୀର୍ଥଶାଳା ।
ଭୂସ୍ୱର୍ଗ କାଶ୍ମୀର ଡାଲ ହ୍ରଦ ଭଳି
ଶୋଭିବ ଶୀକାରା ମାଳମାଳ ଶୋଭା ମାଳା ॥ ୧୨୩



ଥାଇଲାଣ୍ଡ ପରି ବିକସିତ ହେବ
ଚିଲିକାର ଦ୍ୱୀପ ଅରଣ୍ୟ ପାହାଡ଼ ଯେତେ ।
ଆନନ୍ଦ ମନରେ ବିଶ୍ୱ ପର୍ଯ୍ୟଟକ
ଘୂରି ଦେଖୁଥିବେ ଧରି ଗାଇଡର ହାତେ ॥ ୧୨୪
ଐଶ୍ୱର୍ଯ୍ୟା ସୁନ୍ଦରୀ ସ୍ନେହ ପ୍ରୀତି ସୁଖ
ସ୍ୱର୍ଗ ସୁଷମାକୁ ବୋହି ନେବେ ମନ ହୃଦେ ।
ବିଶ୍ୱ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା
ମିଳିବ ଅଚିରେ ନାଚିବେ ଆନନ୍ଦେ ହ୍ରଦେ ॥ ୧୨୫
ନୀଳାମ୍ବୁ ଲଳନା ସିଚେଲ୍‌ସ ସୁନ୍ଦରୀ
ଦେଖି କଣ ସର୍ବେ ହେଉଛନ୍ତି ଧନ୍ୟ ଧନ୍ୟ ।
ଭୂସ୍ୱର୍ଗ ଚିଲିକା ସୁଷମା ଐଶ୍ୱର୍ଯ୍ୟ
ଥରୁଟେ ଦେଖିଲେ ଲାଗିବ ସ୍ୱର୍ଗ ନଗଣ୍ୟ ॥ ୧୨୬
କର୍ମ କ୍ଲାନ୍ତ ପ୍ରାଣ ପୀୟୂଷ ପ୍ଲାବନେ
ପ୍ରଫୁଲ୍ଲ ଉତ୍‌ଫୁଲ ସ୍ୱର୍ଗ ମନ୍ଦାକିନୀ ଜଳେ ।
ତ୍ରିବେଣୀ ସଙ୍ଗମ କୋଟି ପୁଣ୍ୟ ସୁଖ
ମିଳିବ ଜାଣିଲେ ପୁଣ୍ୟଶ୍ରୀ ଚିଲିକା କୋଳେ ॥ ୧୨୭
ବିଶ୍ୱତାପାୟନ ସୁନାମୀ ତାଣ୍ଡବ
ଫାଇଲିନ ପ୍ରଳୟ ମହାବାତ୍ୟା ଧ୍ୱଂସ ଦୃଶ୍ୟ ।
ଦେଖି ଲାଗେ ଡର ବିପନ୍ନ ଭବିଷ୍ୟ
ଲିଭି ଯିବ କାଳେ ସୁନ୍ଦରୀ ଲାବଣ୍ୟ ଲାସ୍ୟ ॥ ୧୨୮
ନିର୍ମମ ନୈରାଶ୍ୟ ପ୍ରେତ ବିଶ୍ୱତାପ
ପ୍ରଳୟ ଲହରୀ ପ୍ରାଚୀରକୁ ମହାଡର ।
କିଏ ଜାଣେ କେତେ ବେଳେ ତା ପ୍ରକୋପେ
ବାଈଶି ପାହାଚେ ଖେଳୁଥିବ ମୀନ ଛାର ॥ ୧୨୯
ଜଳ ବିଭୀଷିକା ଭୀଷଣ ତାଣ୍ଡବ
ରଚିଲେ ପ୍ରକୃତି ଛାରଖାର ସବୁ ଜାଣ ।
ସୁନ୍ଦରୀ ଚିଲିକା ସୁରକ୍ଷା ଜରୁରୀ
ଝାଉଁବଣ, ବନ୍ଧ ବାନ୍ଧିବା ଏବେ ଠୁ ଶୁଣ ॥ ୧୩୦

ହେଲା କଲେ ଭେଳା ବୁଡ଼ିବ ନିଶ୍ଚୟ
ବେଳ ଥାଉ ଥାଉ ବୁଦ୍ଧି ଖଞ୍ଜି କିଛି କର ।
ବିଶ୍ୱତାପାୟନ ପ୍ରଳୟ  ପ୍ରକୋପ
ଦୂର ହେଉ ମନୁ ଜୟ ହେଉ ବିଜ୍ଞାନର ॥ ୧୩୧
ମହାପ୍ରଭୁଙ୍କର ଅମୂଲ୍ୟ ଦୁର୍ମୂଲ୍ୟ
ମଣି ମୁକ୍ତା ରତ୍ନ ସଯତ୍ନେ ସାଇତି ରଖ ।
ଉତ୍କଳ ଜନନୀ ପାଦରେ ମିନତି
ଶୁଭ ବୁଦ୍ଧି ଦିଅ ରକ୍ଷାକର ପଦ୍ମମୁଖ ॥ ୧୩୨

## ସ୍ୱପ୍ନିଳ ଶରତ

ଆସନ୍ତେ ଶରତ ଦେଶ ବିଦେଶରୁ
ଦଳ ଦଳ ପକ୍ଷୀ ତୀର୍ଥ ଲାଗି ପ୍ରବଜ୍ୟାରେ ।
ଆକାଶ ପଥରେ ସ୍ୱପ୍ନ ବୁଣି ବୁଣି
ଗପ କହି କହି ଉଡୁଥାନ୍ତି ଆନନ୍ଦରେ ॥ ୧୩୩
ଐଶ୍ୱର୍ଯ୍ୟା ଚିଲିକା ସୁଷମା ଛବିଳ
ଋରୁ ହାସ୍ୟମୟୀ ଜଳେ ନୀଳ ସ୍ୱର୍ଗ ଶୈଳ ।
ମହାପୁଣ୍ୟ ତୀର୍ଥ ନିଳାଦ୍ରୀ ମହିମା
ଗାଆନ୍ତେ ସଙ୍ଗୀତେ ଉଠଇ ଆନନ୍ଦ ରୋଳ ॥ ୧୩୪
ସ୍ୱାଦିଷ୍ଟ ସୁମିଷ୍ଟ ମକରନ୍ଦ କନ୍ଦ
ଦଳରେ ଶିଉଳୀ ଚିଙ୍ଗୁଡ଼ି ଶାମୁକା ଗେଣ୍ଡା ।
ଚୂନା ଚୂନା ମାଛ ଭାସି ବୁଲୁଥାନ୍ତି
ଖାଇଲେ ଜାଣିବ ଉଡ଼ି ବୁଲି ଗାଆଁ ଗଣ୍ଡା ॥ ୧୩୫
ନୀଳ ସ୍ୱପ୍ନ ଭୂମି ଲକ୍ଷ୍ମୀଙ୍କ ଭଣ୍ଡାର
ଅମୃତ ପସରା ଅକ୍ଷୟ ସମ୍ପଦ ଚିର ।
ନୀଳ ସୁନ୍ଦରୀର ଲାବଣ୍ୟ କଟୀରେ
ଦୀପ୍ତ ପୁଲକିତ ପରିବ୍ୟାପ୍ତ ପାରାବାର ॥ ୧୩୬



ଦେଖିଲେ ଜାଣିବ କେତେ ସାଙ୍ଗ ହେବ
ଦୂର ବିଦେଶର ପକ୍ଷୀକୂଳ ଦଳ ଦଳ ।
ଏସିଆ ୟୁରୋପ ମାନସରୋବର
ହିମାଳୟ ଛାଡ଼ି ଗଙ୍ଗୋତ୍ରୀ  ପାମିର କୋଳ ॥ ୧୩୭
ସ୍ୱର୍ଗୀୟ ଚିଲିକା ରୂପ ଯଶ ଶୋଭା
ନୁହେଁ ବର୍ଣ୍ଣିବାର ବିଚିତ୍ର ବର୍ଣ୍ଣାଏ ଶୁଣ ।
ଉପକୂଳେ କେତେ ତାଳ ନାରିକେଳ
ତମାଳ ପିପ୍ପଳ ବକୁଳ ରସାଳ ବଣ ॥ ୧୩୮
ବିପୁଳ ବିଭବ ଭରା ନୀଳ ଜଳ
ଲାବଣ୍ୟ ମହିମା ମେଘ ରାଜ୍ୟେ କଳିବାର ।
ଶରତ ସୂର୍ଯ୍ୟଙ୍କ ସୁବର୍ଣ୍ଣ ପଣତେ
ମଣିମୟ ମେଘ ସୁଷମା ଶୋଭା ଅପାର ॥ ୧୩୯
ଦେଖିଛ କେଉଁଠି ଭାସୁଛି ଆକାଶେ
ମେଘ ମାଳାସବୁ ସୁବର୍ଣ୍ଣ ବୋଇତ ହୋଇ ।
ଦିଗାଙ୍ଗନା ଦେବୀ ନୃତ୍ୟ କରିବାର
ସ୍ୱର୍ଗପୁରୁ  ଆସି ହୃଦ ବନ୍ଦନା ଗାଇ ॥ ୧୪୦
ସୁଲୁ ସୁଲୁ କରି ଶୀତଳ ସମୀର
ମନ ମୋହୁଥିବ ଲାଗୁଥିବ ମହୌଷଧି ।
ନବ ଜୀବନର ସଞ୍ଜୀବନୀ ସୁରା
ଭୁଲିଯିବ କ୍ଷଣେ ସର୍ବ ଦୁଃଖ ଶୋକ ବ୍ୟାଧି ॥ ୧୪୧
ବରଫ ଘାସକୁ ଖାଇ ବ ୍ଥିଲ
ଖାଇବ ଏଣିକି ସ୍ୱାଦିଷ୍ଟ  ଶୈବାଳ ରସ ।
ସୁମିଷ୍ଟ ସିମ୍ପାଳ ଦୁର୍ବାଦଳ ତୃଣ
ଧାନକେଣ୍ଡା ଗେଣ୍ଡା ଦୁର୍ଲଭ ଶାମୁକା ମାଂସ ॥ ୧୪୨
ନୀଳାମ୍ବୁ ଚିଲିକା ନୀଳ ଐଶ୍ୱର୍ଯ୍ୟରେ
ପଥ କ୍ଳାନ୍ତି ଭୁଲି ମାତିଯିବ ପ୍ରୀତି ରଙ୍ଗେ ।
ଦେଖୁ ଦେଖୁ ହେବ ଉଚ୍ଚାଟ ଉନ୍ମନା
କେଳି କୌତୁହଳେ ନାନା ରୂପେ ନାନା ଛନ୍ଦେ ॥ ୧୪୩

ଦେଶୀ ପକ୍ଷୀ ଦେଖି ଆନନ୍ଦ ଲଭିବ
ବଗ ଚିଲ ବଣି ଗେଣ୍ଡାଳିଆ ଭରତିଆ ।
ଅଣ୍ଡା ଦେବାପାଇଁ ନଳ ବଣେ ଭିଡ
କରିଥିବେ ହଂସ ମାଛରଙ୍କା ମାଛଖିଆ ॥ ୧୪୪
ଭଦଭଦଳିଆ କଜଳପାତିଆ
ହଳଦୀବସନ୍ତ ପାରା ଶୁଆ ଗେଣ୍ଡି କାଉ ।
ବଣବୁଦା ଉଡ଼ି ପର ଝାଡ଼ି ଝାଡ଼ି
ଗୀତ ଗାଉଥିବେ ଦେଖିବ ତାଙ୍କର ଭାଉ ॥ ୧୪୫
ନଳ ବଣ ସାରା ନୀଳ ଘାସ ବଣ
ଘାସଫୁଲ ଫୁଟି ଛଟକେ ତରାଟି ରହିଁ ।
ଦେଖିଥିବ ନୃତ୍ୟ ଗୀତ ମହୋତ୍ସବ
ମିଳନ ଉତ୍ସବ ଆନନ୍ଦ ଆନନ୍ଦ ହୋଇ ॥ ୧୪୬
ନିର୍ମଳ ଉଜ୍ଜ୍ୱଳ ସୁନ୍ଦର ଶରତ
ଲାସ୍ୟମୟୀ ଶୋଭା ସ୍ୱର୍ଗ ସୁଖ ସ୍ୱର୍ଗ ଶାନ୍ତି ।
ମଂଜୁଳ ମନୋଜ୍ଞ ବନ ଭୂମି ବ୍ୟୋମ
ଶୁଭ୍ର ଅଭ୍ର ଖଣ୍ଡ କାଦମ୍ବିନୀ ସ୍ୱର୍ଣ୍ଣ କାନ୍ତି ॥ ୧୪୭
କେତେ ହାବ ଭାବ ଅଙ୍ଗିମା ଭଙ୍ଗିମା
ସ୍ୱର କଳରବ ପ୍ରୀତି ଉଚ୍ଛ୍ୱସିତ ଗୀତ ।
ଗୀତ ମୂର୍ଚ୍ଛନାରେ ପ୍ରୀତି ଅର୍ଚ୍ଚନାରେ
ମୂର୍ଚ୍ଛିତ ମୋହିତ ହେବ ବିମୋହିତ ଚି ॥ ୧୪୮
ପ୍ରାଚ୍ୟ ପାଶ୍ଚାତ୍ୟର ମିଳନ ଉତ୍ସବ
ପ୍ରକୃତି ରାଣୀର ପ୍ରୀତି ଅର୍ଘ୍ୟ ବାଢ଼ିବାକୁ ।
ମହାପ୍ରଭୁଙ୍କର ଆଶିଷ ଲଭିଣ
ମହା ଆନନ୍ଦରେ ହସି ଖେଳି ବୁଲିବାକୁ ॥ ୧୪୯
ସୁନ୍ଦର ସ୍ୱପ୍ନିଳ ପ୍ରୀତି ଅନୁଭୂତି
ଇନ୍ଦ୍ରଧନୁ ପରି ବର୍ଣ୍ଣବିଭା ସୃଜିବାକୁ ।
କାମ ପୁଷ୍ପ ଶର କନ୍ଦର୍ପ ଫିଙ୍ଗନ୍ତେ
ଆନନ୍ଦ ବର୍ଷା କି ପରସ୍ପର ଚୁମ୍ବିବାକୁ ॥ ୧୫୦



ଦୂର ଦୂରାନ୍ତରୁ କାହିଁ ଅତୀତରୁ
ଅମୃତ ସନ୍ଧାନେ ଦୂର ଦେଶୁ ଆସନ୍ତି ଏ ।
ବିଶ୍ୱ ମାନବକୁ ପ୍ରେରଣା ଦେବାକୁ
ପକ୍ଷୀକୁଳଙ୍କର ସଦ୍‌ଭାବନା ଯାତ୍ରା ଏ ॥ ୧୫୨
ଏକତା ସୂତ୍ରରେ ବନ୍ଧା ପରସ୍ପରେ
ଏ ଜୀବ ଜଗତ ସୁଖ ଶାନ୍ତି ପ୍ରୀତି ଆଶେ ।
ହିଂସ୍ର ମନୋଭାବ ଶତ୍ରୁତା ଭୁଲିଣ
ଜୀବନର ଗୀତ ଗାଇବା ପ୍ରକୃତି ପାଶେ ॥ ୧୫୩
ଅମୃତ ସନ୍ତାନ ଲାଗି ବରଦାନ
ନିରନ୍ତର ଯାତ୍ରା ଜୀବନର ଜୟଗାନ ।
ଅହିଂସ ସାଧନା ମଙ୍ଗଳ ମହିମା
ବିଶ୍ୱ ପ୍ରାଣୀ ହିତେ ଅମୃତର ବରଦାନ ॥ ୧୫୪
ଅମୃତ ପ୍ରୀତିର ପ୍ରାଣ ସ୍ପନ୍ଦନରେ
ସର୍ବତ୍ର ସ୍ପନ୍ଦିତ ସୁରଭିତ ପଲ୍ଲବିତ ।
ମହା ଜୀବନର ପୁଷ୍ପିତ ପଥେ
ଅହିଂସା ଆଶ୍ରୟ ଅଭୟ ଆନନ୍ଦ ପୂତ ॥ ୧୫୫
ନିର୍ମଳ କୋମଳ ଶରତ ଆକାଶ
ସ୍ନିଗ୍ଧ ନୀଳପ୍ରଭା ସ୍ୱାତ୍ୱିକ ବିଭୂତି ସ୍ପର୍ଶ ।
କାଶତଣ୍ଡି ହାସ ଦେଖିଲେ ଲାଗିବ
ନାହିଁ ମୃତ୍ୟୁ ନାହିଁ ଦୁଃଖ ଯନ୍ତ୍ରଣା ଲେଶ ॥ ୧୫୬
ବସୁମାତା କୋଡେ ପ୍ରାଣୀ ଜଗତ ଏ
ଆନନ୍ଦ ମୁଖର ବସୁଧୈବ କୁଟୁମ୍ବକମ୍ ।
ଏକ ମେବ ବିଶ୍ୱ ଏକ ପରିବାର
ଶାନ୍ତି ମୈତ୍ରୀ ପ୍ରୀତି ଲାଗି ଧରା ସ୍ୱର୍ଗ ପୁରମ ॥ ୧୫୭
ଯାନ୍ତ୍ରିକ ସଭ୍ୟତା ଶୋଷଣ କଷଣ
ସମ୍ବେଦନ ଶୂନ୍ୟ ଜୀବନ ମରଣ ଭୂଇଁ ।
ଛନ୍ଦ କପଟରେ ଛଟପଟ ପ୍ରାଣ
ଦେଖି ବ୍ୟଭିଚାର ଦୁର୍ନୀତି ସୁଖ ପାଇଁ ॥ ୧୫୮

ଜୀବନ ମୃତ୍ୟୁର ଲୀଳା ଖେଳା ସତ
ସତ୍ୟ ସନ୍ଧାନୀର ଉଡାଣରେ ଉ  ରଣ ।
ଅମୃତ ସନ୍ଧାନୀ ଅମୃତ ଆଶାରେ
ପ୍ରାଣ ମଗ୍ନ ଜାଣି ପ୍ରବଜ୍ୟାରେ ପରିତ୍ରାଣ ॥ ୧୫୯
କେତେ ଇତିହାସ ପୁରାଣ ଭୂଗୋଳ
ଘଟଣା କାହାଣୀ କିମ୍ବଦନ୍ତୀ ଲୋକ କଥା ।
ସୁନ୍ଦରୀ ଚିଲିକା ସୃଜନ ସମ୍ଭାର
ନାନ୍ଦନୀକ ନୀଳ ନୈସର୍ଗିକ ପ୍ରୀତି ଗାଥା ॥ ୧୬୦
ହ୍ରଦ ମଣ୍ଡଳର ହୃଦସ୍ପର୍ଶୀ ଦୃଶ୍ୟ
ନଦ ନଦୀ ନାରୀ ବନଜ୍ୟୋତ୍ସ୍ନା ବନ ଭୂମି ।
ମେଘ ଠୁ ମୟୂର ରବି ଶଶୀ ତାରା
ଦିବସ ରଜନୀ ରମଣୀୟ ରଙ୍ଗ ଭୂମି ॥ ୧୬୧
ଅପରୂପା ଲକ୍ଷ୍ମୀ ଲାବଣ୍ୟ ମହିମା
ସ୍ନିଗଧ ଶୀତଳ ପ୍ରୀତି ତନ୍ମୟତା ଲଭି ।
ସ୍ୱର୍ଗ ଭୁବନରୁ ସ୍ୱର୍ଗ ସୁନ୍ଦରୀ ଏ
ଆସନ୍ତି ତା କୋଳେ ଜାଣେ ପ୍ରୀତି ଅନୁଭବି ॥ ୧୬୨
ନୀଳ ଚନ୍ଦ୍ର ପ୍ରଭା ପୀୟୂଷ ପରଶ
ଚିରନ୍ତନ ପ୍ରୀତି ପୁଲକ ମହକ ଭରେ ।
ଋରୁ ଚିତ୍ରପଟ ଶୋଭାଯାତ୍ରା ଦେଖି
ମନ୍ତ୍ରମୁଗ୍ଧ ମନ ନାଚେ ନୀଳ ତରଙ୍ଗରେ ॥ ୧୬୩
କାଚକେନ୍ଦୁ ପରି ସ୍ୱଚ୍ଛ ସୁନ୍ଦର
ସ୍ୱତଃ ଢଳ ଢଳ ପ୍ରୀତ ପୁଲକିତ ପ୍ରଭା ।
ନୀଳ ଉଜ୍ଜ୍ୱଳ ଆକାଶ କି ଜଳେ
ବିହଙ୍ଗମ ଦଳ ବିହରୀ ଦେଖନ୍ତି ଶୋଭା ॥ ୧୬୪
ଆକାଶ କୋଳରେ ଅଦ୍‌ଭୂତ ସର୍କସ
ଓଲଟି ଲଟକି କରୁଥାନ୍ତି କେତେ ରଙ୍ଗେ ।
ଆହୁଲା ଦୋହଲା ପାଲଟଣା ଡଙ୍ଗା
ଦୋଳିକି ଜଳରେ ଭାସି ଯାଏ ମେଘ ସଙ୍ଗେ ॥ ୧୬୫



କ୍ଷେତରେ କ୍ଷେତରେ ଧାନ ଆଖୁ ମକା
ପରିବା କଷିରୁ ଫୁଲର ମହକ ଛୁଟେ ।
ପ୍ରିୟ ପ୍ରଭଞ୍ଜନ ବାହି ନେବା ପାଇଁ
ମଧୁର ମଧୁର ମାଟିରୁ ବାସ୍ନା ଉଠେ ॥ ୧୬୬
ତାରା ଫୁଲପରି ପୋଖରୀ ଘାଟରେ
ଫୁଟେ ନାଲି କଇଁ ଧଳା କଇଁ ଫୁଲ କେତେ ।
ସ୍ନିଗ୍ଧ ଶରତର ଉ  ାଳ ସଙ୍ଗୀତ
କାଶତଣ୍ଡି ହସେ ବାଉଳା ପବନେ ମାତେ ॥ ୧୬୭
ଚିରଶ୍ରୀ ଚିଲିକା ସ୍ୱର୍ଗୀୟ ସମ୍ପଦ
ସୁଷମା ବିଳାସ ଅନାବିଳ ଉଚ୍ଛ୍ୱସିତ ।
ନବ ସୃଜନର ନବ ଜୀବନର
ଋତୁରଙ୍ଗ ଭୂମି ଆହ୍ଲାଦିତ ଉଲ୍ଲସିତ ॥ ୧୬୮
ଏମନ୍ତ ସୁନ୍ଦରୀ ଏମନ୍ତ ବର୍ଣ୍ଣନା
ବର୍ଣ୍ଣିବ କେ କବି ସୁଷମା କଳ୍ପନା ସ୍ୱର୍ଗ ।
ପରମ ପ୍ରାପ୍ତିରେ ସକଳ ଐଶ୍ୱର୍ଯ୍ୟ
ମିଳିଗଲା ଅବା ଚତୁର୍ବର୍ଗ ଅଷ୍ଟବର୍ଗ ॥ ୧୬୯
ସୁନ୍ଦର ପଣରେ ତ୍ରିପୁର ସୁନ୍ଦରୀ
ଲାବଣ୍ୟ ଉଚ୍ଛୁଳା ବ୍ରହ୍ମାଣ୍ଡ ସୁନ୍ଦରୀ ଉଭା ।
ଅପୂର୍ବ ଅପୂର୍ବା ଅନନ୍ୟ ଅନନ୍ୟା
ଦିବ୍ୟ ନୀଳ ଶୋଭା ଅନୁପମା ମନଲୋଭା ॥ ୧୭୦
ଆସାଢ଼ ଆସାଢ଼ ତନ୍ଦ୍ରା ତନ୍ଦ୍ରା ହୋଇ
ପରମ ତୃପ୍ତିରେ ନୀଳ ପଣତରେ ହଜି ।
ଐଶୀ ପୁଲକରେ ହାତ ପାଆନ୍ତାରେ
ପାଇଲେ କି ସ୍ୱର୍ଗ ଆନନ୍ଦ ରତନ ଖୋଜି ॥ ୧୭୧
ପକ୍ଷୀ ପୁଣ୍ୟ ତୀର୍ଥ ପ୍ରଣମ୍ୟ ଚିଲିକା
କବି କଳ୍ପନାରେ ମହାକାବ୍ୟ ରଙ୍ଗ ଛବି ।
ସ୍ୱପନ ବିଭୋର ଆନନ୍ଦ ବିଭୋର
ବିଭୋର ସୁଖର ଅମୃତମୟୀ ଦେବୀ ॥ ୧୭୨

ଗ୍ରୀବା ଦେଶ ଛନ୍ଦି ନୃତ୍ୟ ନିପୁଣ
ପକ୍ଷୀ ଯୁଗଳଙ୍କ ଯୁଗଳବନ୍ଦୀ ଗୀତି ।
ପ୍ରୀତି ଆହ୍ଲାଦିତ ଦୃଶ୍ୟରେ ଭାବରେ
ଖୁସଖୁସି ହୋଇ ବା ନ୍ତି ଆନନ୍ଦ ପ୍ରୀତି ॥ ୧୭୩
ଦେବ ଦୁର୍ଲଭ ଅପାଶୋରା ତାର
ଅସୀମ ପ୍ରୀତିର ଅନୁଭବ ଅସୀମାର ।
ଅରଣ୍ୟ ସମୁଦ୍ର ମେଘ ପାହାଡ଼ର
ଶୁଭ୍ର ଗିରି ଶୃଙ୍ଗ ନୀଳ ଉଜ୍ଜ୍ୱଳ ଆକାଶର ॥ ୧୭୪
ନୀଳ ସ୍ୱର୍ଗରେ ବର୍ଷା ବିଜୁଳି
ଇନ୍ଦ୍ରଧନୁର ବହୁବର୍ଣ୍ଣା ଅନୁଭବ ।
ରାଜକନ୍ୟାର ହାତ ସ୍ପର୍ଶରେ
ଆନନ୍ଦ ବର୍ଷା କି ତଡିତ୍ ତଲ୍ଲୀନ ଭାବ ॥ ୧୭୫
ଆନନ୍ଦ ପର୍ବରେ ଅଭିଭୂତ ହୋଇ
ସ୍ୱର୍ଗ ସୌନ୍ଦର୍ଯ୍ୟର ବିଳାସ ଭୂମିରେ ମଜ୍ଜି ।
ଚିର ସୁନ୍ଦରୀର ସ୍ମୃତିକୁ ସାଇତି
ରଖନ୍ତି ଅଭୁଲା ଅଯୁତ ଦୃଶ୍ୟରାଜି ॥ ୧୭୬
ନଳବଣ ବୁଲି ଦେଖୁଥିଲେ ଯେବେ
ଆନନ୍ଦ ଦୃଶ୍ୟକୁ ଏକ ଲୟ ଏକ ଧ୍ୟାନେ ।
ପ୍ରୀତି ମୂର୍ଚ୍ଛିତ ବ୍ୟାକୁଳ ମିଳନ
ପକ୍ଷୀ ଯୁଗଳଙ୍କ ଆନନ୍ଦ ଭୁବନ ବନେ ॥ ୧୭୭
କାବ୍ୟ କଳ୍ପନାର ମହାକାବ୍ୟ ଛବି
ଦେଖିଛି ନୟନ ସ୍ୱର୍ଗଲୋକ ସ୍ୱପ୍ନ ଭୂମି ।
ସୁଷମା ସର୍ବସ୍ୱ ପ୍ରୀତି ଐଶ୍ୱର୍ଯ୍ୟକୁ
ବା ୁଛି ସଭିଙ୍କି ନୀଳ ତରଙ୍ଗରେ ଭ୍ରମି ॥ ୧୭୮
ପକ୍ଷୀ ଯୁଗଳଙ୍କ ପାଦ ପିଠି ପର
ସୁନ୍ଦର ମୁଢ଼ଳ ଗ୍ରୀବା ଦେଶ ଆଖି ଥ ।
ସମର୍ପିତ ପ୍ରୀତି ସ୍ମୃଦ୍ଧିତ ରହାଣି
ପ୍ରଣୟ ବିଳାସ ଫେରିବାକୁ ଦେଇ କ ॥ ୧୭୯



ଦିନରେ କି ଦିବ୍ୟ ଊର୍ମିଳ ଉଚ୍ଛଳ
ମନେ ହେଉଥିଲା ନୀଳ ସ୍ୱର୍ଗ ମନ୍ଦାକିନୀ ।
ରଜନୀ ରାଣୀର କୋଳେ କି ଉଜ୍ଜ୍ୱଳ
ନୀଳକନ୍ୟା ସ୍ୱପ୍ନ ବିମୋହିନୀ ପ୍ରମୋଦିନୀ ॥ ୧୮୦
ନୀଳ ପରବତ ନୀଳ ଶୃଙ୍ଗ ତଳେ
ନୀଳ ନିର୍ଝରିଣୀ ଝରୁଛି ଝର୍ଝର ନାଦେ ।
ନୀଳ ତାରାପୁଞ୍ଜ ନୀଳ ତମିସ୍ରାରେ
ନୀଳତନ୍ଦ୍ରା ସୁଖ ସ୍ୱପ୍ନ ବିଭୋର କି ନିଦେ ॥ ୧୮୧
ନୀଳସ୍ୱର୍ଗ ବିଭା ବିଭବ ବୈଦୁର୍ଯ୍ୟ
ସୁଷମା ସମ୍ପଦ ତୋ କୋଳେ ହୋଇଛି ଠୁଳ ।
ପ୍ରୀତିମୁଗ୍ଧା ହୋଇ ଆନନ୍ଦ ସଙ୍ଗୀତ
ଗାଉଛନ୍ତି ସର୍ବେ ସ୍ୱର୍ଗଲୋକ ଧରା ତଳ ॥ ୧୮୨
ଶୋକ ପାଶୋରା ତୋ ଅପସରା ଭୁବନ
ଅତିନ୍ଦ୍ରୀୟ ରୂପ ଅନିନ୍ଦ୍ୟ ଆନନ୍ଦ ପୁରୀ ।
ପ୍ରୀତି ଉଚ୍ଛ୍ୱସିତ ପ୍ରାଣର ବାରତା
ପ୍ରତି ପ୍ରାଣେ ଦେଇ ଲଭୁଥାନ୍ତି ସ୍ୱର୍ଗ ଶିରୀ ॥ ୧୮୩
କେତେ କେତେ ରୂପ ରୂପକ ପ୍ରତୀକ
ରୂପରମ୍ୟା ଛବି ରୂପକଳ୍ପ ଚିତ୍ରକଳ୍ପ ।
ତନୁଶ୍ରୀ ସୁଷମା ଯେତେ ଦେଖୁଥିଲେ
ଦେଖିବାକୁ ଇଚ୍ଛା ଦେଖୁଛି କି ନେତ୍ର ଅଳ୍ପ ॥ ୧୮୪
ଶୁଦ୍ଧ ସଙ୍କଳ୍ପରେ ତନ୍ମୟ ତଲ୍ଲୀନ
ମନେ ରଖିବାକୁ ପ୍ରୀତିସ୍ନାତ ମଧୁସ୍ମୃତି ।
ଆନନ୍ଦେ ଦିଅନ୍ତି ଆସନ୍ତା ଶରତ
ଋତୁ ମିଳନର ନିର୍ଭର ପ୍ରତିଶୃତି ॥ ୧୮୫
ନୀଳ ରାତ୍ରୀର କବରୀ ଭିତରେ
ନୀଳକନ୍ୟାର ନୈସର୍ଗିକ ରୂପବିଭା ।
ସ୍ୱର୍ଣ୍ଣିମ ପ୍ରଭାତୀ ଗୀତି ଉଚ୍ଛ୍ୱାସରେ
ସୁବର୍ଣ୍ଣା ଚିଲିକା ସ୍ୱୟଂମ୍ବରା ସ୍ୱର୍ଣ୍ଣପ୍ରଭା ॥ ୧୮୬

ନୀଳ ସୌନ୍ଦର୍ଯ୍ୟରେ ପ୍ରଶାନ୍ତ ଉଜ୍ଜ୍ୱଳ
ଆନନ୍ଦ ଉଚ୍ଛଳ ବିଶ୍ୱଜନ ବିମୋହିନୀ ।
ନାରୀ ସୌନ୍ଦର୍ଯ୍ୟର ନୀଳ ରତ୍ନଗର୍ଭା
ନୀଳ ମୁକ୍ତା ପରି ପ୍ରୀତିପ୍ଲୁତ ପ୍ରମୋଦିନୀ ॥ ୧୮୭
ନବ ପ୍ରଭାତର ସ୍ୱାଗତ ଗୀତିକା
ଗାଉଛି ଚିଲିକା ଆଶାନ୍ୱିତ ଆନନ୍ଦରେ ।
ବିଶ୍ୱ ପର୍ଯ୍ୟଟନ ମର୍ଯ୍ୟାଦା ଲଭିଲେ
ବିଶ୍ୱ ଜନ ମନ ମୋହିବ ନିଶ୍ଚେ ଅଚିରେ ॥ ୧୮୮
ଲାବଣ୍ୟ ଉଜ୍ଜ୍ୱଳ ଦେବକନ୍ୟା ପରି
ବଦନ କମଳା କାନ୍ତି କମନୀୟ ଦିବ୍ୟ ।
ଅସରା ସୌନ୍ଦର୍ଯ୍ୟ ଦେଖି ଆତ୍ମହରା
ମୁଗ୍ଧ ବିମୋହିତ ଲାବଣ୍ୟ ବିଭବ କାବ୍ୟ ॥ ୧୮୯
ମାନସ ପଟରେ ନାଚି ବୁଲୁଥିଲା
ପ୍ରୀତିମୁଗ୍ଧ ଗୋଟେ ଲାବଣ୍ୟ କିଶୋରୀ ଛବି ।
ଭୂଲୋକ ମୂଳକ କଳ୍ପଲୋକ ଖେଦି
କବି କଳ୍ପନାରେ କାବ୍ୟଲୋକ ପ୍ରତିଛବି ॥ ୧୯୦
ରହିଁ ରହିଁ ନୀଳ ତନୁଶ୍ରୀ ସୁଷମା
ଛୁଇଁ ଛୁଇଁ ନୀଳ ନୟନା ଲାବଣ୍ୟ ଛବି ।
ଆହାକି ଆନନ୍ଦ ଉଲ୍ଲାସ ଉତ୍ସବ
ବିଭୋର ପଣରେ ପ୍ରୀତିରେ ପାଲଟି କବି ॥ ୨୦୦
ସ୍ୱପ୍ନ ନାୟିକା ସ୍ୱପ୍ନ ବିଭୋର
ସ୍ୱପ୍ନ କଳ୍ପନା ରଙ୍ଗ ଅତର ବୁଣି ।
କୋଟି ଲାବଣ୍ୟରେ ସ୍ୱର୍ଗ ସୁଷମାରେ
ସ୍ୱପ୍ନାବିଷ୍ଟ ସଦା ନୀଳରତ୍ନ ନାରୀମଣି ॥ ୨୦୧
ମନ ଦୁଃଖ ସବୁ ହରି ନିଏ କ୍ଷଣେ
ମିଠା ମିଠା ହସି ଆନନ୍ଦ ଚନ୍ଦନ ବୋଳି ।
କବି କଳ୍ପନାରେ ନୀଳ ସ୍ୱର୍ଗପରୀ
ମହକୁଚି ଚିର ଚନ୍ଦନ ସୁବାସ ଭଳି ॥ ୨୦୨



ନୀଳପଦ୍ମ ନୀଳ ପଦ୍ମିନୀ ନାୟିକା
ନୀଳ ପାରିଜାତ ପରମା ସୁନ୍ଦରୀ ଟିଏ ।
ଚିରନ୍ତନ ପ୍ରୀତି ଉଲ୍ଲାସ ଐଶ୍ୱର୍ଯ୍ୟ
ବା ୂଚି  ବିଭୋରେ ଯୁଗ ପରେ ଯୁଗ ଯାଏ ॥ ୨୦୩
ସ୍ୱର୍ଗୀୟ ଆନନ୍ଦେ ଉବୁଟୁବୁ ହୋଇ
ଉଚ୍ଛଳ ପ୍ରୀତିରେ ପ୍ରାଣୋଚ୍ଛଳ ବ୍ରହ୍ମନୀଳ ।
ମହା ଚେତନାରେ ମହା ଭାବନାରେ
ମହନୀୟ  ସ  । ମହିମାମୟ ତା ଜଳ ॥ ୨୦୪
ସର୍ଜନ ବିଳାସୀ କଳ୍ପନା ବିଳାସୀ
ଭ୍ରମଣ ବିଳାସୀ ଆଖିରେ ଆଖିରେ ଲୋଟି ।
ବିଭୋର ପ୍ରୀତିରେ ଭାବୁକ ପ୍ରେମିକ
ପ୍ରିୟମ୍ବଦା ହୋଇ ଦେଇଛି ଆନନ୍ଦ ଭେଟି ॥ ୨୦୫
କୋଟି  ନୟନର ନୟନ ମଣି  ସେ
ଲାବଣ୍ୟ ରତନ ଲାବଣ୍ୟ ଉତ୍କଳ ଇନ୍ଦୁ ।
ମହିମା ଉତ୍କଳ ଯଶ କୀର୍ତ୍ତି ଗାଥା
ଗାଉଛି ଆନନ୍ଦେ ହୋଇ ସୁଧା ବାରି ବିନ୍ଦୁ ॥ ୨୦୬
ବିଷାଦ ବେଦନା ନୈରାଶ୍ୟ ଭାବନା
ପୋଛି ଦେବା ପାଇଁ ଦୟା ଅନୁକମ୍ପା ତାର ।
ଲଭିଛି ଯେ ଚିର କଲ୍ୟାଣୀୟା ପ୍ରୀତି
ଐଶ୍ୱର୍ଯ୍ୟ ଅମୃତ ଆସୁଥିବ ବାରମ୍ବାର ॥ ୨୦୭
ନୀଳନୀଳ ତାର ନୀଳାଭ ଦ୍ୟୁତିରେ
ପାହାନ୍ତି ଆକାଶେ ବାଳସୂର୍ଯ୍ୟ ମହୋତ୍ସବ ।
ସ୍ୱର୍ଣ୍ଣମୟ କାନ୍ତି ବର୍ଣ୍ଣମୟ ବିଭା
ନୀଳ ସୁନ୍ଦରୀର ମହିମା ବଖାଣୁ ଥିବ ॥ ୨୦୮
ପୀତ ଲୋହିତର ରଙ୍ଗ ବର୍ଣ୍ଣାଳୀରେ
ନୀଳ ଚନ୍ଦ୍ର ପ୍ରଭା ଝଲସେ ଉଲ୍ଲାସେ ହସେ ।
ଶାନ୍ତ ଶୀତଳ ନୀଳ ଜଳ ଜ୍ୟୋତି
ଐଶ୍ୱର୍ଯ୍ୟ ପରଶେ ଅପୂର୍ବ ଆନନ୍ଦ ରସେ ॥ ୨୦୯

ନୀଳ ଉଜ୍ଜ୍ୱଳ ରେଶମୀ କୋଳରେ
ଉର୍ମି ଉଚ୍ଛଳ ନୀଳାଭ ନୟନ ଦେଖି ।
ଘନ ସାନ୍ଦ୍ର ତନ୍ଦ୍ରା ତୃପ୍ତି ଆହ୍ଲାଦରେ
ଉଲ୍ଲାସ ମୟ ଲାଗୁଥିଲା ପ୍ରାଣସଖୀ ॥ ୨୧୦
ସୁଷମା ଭଣ୍ଡାର ଶୋଭା ସମ୍ପଦକୁ
ଶ୍ରୀବୃଦ୍ଧି ସମ୍ପନ୍ନ ଶତ ଗୁଣ କରି ସର୍ବେ ।
ଦେଖି ଦେଖି ତାର ଦିବ୍ୟ ଲାବଣ୍ୟକୁ
ଦେଶ ବିଦେଶକୁ ଫେରନ୍ତି ଆନନ୍ଦ ଗର୍ବେ ॥ ୨୧୧
ବୈଦୁର୍ଯ୍ୟ ମଣ୍ଡିତ ମେଘ ମାଳ ମାଳ
ପକ୍ଷୀ ଦଳ ଦଳ ପ୍ରୀତିମଗ୍ନା ପ୍ରଣୟିନୀ ।
ପ୍ରୀତି ସୁଧା ପାନେ ପରମ ଆନନ୍ଦେ
ଅଙ୍ଗୀକାର ବଦ୍ଧ ଆହ୍ଲାଦିନୀ ସୁହାସିନୀ ॥ ୨୧୨
ସୌନ୍ଦର୍ଯ୍ୟ ପ୍ରାଚୁର୍ଯ୍ୟ ପୂର୍ଣ୍ଣ ତୀର ଭୂମି
ଋତୁ ରଙ୍ଗ ଶାଳା ସୁଶୋଭିତ ସୁରୁଚିର ।
ନାନା ଜାତିଫୁଲ ଫଳ ଶସ୍ୟ ଶୋଭା
କୋଦାର କାନନେ କମଳା ବିଳାସ ପୁର ॥ ୨୧୩
ମହାଲକ୍ଷ୍ମୀଙ୍କର ନିତ୍ୟ ଲୀଳା ଭୂଇଁ
ତୋ ନୀଳ କନ୍ଦର ପୁଣ୍ୟ ପ୍ଳୁତ ଜଳଧାରା ।
ଦେବୀ ଭଗବତୀ କରୁଣା ପ୍ରକାଶେ
ସୁଖ ପ୍ରୀତି ସ୍ୱର୍ଗ ଦେଇଛି ତୋ କୋଳେ ଧରା ॥ ୨୧୪
ସୁନ୍ଦରୀ ଶରତ କାଶ ହାସ ଶୋଭା
ହିରଣ୍ୟ ହେମନ୍ତ ମଳୟ ହିଲ୍ଲୋଳ ସ୍ପର୍ଶେ ।
ଆମ୍ର ମୁକୁଳର ଐଶ୍ୱର୍ଯ୍ୟ ମହକ
ମନ ମୋହି ନିଏ ମିଠା କୁହୁ ଧ୍ୱନି ବର୍ଷେ ॥ ୨୧୫
ଟଗର ମନ୍ଦାର ଚମ୍ପା କନିଅର
ଅରଖ ଅଶୋକ ମୁଚୁକୁନ୍ଦ ନାଗେଶ୍ୱର ।
ଯୁଇ ଯାଇ ହେନା ମାଳତୀ ମାଧବୀ
କଦମ୍ବ ତରାଟ ଗେଣ୍ଡୁ ଫୁଲ ମନୋହର ॥ ୨୧୬



ଲିମ୍ବ ବେଲ ଫୁଲ ମହକ ଛୁଟାଏ
ସୁନ୍ଦରୀ ଶିମିଳି ପାଳଧୂଆ ଫୁଲ ନାଲି ।
ରଙ୍ଗ ଅବିର ବୁଣଇ ରଙ୍ଗଣୀ
ଗଙ୍ଗଶିଉଳି ଲାଜେ ହସେ ଖିଲି ଖିଲି ॥ ୨୧୭
ମଲ୍ଲୀ ଫୁଲ ହସେ କିଆ ଫୁଲ ବାସେ
କେତକୀ ପରଶେ ପ୍ରୀତିର ମହକ ଛଟା ।
ପାଟ ପୋଖରୀରେ ଫୁଟେ କଇଁଫୁଲ
ପଦୁଁଅ ଚହଟେ ସୁଷମା ରାଇଜ ଗୋଟା ॥ ୨୧୮
କୃଷ୍ଣଚୂଡ଼ାର କମନୀୟ ହସ
କେଳି କୁସୁମର ମହ ମହ ମିଠା ବାସ ।
ମଧୁ ମାଳତୀର ବାସ ମନୋହର
ରାତିର କା ନ ବୁଝେ ପ୍ରୀତି ଅଭିଳାଷ ॥ ୨୧୯
ସ୍ୱର୍ଣ୍ଣମ ସୁନ୍ଦର ତାସକେ । ଫୁଲ
ପ୍ରଭାତରେ ଫୁଟି ପୁଲକ ଖେଳାଇ ହସେ ।
ବାଡ଼ି ବଗିଋରେ ଦୁଲବା ତୁଳସୀ
ମହିମା ମହକେ ଅର୍ଣ୍ଣପୂର୍ଣ୍ଣା ଅଙ୍ଗବାସେ ॥ ୨୨୦
କେତେ ଫୁଲ ଫୁଟେ କରଞ୍ଜ କଇଁଆ
ଜାମୁ ବରକୋଳି କମଳା ପିଜୁଳି ଗଛେ ।
ଋକୁଣ୍ଡା ଫୁଲର ଆକାଶ ଋନ୍ଦୁଆ
ଶୋଭା ପାଉଥାଏ ତାଳ ବିଲ ପଛେ ପଛେ ॥ ୨୨୧
ସପୁରୀ ପଣସ ଫୁଲ ଦେଖୁଥିଲେ
ସରେ ନାହିଁ ଦିନ ମହକେ ସଜନା ଫୁଲ ।
ଗୁଣୁ ଗୁଣୁ ହୋଇ ଫୁଲ ପରେ ଫୁଲ
ଉଡ଼ି ବୁଲି କରେ ମଧୁମକ୍ଷୀ ମଧୁ ମୂଲ ॥ ୨୨୨
ବର ଓସ୍ତ ଲିମ୍ବ ଶିମିଳି ସାହାଡ଼ା
ବାଉଁଶ ପୋଲାଙ୍ଗ କଦଳୀ ଖଜୁରି ତାଳ ।
ଆମ୍ବ ପଣସ ପିଜୁଳି କମଳା
କେନ୍ଦୁ ବରକୋଳି ବେଲ ଗୁଆ ନାରିକେଳ ॥ ୨୨୩

ଗହ୍ମାରି ମାହାଲ ରକୁଣ୍ଡା ପଟାସ
ଦେବଦାରୁ ଜାମୁ ଶାଗୁଆନ ଶୋଭା କୁଞ୍ଜ ।
କାଇଁଚ ଅଁଳା ବେତ କନିଅର
ଆତ ନେହୁଆ କଇଁଆ ଗଛରେ ସଞ୍ଜ ॥ ୨୨୪
ଗେଣ୍ଡା ଶାମୁକା କଇଁଚ କଙ୍କଡ଼ା
ପାଣିକୁଆ ବେଙ୍ଗ ଡଲଫିନ୍ ଶିଶୁମାର ।
କେତେ ପାଣିସାପ ଜାତିଜାତି ମାଛ
ମଗର ଶାଙ୍କୁଚ ଖେଳୁଥାନ୍ତି ଜଳେ ତୋର ॥ ୨୨୫
ହଂସ ହଂସରାଳି ସାରସ ସାରସୀ
ବଗ ବଣି ଏରା ମାଛରଙ୍କା ମାଛଖାଇ ।
ଚିଲ ଶଙ୍ଖଚିଲ ଟେଁଟେଁଇ ଟେଁଟେଇଁ
ଡାହୁକ ଛଞ୍ଚାଣ କୁଣ୍ଡାଖାଇ ଶଣ୍ଢାଖାଇ ॥ ୨୨୬
ଚିଙ୍ଗୁଡ଼ି ମାଫିଆ କବଳରେ ପଡ଼ି
ସୁନ୍ଦରୀ ଚିଲିକା ପ୍ରାଣ ହୁଏ ଲହୁ ଲୋଟା ।
ଶାନ୍ତିର ସରଗ ନରକ ପାଲଟେ
ଗାଁରେ ଗାଁରେ ଲାଗେ କଳି ଗୋଳ ହଣାକଟା ॥ ୨୨୭
ସାନ ବଡ଼ ଆଳୁ ମାଣିକପାଟଣା
ମାଲୁଦ ପାଲୁର ପାରିକୁଦ ସିପକୁଦ ।
ଭୁଷଣ୍ଡପୁର ଠୁ ଜହ୍ନିକୁଦ ଯାଏ
ଜନ ଅସନ୍ତୋଷ ବ୍ୟାପିଛି ଡାମରାକୁଦ ॥ ୨୨୮
ଜନ ପ୍ରତିବାଦ ପ୍ରତିହତ ଲାଗି
ପୋଲିସ୍ ପିଟୁଚି ନାଲି ନାଲି ଆଖି କରି ।
ଗୁଳି ଫୁଟା ଶବ୍ଦ ବୋମା ଆତଙ୍କରେ
ଗାଁ ଶୂନଶାନ୍ ସଞ୍ଜ ଅନ୍ଧାରେ ଡରି ॥ ୨୨୯
ବିଦେଶୀ ଡଲାର ଲୋଭ ଲାଳସାରେ
ନିଶା କବଳରେ କେତେ କିଏ କଲବଲ ।
ଗୋଳିଆ ପାଣିରୁ କଙ୍କଡ଼ା ଧରିକି
ସବୁ ରାଜନେତା ହେଉଛନ୍ତି ମାଲେମାଲ୍ ॥ ୨୩୦



ହିଂସା କବଳିତ ଅଶାନ୍ତ ଆକ୍ରାନ୍ତ
ଗ୍ରାମବାସୀ ଦୁଃଖ ଅସୁମାରୀ ବିଭୀଷିକା ।
ସରଳ ମଣିଷ ଗରଳ ପିଉଛି
ଅକାଳେ ଲୋଡୁଛି ମୃତ୍ୟୁର ନୀରବତା ॥ ୨୩୧
ସନ୍ଧ୍ୟା ନଇଁଲେ ଗାଁଆ ଭୂତକୋଠି
ଭୂତ କି ମାତିଛି ଅଜଣା ଆତଙ୍କ ଜର ।
କିଏ ଜାଣେ କାହିଁ ଫୁଟିବ କି ବୋମା
ଗୁଳି ବନ୍ଧୁକ ମାଡ଼ି ଆସେ ଘୋର ଡର ॥ ୨୩୨
ରାଜନୀତି ହିଂସା ପଶା ପାଲି ପାଠ
ବଳି ଯାଇଅଛି ଶକୁନି ର ପଶା କାଠି ।
ଧମକ ଚମକ ଆତଙ୍କ ଖେଳାଇ
ମଦ ମାଂସର ସୁଅ ଛୁଟୁଛି କି ସେଠି ॥ ୨୩୩
ଖାଲି ସତ କଥା କହିବୁଲେ ଟିଭି
ଖବର କାଗଜ ପର ଆପଣାର ବାରି ।
କିଏ ମଙ୍ଗୁଆଳ କିଏ ମଙ୍ଗରାଜ
କାହାକୁ କହିବ ରଙ୍ଗ ଢଙ୍ଗ ମଙ୍ଗ ଧରି ॥ ୨୩୪
ଜାଗିଛି ପିଶାଚ ପଶୁ ପ୍ରବୃତ୍ତି
ହିଂସ୍ର ସ୍ୱଭାବ ଦେବ ମାନବକୁ ଦଳି ।
ରକ୍ତର ସୁଅ ଛୁଟାଇ ଦେବାକୁ
ବିଦେଶୀ ନିଶାରେ ଢ଼ଳି ଢ଼ଳି ଜଳି ଜଳି ॥ ୨୩୫
ଗଛ ଲତା ବଣ ପାହାଡ଼କୁ ଲୁଟି
ପକ୍ଷୀ ମାଂସ ଲାଗି କେତେ ନିଶା ଫାଶ ଫାନ୍ଦ ।
ପ୍ରଦୂଷିତ କରେ ଚିଲିକା ଜଳକୁ
ଚିଙ୍ଗୁଡ଼ି କଳର ପଚା ପାଣି ପଚା ଗନ୍ଧ ॥ ୨୩୬
ପ୍ରୀତି ଅମୃତ ଅମୃତ ପ୍ରୀତି
ଅମୃତ ପକ୍ଷୀ ବିତରେ ଅମୃତ କଣ ।
ନିର୍ମମ ଅଜ୍ଞାନୀ ଶାଣିତ ଛୁରିକା
ବୁଝି କି ପାରିବ ଅମର ଅହିଂସ ପ୍ରାଣ ॥ ୨୩୭

ସ୍ୱାର୍ଥନ୍ୱେଷୀ ଭୀରୁ ଅଜ୍ଞାନ ଚଣ୍ଡାଳ
ପେଟ ପାଟି ଲାଗି ପକ୍ଷୀ ମାଂସରେ ମାତି ।
ଭୁଲିଛି ତାହାର ଦେବ ସଭ୍ୟତା
ଦେବ ସଂସ୍କୃତି ଜୀବେ ଦୟା ଜୀବ ନୀତି ॥ ୨୩୮
ଜ୍ଞାନ ବିଜ୍ଞାନ ଯୁଗରେ ଆଜିବି
ଶିଖିବାକୁ ଅଛି କେତେ ପୁଣ୍ୟ ଗାଥା କଥା ।
ମାନବ ଦାନବ ଅପସଂସ୍କୃତି
ଅବକ୍ଷୟ ଦେଖି ନଇଁ ଯାଏ ଆଜି ମଥା ॥ ୨୩୯
ଦେବ ସନ୍ତାନ ଲାଗି ଲୋଡ଼ା ହୁଏ
ଅମୃତ ପ୍ରେମ ଦିବ୍ୟ ଜୀବନ ଧାରା ।
ପ୍ରତିଟି ପରାଣେ ଜଳୁ ଜ୍ଞାନ ଜ୍ୟୋତି
ଅମୃତ ଜୋଛନା ପରଶୁ ସଂସାର ସାରା ॥ ୨୪୦
ଜୀବନର ପଥେ ପ୍ରାଣ ପ୍ରବଜ୍ୟାରେ
ଅଛି ଦିବ୍ୟଜ୍ଞାନ ଉଡ଼ାଣରେ ଉ  ରଣ ।
ଅମୃତ ସନ୍ଧାନୀ ଅମୃତ ପଥେ
ଲଭିବ ଅମୃତ କରି ଜ୍ଞାନ ଆହରଣ ॥ ୨୪୧
ହେ ଅମୃତ ଶିଶୁ ଅମୃତ ସନ୍ତାନ
ଜୀବନ ଦେଇଛି ମୃତ୍ୟୁ ଠୁ ମହା ଜ୍ଞାନ ।
ନୈରାଶ୍ୟ ଛାଡ ହେ ଆଶା ଆଲୋକରେ
ନବ ସୃଜନରେ କର ତାର ଜୟଗାନ ॥ ୨୪୨
ନୀଳ ଚେତନାର ନୀଳ ହ୍ରଦ ଇଏ
ନୈସର୍ଗିକ ନୀଳ ଆନନ୍ଦରେ ଢଳ ଢଳ ।
କଳକଳ ଧ୍ୱନି ମିଠା କଳରବ
ତରଙ୍ଗିତ ତୀର ଅବିରତ ଅବିରଳ ॥ ୨୪୩
କାକଳି କୂଜନ ଅମୃତ ଗୁଞ୍ଜନ
ସୁଲୁସୁଲୁ ବାଆ ମଧୁର ମର୍ମର ଧ୍ୱନି ।
ନୀଳ ନୟନାର ନୀଳ ସ୍ୱର୍ଣ୍ଣ ରୂପ
ନିଃସର୍ଗ ସୁଷମା ପାନେ କାଦମ୍ବିନୀ ଧନୀ ॥ ୨୪୪



ରମ୍ଭା ସାତପଡ଼ା ବାଲୁଗାଁ ମାଲୁଦ
କାଳିଯାଇ ପୀଠ ପାରିକୁଦ ବଡ଼କୁଳ ।
ଅତୁଳ ସୁଷମା ଠୁଳ ଚଉଦିଗେ
କେଉଁଠୁ ଆରମ୍ଭ କେଉଁଠାରେ ଶେଷ ନୀଳ ॥ ୨୪୫
ପ୍ରୀତି ଆତିଥ୍ୟରେ ସ୍ନେହ ସତ୍କାରରେ
କୃତ୍ୟ କୃତ୍ୟ ସର୍ବେ ଲଭିକି ଅମୂଲ୍ୟ ରତ୍ନ ।
ବିଶ୍ୱ ମନୋରମା ମନ ଜିଣି ରୂପ
ଐଶ୍ୱର୍ଯ୍ୟ ବିଭବ ଅତୁଲ୍ୟ ତା ଯେବା ଯତ୍ନ ॥ ୨୪୬
ଶୋଭାର କାନନ ଉତ୍କଳ ଭୁବନ
ଉତ୍କଳ କମଳା ଚାରୁ ଅଳଙ୍କାର ତୁହି ।
ସ୍ୱପ୍ନ କଳ୍ପନାର ସୁନ୍ଦର ସୃଜନ
ପ୍ରତିଭାତ ହୁଏ ମନ ଛୁଇଁ ମନ ମୋହି ॥ ୨୪୭
ବିଦଗ୍ଧ ପ୍ରାଣରେ ପ୍ରୀତି ମନ୍ତ ଫୁଙ୍କି
ପରମ କଲ୍ୟାଣୀ ଲାଜ ନୀଳ ହସ ହସି ।
ଜୀବନ ସଙ୍ଗୀତ ଜୀବନ ଅମୃତ
ଜୀବନ ଜୀଜ୍ଞାସା କହି ବୁଲେ ମନ ତୋଷି ॥ ୨୪୮
ଚାରୁ ଚିତ୍ରଶାଳା ଛବି କି ସୁନ୍ଦର
ଅତୀବ ରୁଚିର ଚାରୁ ଅଳଙ୍କାର ମାଳା ।
ଚିର ନୃତ୍ୟ ରତା ନାଚୁଛି କି ଛନ୍ଦେ
ମହୋଦଧି ବନ୍ଦେ ନୀଳ ସ୍ୱର୍ଗ ରଙ୍ଗଶାଳା ॥ ୨୪୯
ନୀଳ ଦର୍ପଣରେ ନୀଳ ଚନ୍ଦ୍ରହାର
ଲାବଣ୍ୟ ଭୁଷଣ କନକ କମଳା ମୁଖ ।
ବିମ୍ବ ପ୍ରତିବିମ୍ବ ଝଲସେ ଝଟକେ
ନୀଳ ନୀଳ ବିଚି ମାଳେ ମିଳେ ମହା ସୁଖ ॥ ୨୫୦
କାହିଁ କେତେ ଦୂର ଏସିଆ ଇଉରୋପ
ଗିରିମାଳା ଲଙ୍ଘି ଆସିଛନ୍ତି ପକ୍ଷୀକୁଳ ।
ଭୀଷଣ କଷଣ ତୁଷାର ଝଡ଼କୁ
ଏଡିକି ଆନନ୍ଦେ ନାଚୁଛନ୍ତି ଦଳ ଦଳ ॥ ୨୫୧

ନାହିଁ ହିମପାତ ହିମବାହ ଭୟ
ହେମାଳ ପବନ ନିର୍ଜନ ନିର୍ଜୀବ ସ୍ଥାନ ।
ରୂପ ସୁଧା ପାନେ ପ୍ରବଜ୍ୟାରେ ବୁଲି
ଦେଖନ୍ତି ଚିଲିକା ଅପୂର୍ବ ସ୍ୱର୍ଗ ଭୁବନ ॥ ୨୫୨
ଲୋକନୃତ୍ୟ ଗୀତ ଯାନି ଯାତ୍ରା ତିଥ
ମନ୍ଦିର ସଂସ୍କୃତି କେତେ ପୂଜା ପର୍ବ ପାଠ ।
ପ୍ରେମ ଅହିଂସାର ପୁଣ୍ୟମୟ ଭୂମି
ଅପୂର୍ବ ଉତ୍କଳ ବିଶ୍ୱ ସଂସ୍କୃତିର ପୀଠ ॥ ୨୫୩
ଉତ୍କଳ ପ୍ରକୃତି ଶୋଭା ସଂସ୍କୃତିର
ଜୟଗାନ କରି ଉଡୁଥାନ୍ତି ଦଳ ଦଳ ।
ଅହିଂସ ଉତ୍କଳ ନାଥ ନୀଳାଚଳ
ବନ୍ଦନା ଲାଗି ଲାଗେ ସଦା କୋଳାହଳ ॥ ୨୫୪
ଦୂର ବିଦେଶରୁ ପ୍ରବଜ୍ୟାରେ ପକ୍ଷୀ
ତୀର୍ଥସ୍ନାନ ଲାଗି ଆସନ୍ତି ଚିଲିକା ପୁରେ ।
କଳା ସଂସ୍କୃତିର ଦେଶ ଉତ୍କଳକୁ
ଶୀର୍ଷ ମଣି ମନେ ନାଚନ୍ତି ଆନନ୍ଦ ଉରେ ॥ ୨୫୫
ନଭଚାରୀ ନାନା ଜ୍ଞାନ ବିଜ୍ଞାନରେ
ଉନ୍ନତ ନିଶ୍ଚୟ ସୃଜନ ବିସ୍ମୟ ଲାଗି ।
ନୋହିଲେ କି ଏତେ ଦେଶ ଦୂରପଥ
ବନ ଗିରିପଥ ଆସନ୍ତେ ନିର୍ଭୟେ ଲଘି ॥ ୨୫୬
ଡର ଭୟ ଭ୍ରାନ୍ତି ପଥ କ୍ଳେଶ କ୍ଳାନ୍ତି
ଅଜଣା ଆତଙ୍କ ମୃତ୍ୟୁ ପାରିନି ରୋକି ।
ନୀଳ ଗଗନର ବିଶାଳ ଛାତିରେ
ପହଁରି ପହଁରି ଭାସିଭାସି ଆସନ୍ତି କି ॥ ୨୫୭
ପବନର ଗତି ଦିଗ ଭାଗ ବାରି
ଉଡ଼ନ୍ତି ନିର୍ଭୟେ ଗିରି ମେଘ ଭେଦି ଖରେ ।
ଅସରନ୍ତି ବାଧା ବିଘ୍ନ ଅତିକ୍ରମୀ
ବ୍ୟାଧ କବଳରୁ ଖସିଯାନ୍ତି ସତର୍କରେ ॥ ୨୫୮



ହିଂସ୍ରମୁଖି ବ୍ୟାଧ କ୍ଷୁଧା ର୍ ବ୍ୟାଜକୁ
ଅହିଂସା ପଣରେ କେହି ଦେଲେ ପ୍ରାଣଦାନ ।
ନଭ ମଣ୍ଡଳରେ ପାଳନ୍ତି ଉତ୍ସବ
ଜୟଗାନ କରି ଗୁଣଗାନ ଯଶସ୍ୱାନ ॥ ୨୫୯
ଅହିଂସ ସାଧନା ପଥେ ମୃତ୍ୟୁ ମାତ୍ର
ନିର୍ଭୟ ପରୀକ୍ଷା ମରଦେହେ ଜୀବନରେ ।
ସର୍ବ ସାଧନର ସିଦ୍ଧି ଅହିଂସାରେ
ମୂଳମନ୍ତ୍ର ଇଏ ସଫଳତା ଲଭିବାରେ ॥ ୨୬୦
ଦେଶ ଦେଶ ବୁଲି ବହୁ ଭାଷା ଶୁଣି
ବୁଝନ୍ତି ମାନବ ହୃଦୟର ଦୁଃଖ ସୁଖ ।
ଆଶା ଆନନ୍ଦର ଅମିୟ ଗୀତିକା
ଗାଆନ୍ତି ସରବେ ହରି ଜନ ମନ ଦୁଃଖ ॥ ୨୬୧
କିଏ କହେ ଛାଡି ନିଜ ମୂଲକକୁ
ଥଣ୍ଡା ପ୍ରକୋପରୁ ଆସିଥାନ୍ତି ପକ୍ଷୀ ଦଳ ।
ପ୍ରକୃତି ସଭିଙ୍କୁ ଦେଇଛି ସୁରକ୍ଷା
ଜୀବନ ସାଧନା ଲାଗି ବିଦ୍ୟା ବୁଦ୍ଧି ବଳ ॥ ୨୬୨
ବିଶାଳ ଭାରତ ଆଦ୍ର ଭୂମି ବାଛି
ବାଛି ପରିଶେଷେ ପହ୍ର ଚିଲିକା ଜଳେ ।
ଦେଖିଲା କି ନେତ୍ର କୋଟୀନିଧି ରତ୍ନ
ସ୍ୱାଗତ ସଙ୍ଗୀତେ କମ୍ପାନ୍ତି ଆନନ୍ଦ ରୋଳେ ॥ ୨୬୩
ଦେଖନ୍ତି ତିମିରେ ବିଜ୍ଞାନ ବଳରେ
ଜାଳୁଛି ମାନବ ନିଶୀଥେ ବିଜୁଳି ବତୀ ।
କେତେ କେତେ ଯନ୍ତ୍ର କଳ କାରଖାନା
ଗଢ଼ିଛି ବୁଦ୍ଧିରେ ଆନନ୍ଦ ପଛରେ ମାତି ॥ ୨୬୪
ଟିଭି କମ୍ପ୍ୟୁଟର ମୋବାଇଲ ଠାରୁ
ରକେଟ୍ ବିମାନ ଆସରନ୍ତି ଯନ୍ତ୍ର ଯୁଗେ ।
କନ୍ଦର୍ପ ଧନୁକୁ ଭାଙ୍ଗିକି ଗଢ଼ିଛି
କାମ ସୁଖ ଯନ୍ତ୍ର ବଡ଼ ଆଚମ୍ବିତ ଲାଗେ ॥ ୨୬୫

ଯନ୍ତ୍ର କି ଜାଣିବ ଆନନ୍ଦ ମନ୍ତ୍ରକୁ
ସୁଖ ଆନନ୍ଦକୁ ସଭିଏଁ ପାଗଳ ଆଜି ।
ମାନବ ପରାଣ ପାଲଟେ ନିଦାଘ
ଶୁଷ୍କ ବନ୍ଧୁର ଆନନ୍ଦ ଟିକକ ଖୋଜି ॥ ୨୬୫
ମିଛ ମାୟା କୂଟ କପଟ ଛନ୍ଦରେ
ଛନ୍ଦି ହୋଇଛନ୍ତି ଜ୍ଞାନୀ ଗୁଣୀ ବୁଦ୍ଧିଜୀବୀ
ମୁକ୍ତି ମୋକ୍ଷ ଚିନ୍ତା ନିର୍ବାଣ ଭୁଲିକି
ଘା ି ହେଉଛନ୍ତି ବିଭବ ବିଳାସ ଲାଗି ॥ ୨୬୬
ଲୋଭ ଈର୍ଷା କରି ପରସ୍ୱାପ ହାରୀ
ରୋଷ ହିଂସା ଦୁଃଖ ଦଣ୍ଡ ଭୋଗୁଛନ୍ତି କେତେ ।
ତଥାପି କାହାର ନିଦ ଭାଙ୍ଗୁନାହିଁ
ମଦ ମାତ୍ସର୍ଯ୍ୟରେ କାମ ବିଳାସରେ ମାତେ ॥ ୨୬୭
ସଦାଚାରୀ ହୋଇ ସରଳ ଜୀବନ
ଚାହୁଁ ନାହିଁ କେହି ନିର୍ମଳ ପ୍ରକୃତି କୋଳେ ।
ନିର୍ଜନ ବାସରେ ନିରାମୟ ଶାନ୍ତି
ନୈସର୍ଗିକ ସୁଖ କହୁଥାନ୍ତି କୌତୁହଳେ ॥ ୨୬୮
ବୃଦ୍ଧ ପିତା ମାତା ସେବା କରିବାକୁ
ବେଳ ନାହିଁ ଘରେ ଜରାଶ୍ରମ ଖୋଲା ଯାଏ ।
ପିଲାଙ୍କ ଯତନ ପାଠ ସାଙ୍ଘାତିକ
ବୁଝୁ ବୁଝୁ ସବୁ ସମୟ ନିଅ ହୁଏ ॥ ୨୬୯
ସମୟ ଯାତନା ଭୋଗୁଛନ୍ତି ସର୍ବେ
ଟିଭି ପାଶେ ଦେଖି ସମାଚାର ସିରିଏଲ ।
ମୋବାଇଲ ଧରି ହାଲୋ ହାୟ ବାୟ
କହିକି ଭାଷଣ ପ୍ରଣୟରେ ମସଗୁଲ ॥୨୭୦
ସୁଷମା ସମ୍ପଦ ପୂର୍ଣ୍ଣ ଶ୍ରେଷ୍ଠ ସ୍ଥାନ
ଖୋଜି ଖୋଜି ଖଗ ବାହିନୀ ଏଠାକୁ ଆସି ।
ଧନ୍ୟ ହେଲା ଆଖି ତୃପ୍ତ ହେଲା ମନ
ଦିବ୍ୟା ନୀଳାଙ୍ଗନା ନନ୍ଦନ କାନନେ ବସି ॥ ୨୭୧

ପ୍ରକୃତି ରାଣୀର ଚାରୁ ଚିତ୍ରଶାଳା
ଚାରୁ ହାସିନୀର ଚମତ୍କାର ରୂପ ବେଶ ।
ଦିବ୍ୟ ସୌନ୍ଦର୍ଯ୍ୟର ଉତ୍ସ ଚିରନ୍ତନ
ମନୋମୁଗ୍ଧକର ରମଣୀୟ ତୀର ଦେଶ ॥ ୨୭୨
ଛବିଳ ସୁଷମା ଶୋଭା ରାଶି ରାଶି
ଶାନ୍ତି ପ୍ରୀତିସ୍ୱଦ ସବୁଜ ଶୀତଳ ଛାୟା ।
ଧାଇଁ ଧାଇଁ ଯାଏ ନୀଳ ବିଚିମାଳା
ରଚିଛି କି ଦୂରେ ନୀଳ ହରିଣୀର ମାୟା ॥ ୨୭୩
ନୀଳ ସପନର ନୀଳ ରାତିପରି
ନୀଳ ନୀଳଜ୍ୟୋତି ଜୋଛନା ଆଲୋକ ଆଭା ।
ବିମୁଗ୍ଧ ନୀଳିମା ମୁଗ୍ଧ ମାଦକତା
ରସୋ ର୍ଣ୍ଣ ରୂପ ଐଶ୍ୱର୍ଯ୍ୟ ପୁଲକ ପ୍ରଭା ॥ ୨୭୪
ଲଳିତ କୋମଳ ମଞ୍ଜୁଳ ମୋହନ
ପ୍ରୀତି ଉତ୍ଫୁଲ୍ଲିତ ଶ୍ୟାମ ଶୁଭ୍ରସ୍ୱର୍ଣ୍ଣ ଦୀପ୍ତି ।
ନୀଳ ସୁନ୍ଦର ନୀଳ କନ୍ଦର
ନୀଳ ଶୈଳ ଶୋଭା ନୈସର୍ଗିକ ଶାନ୍ତି ତୃପ୍ତି ॥ ୨୭୫
ମନୋରମ ରୂପ ରସିକ ପ୍ରେମିକ
ରସ ଆସ୍ୱାଦନେ ରୋମା ିତ ରସସ୍ନିଗ୍ଧ ।
କାବ୍ୟମୟ ଶୋଭା ଅପାର ଆନନ୍ଦ
ଲଭି ତାର କୋଳେ ଲୋଭାନ୍ୱିତ ପ୍ରୀତି ଲୁବ୍ଧ ॥ ୨୭୬
ସୁନ୍ଦରୀ ମେଳରେ ବିଶ୍ୱ ସୁନ୍ଦରୀ ଏ
ଗୀତ ଗାଇ ହସି ଆନନ୍ଦେ ନଚାଏ ପ୍ରାଣ ।
ବିଶ୍ୱ କଲ୍ୟାଣରେ ଧରା ମଙ୍ଗଳରେ
ସମର୍ପିତ ଚିର କରୁଛି କୋଟି କଲ୍ୟାଣ ॥ ୨୭୭
ସୁନ୍ଦରୀ ନ କୀ ସୁମଧୁର ଗୀତ
ମଧୁସ୍ରାବୀ ମିଠା କବିତ୍ୱ ମାଧୁରୀ କଳା ।
ଚିତ୍ରକର ବୋଲି ସଜାଇଛି ସବୁ
ଚିତ୍ରଶାଳା କରି ସଦ୍ୟ ମୁଗ୍ଧ ରଙ୍ଗଢ଼ଳା ॥ ୨୭୮

ସୁଷମା ସନ୍ଧାନୀ ସୁଷମାରେ ରୁଚି
ସାଇତିଛି ସ୍ୱର୍ଗ ସୁଷମା ସାଉଁଟି ପାଶେ ।
ନାନା ରଙ୍ଗେ ଏତ ନୀଳ ଇନ୍ଦ୍ରଧନୁ
ଇନ୍ଦ୍ରବାଳା ପରି ଉଛଳେ ଲାବଣ୍ୟ ହସେ ॥ ୨୭୯
ଭାବୁକ ପ୍ରେମିକ ରସିକ କବି ଏ
ସମ୍ବେଦନ ଶୀଳ ଗୁଣଗ୍ରାହୀ ଗୁଣ ମଣି ।
ନୋହିଲେ ବିଧାତା ଖଞ୍ଜିଥାନ୍ତା ପ୍ରୀତି
ଦେଖୁ ଦେଖୁ ସର୍ବେ କହୁଥାନ୍ତେ ହୃଦରାଣୀ ॥ ୨୮୦
ସର୍ଜନ ପୂଜାରୀ ସାରସ୍ୱତ ଶିଳ୍ପୀ
ଲକ୍ଷ୍ମୀ ସରସ୍ୱତୀ କୃପା ଲଭି କୃପାମୟୀ ।
ମହାପ୍ରଭୁଙ୍କର ଆଶିଷ ଅଶେଷ
ଲଭିଛି ଏ ନିଶ୍ଚେ ନୋହିଲେ କି କାଳଜୟୀ ॥ ୨୮୧
ଦୁଃଖ ହରି ସୁଖ ଭରିବା ସୌଭାଗ୍ୟ
ସର୍ବ ଗୁଣମଣି ସର୍ବ ହୃଦ ରାଣୀ ହୋଇ ।
ଅସାଧ୍ୟ ସାଧନା ଅହେତୁକ କୃପା
ବିନା ଅସମ୍ଭବ ଐଶ୍ୱର୍ଯ୍ୟ ଭୁଞ୍ଜିବା ପାଇଁ ॥ ୨୮୨
ହରିହର ପୂଜି ପାଇଛି ଲାଗୁଛି
କରୁଣା କୈବଲ୍ୟ ସୁଖ ପ୍ରୀତି ଶାନ୍ତି ସର୍ବ ।
ଦେବୀ ପାର୍ବତୀଙ୍କ ପାଦପୂଜି ସେବି
ଲଭିଛି ଅଭୟ ସୁଷମା ଲାବଣ୍ୟ ସ୍ୱର୍ଗ ॥ ୨୮୨
ମୃଦୁଳ କୋମଳ ନିର୍ମଳ ବିମଳ
ଶୋଭା ପ୍ରଭା ଆଭା ଐଶ୍ୱର୍ଯ୍ୟ ଉଛୁଳା ତନୁ ।
ତୋ ରୂପ ଲାବଣ୍ୟ ମନ୍ତ୍ର ମୁଗ୍ଧକର
ଥରେ ଯେ ଦେଖିଛି ଭୁଲିକି ପାରିଛି ମନୁ ॥ ୨୮୩
ବ୍ୟଥା ବିଷାଦରେ ମନ ଝୁରେ ତାର
ମଧୁସ୍ମୃତି ସ୍ନେହ ଅମୃତ ମିଠା ସ୍ୱର ।
ଭବ ସଂସାରର ଘୋର ଭବ ତାପ
ଅସହ୍ୟ ଲାଗିଲେ ଚିର ଆଶ୍ରୟ ତୋ ତୀର ॥ ୨୮୪



ଦୂରେ ସୌଧମାଳା ରମ୍ୟ ଗିରିବାଳା
ଶ୍ୟାମକୁଞ୍ଜ ଶାଳା ଶୋଭିତ ପୁଷ୍ପିତ ତନୁ ।
ବନାନୀ ତଟିନୀ ବନବିଧି ବନ୍ୟ
ଲାବଣ୍ୟ ଐଶ୍ୱର୍ଯ୍ୟ ଚିର ଅପାଶୋରା ମନୁ ॥ ୨୮୫
ପ୍ରୀତି ଦାନେ ଧନ୍ୟ ମଣିକି କରନ୍ତି
ତାର ଜୟଗାନ ଲଭି ସୁଖ ସ୍ୱର୍ଗ ପ୍ରୀତି ।
ଶୃଙ୍ଗାର ବିଳାସ ରତି ରସେ ମଜ୍ଜି
କୋଟି କାମତୀର୍ଥେ ପୂଜନ୍ତି କନ୍ଦର୍ପ ରତି ॥ ୨୮୬
ପ୍ରୀତି ଅଭିପ୍ରେତ ସୁନ୍ଦର ଶାଶ୍ୱତ
ମଙ୍ଗଳ ମିଥୁନ ଶୃଙ୍ଗାର ମହିମାମୟ ।
ସ୍ନେହମୟ ପ୍ରୀତି କରୁଣାର ଧାରା
ସୁନ୍ଦର ସଂସାର ମଧୁର ମଙ୍ଗଳମୟ ॥ ୨୮୭
ଶାନ୍ତିମୟ ତୋର ହୃଦୟ ସାଗର
ଆନନ୍ଦ ଜ୍ୟୋସ୍ନାରେ ଝଲମଲ୍ ଦିଶୁଥାଏ ।
ମୋହନ ମଞ୍ଜୁଳ ମନୋଜ୍ଞ ମଧୁର
ସୁବର୍ଣ୍ଣ ବ୍ରହ୍ମାଣ୍ଡ ସାୟାହ୍ନେ ଝଟକୁ ଥାଏ ॥ ୨୮୮
ପ୍ରଭାତୀ ଆକାଶେ ସ୍ୱର୍ଣ୍ଣମୟ ଦୃଶ୍ୟ
ଲାବଣ୍ୟ ଲହରୀ ସୁବର୍ଣ୍ଣ ଫସଲ ଖେଳେ ।
ସ୍ୱର୍ଣ୍ଣ ପାଲିଙ୍କିରେ ସ୍ୱର୍ଣ୍ଣିମ ସବିତା
ସ୍ୱର୍ଣ୍ଣ ଧାନ ବୁଣି ଆନନ୍ଦ ଐଶ୍ୱର୍ଯ୍ୟ ଢ଼ାଳେ ॥ ୨୮୯
ନବ ଆଶା ନବ ଆନନ୍ଦ ବିଶ୍ୱାସ
ନବ ଛବି ନବ ସୃଜନ ଉଚ୍ଛ୍ୱାସ ତୋଳି ।
ଜ୍ୟୋ ି ର୍ମୟୀ ଭାଷେ ଜୀବନ ସଙ୍ଗୀତେ
ଆନନ୍ଦ ଲହରୀ ବିଶ୍ୱପ୍ରାଣେ ଯାଏ ଖେଳି ॥ ୨୯୦
ଦେବାର୍ଚ୍ଚନା ଲାଗି ମଙ୍ଗଳ ଆଳତି
ଶୁଭ ଶଙ୍ଖଧ୍ୱନି ମଠ ମନ୍ଦିରେ ଶୁଭେ ।
ଜଗତ କଲ୍ୟାଣେ ହର୍ଷ କଳରବ
ହର୍ଷ ରୋଳରବ ଖେଳିଯାଏ ମହାଭାବେ ॥ ୨୯୧

ଅମୃତମୟ ଅଭିନବ ଲାଗେ
ଅନୁପମ ଶୋଭା ଅଭିନବ ଅନୁରାଗ ।
ସୁଖକର ଦୃଶ୍ୟ ଅମୃତ ସଙ୍ଗୀତ
ମୂର୍ଚ୍ଛନା ମଧୁର ସୁର ସଙ୍ଗୀତ ରାଗ ॥ ୨୯୨
ସ୍ୱଚ୍ଛ କୋମଳ ସ୍ନିଗ୍ଧ ଋଜୁ ଶୋଭା
ବିପୁଳ ଐଶ୍ୱର୍ଯ୍ୟ ଚଉଦିଗେ ଫୁଟି ଦିଶେ ।
ନୀଳ ଜ୍ୟୋତ୍ସ୍ନା ବୋଳା ନୀଳ ସ୍ୱର୍ଣ୍ଣ ତନୁ
ରୋମା ଲହରୀ ନୀଳ ତରଙ୍ଗରେ ମିଶେ ॥ ୨୯୩
ପ୍ରୀତିମୟ ଆଖି ଓଠ ସିକ୍ତାରରେ
ହୃଦ ସରୋବରେ ପଦ୍ମ ଫୁଟା ଅନୁଭବ ।
ମୁଗ୍ଧ ପ୍ରଲୁବ୍ଧ ଉତ୍କଣ୍ଠିତ ମନ
ମିଳନ ଆକଣ୍ଠ ଆନନ୍ଦରେ ବୁଡ଼ିଥିବ ॥ ୨୯୪
ନୀଳସ୍ୱର୍ଣ୍ଣ ଜଳେ ସବିତା ସୁନ୍ଦରୀ
ବୁଡୁଥିବ ଯେବେ ସୁବର୍ଣ୍ଣ ପଣତ ଖୋଲି ।
ସ୍ୱର୍ଣ୍ଣ ସାୟାହ୍ନରେ ବର୍ଣ୍ଣୋତ୍ସବମୟ
ତନୁ କାନ୍ତିମୟ ବୋଲି ସ୍ୱର୍ଣ୍ଣ ରେଣୁ ବାଲି ॥ ୨୯୪
ଅର୍ଦ୍ଧାଙ୍ଗିନୀ ଉମା ମହେଶ ସୁବେଶ
ବିମୋହନ ଦୃଶ୍ୟ ଦେଖି ବିମୋହିତ କବି ।
ସ୍ୱର୍ଗ ସୁଷମା ଏ ସ୍ୱର୍ଗୀୟ ବିଳାସ
ସୁରମ୍ୟ ସୁରସ ସୁନ୍ଦର ସୃଜନ ଛବି ॥ ୨୯୫
ଦିଗ ଭାଗ ଭେଦି ଅବନୀ ଅମ୍ବର
ମିଳନ ଦୃଶ୍ୟ କି ନାଚେ ନୀଳ ତରଙ୍ଗରେ ।
ସ୍ୱର୍ଣ୍ଣ ଚିତ୍ରକର ସ୍ୱର୍ଣ୍ଣ ଛବି ସବୁ
ସୃଜିଛନ୍ତି ବସି ହସିକି ସୁବର୍ଣ୍ଣ ପୁରେ ॥ ୨୯୬
ମହା ସୌନ୍ଦର୍ଯ୍ୟର ଉଚ୍ଛୁଳା ଉତ୍ସ ଏ
ଝଲମଲ ଦିଶେ ବିପୁଳ ବିଭବ ରଙ୍ଗ ।
ହରଷ ପ୍ରୀତିର ଅମୃତ ପରଶେ
ଆନନ୍ଦ ବରଷେ ହୋଇ ପ୍ରାଣ ଅନ୍ତରଙ୍ଗ ॥ ୨୯୭

ମହ ମହ ମିଠା ସୁର ସଙ୍ଗୀତର
ସମ୍ଭୋଗ ଶୃଙ୍ଗାର ରସ ପ୍ରୀତି ଅଭ୍ୟର୍ଥନା ।
ଆନନ୍ଦ ଉନ୍ମନା ସ୍ନିଗ୍ଧ ସୌକୁମାର୍ଯ୍ୟ
ଲାଳିତ୍ୟ ମାଧୁର୍ଯ୍ୟ ନୀଳାଙ୍ଗନା ଉନ୍ମାଦନା ॥ ୨୯୮
କଲ୍ୟାଣୀ ଧରିତ୍ରୀ କୋଳେ ନାଚି ଖେଳେ
ଚିର କଲ୍ଲୋଳିନୀ ଚି ବିନୋଦିନୀ ପ୍ରିୟା ।
ମଧୁମୟ ଲାଗେ ସୁରଙ୍ଗ ତରଙ୍ଗ
ସୁଶୀତଳ ସ୍ପର୍ଶ ନୀଳ ହେମ ଶ୍ୟାମ ଛାୟା ॥ ୨୯୯
ନୀଳ ସୁନ୍ଦରୀ ର ମହିମା ଗାନରେ
ସଦା ମୁଖରିତ ଉର୍ଦ୍ଧ୍ୱେ ରବି ଶଶୀ ତାରା ।
ମହାପ୍ରଭୁଙ୍କର ଚରଣ ସେବାରେ
ହୃଦ ବନ୍ଦନାରେ ନୀଳପ୍ରଭା ନୀଳଧାରା ॥ ୩୦୦
ମୂର୍ଚ୍ଛନାମୟ ପ୍ରାଣର ସଙ୍ଗୀତ
ମର୍ମସ୍ପର୍ଶୀ ମିଠା ମଧୁ ବର୍ଷୀ ମୃଦୁ ସ୍ୱର ।
ନୀଳ ସ୍ନିଗ୍ଧ ତନୁ ଲାବଣ୍ୟ ମଣ୍ଡଳ
ଲୋଭନୀୟ ସ୍ତନ ସୁଷମା ଐଶ୍ୱର୍ଯ୍ୟ ପୁର ॥ ୩୦୧
ସ୍ୱର୍ଗ ସୁଷମାକୁ ବଳି ସେ ସୌନ୍ଦର୍ଯ୍ୟ
ଟଳମଳ ଠୁଳ ଢ଼ଳଢ଼ଳ ଅସମ୍ଭାଳ ।
ନୀଳ ଐଶ୍ୱର୍ଯ୍ୟରେ ଅଭିଷିକ୍ତ ଦୁଇ
ସ୍ତନପଦ୍ମ ଶୋଭା କୁସୁମ କୋମଳ ନୀଳ ॥ ୩୦୨
ଅନନ୍ତ ଯୌବନା ଆଖିରେ ଅମୃତ
ଚି ଉଲ୍ଲାସକ ଐଶ୍ୱର୍ଯ୍ୟ ସୁଷମା ନୀଳ ।
ଲାବଣ୍ୟବତୀର କୋଟି ଲାବଣ୍ୟରେ
ଲାବଣ୍ୟ ଉଚ୍ଛଳ ଲାବଣ୍ୟ ଉଜ୍ଜ୍ୱଳ ଜଳ ॥ ୩୦୩
ଅଗଣିତ ନୀଳ ଲାବଣ୍ୟ ତରଙ୍ଗ
ଖେଳି ଖେଳି ଧାଏଁ ଛୁଇଁବାକୁ ଅବିରତ ।
ଆନନ୍ଦମୟୀର ଆନନ୍ଦ ପ୍ଲାବିତ
ପୁଣ୍ୟତୀର୍ଥ ତୀର ଭୂମି କି ସଦା ଉଦ୍ୟତ ॥ ୩୦୪

କଳକଳ ମୁଗ୍ଧ ସ୍ନିଗ୍ଧ ଢଳ ଢଳ
ଦିଗନ୍ତ ବିସ୍ତାରୀ ନୀଳ ଜଳ ଶୋଭା ରାଶି ।
ଆନନ୍ଦ ସଙ୍ଗୀତ ଗାଉଛି ଆନନ୍ଦେ
ଆନନ୍ଦ ଉତ୍ସବେ ଚାରୁ ଉର୍ମିମାଳ ହସି ॥ ୩୦୫
ସୁରମ୍ୟ ସୁନ୍ଦର ନୀଳ ତନୁକାନ୍ତି
ପୀୟୂଷ ପରଷ ମନ ଲୋଡ଼େ ପ୍ରତିକ୍ଷଣ ।
ଯେତେ ଦୂର ଗଲେ ସେତେ ନିକଟରେ
ରୋମା ୍ତ କରେ ରକ୍ତ ମାଂସ ହୃଦ ପ୍ରାଣ ॥ ୩୦୬
ନିସର୍ଗ ସୁନ୍ଦର ମନୋମୁଗ୍ଧକର
ଅମ୍ଳାନ ବଦନ ଛବିଳ ସୁଷମା ଛବି ।
ସ୍ୱପ୍ନ କଳ୍ପନାର ନୀଳ କାବ୍ୟ ଲିପି
ଲେଖୁଛି ସୁନ୍ଦରୀ କେତେ କାଳ ଭାବି ଭାବି ॥ ୩୦୭
ନିର୍ମଳ ସୁନ୍ଦର ଉଚ୍ଛଳ ଉଜ୍ଜ୍ୱଳ
ନୀଳୋରସ ଜଳ ନୀଳାଭ କଟାକ୍ଷ ଛଟା ।
କଳ କଲ୍ଲୋଳିନୀ ଚିରଶ୍ରୀ ସଙ୍ଗୀତ
ଶୋଭାଶ୍ରୀ ସମ୍ପଦ ମନୋମୁଗ୍ଧକର ମିଠା ॥ ୩୦୮
ପ୍ରୀତିଲଗ୍ନା କୋଳ ପୁଣ୍ୟମୟ ସ୍ଥଳ
ପୁଣ୍ୟଶ୍ରୀ ପୀୟୂଷ ପାନେ କି ଆନନ୍ଦ ଚି ।
ସଂସାର ବାରିଧି ପାରିହେବା ଲାଗି
ତୁହି ପୁଣ୍ୟ ପୋତ ପ୍ରୀତପ୍ରାଣ ମନ ମିତ ॥ ୩୦୯
ସର୍ଜନ ପଣର ବିଳାସ ଶ୍ରୀକ୍ଷେତ୍ର
ରୂପତୀର୍ଥ ତୋର ଅନିନ୍ଦ୍ୟ ମାଧୁରୀ ରୂପ ।
ପ୍ରାଣ ପ୍ରମୋଦିନୀ ସୌନ୍ଦର୍ଯ୍ୟ ସମ୍ଭାର
ଲଭିଛି ଯେ କବି ମହକିଛି ହୋଇ ଧୂପ ॥ ୩୧୦
ବାସ ଚହଟାଇ ନବ ପଲ୍ଲବର
ନାନା କୁସୁମରେ କୁସୁମିତ ତୀର ଦେଶ ।
ଚିରଶ୍ରୀ ତରଙ୍ଗ ଚିର ମୁଖରିତ
ଚିର ମର୍ମରିତ ମନଛୁଆଁ ମଧୁ ହାସ ॥ ୩୧୧



ସୁବର୍ଣ୍ଣ ଉଷାର ହିରଣ୍ମୟ ଆଲୋକ
ମହାକାବ୍ୟ ଛବି ଅମୃତ ସୁଷମା ଢ଼ାଳି ।
ଶବ୍ଦ ସିନ୍ଧୁ ପାରି ହୋଇ କେ ଗାଇବ
ତୋ ଶୋଭା ପ୍ରଶସ୍ତି ସ୍ୱପ୍ନ କଳ୍ପନାକୁ ବଳି ॥ ୩୧୨
ତୋ ନୀଳ କନ୍ଦରେ ତପସ୍ୱୀ ସାଧକ
ଭାବୁକ ପ୍ରେମିକ କବି କଳାକାର ଯେତେ ।
ତୋ ପ୍ରୀତି ଐଶ୍ୱର୍ଯ୍ୟ ରୂପ ଯଶ ଗୁଣ
ଦୂରୁ ଝୁରୁଥାନ୍ତି ନିତି ସ୍ମରୁଥାନ୍ତି ତତେ ॥ ୩୧୩
ସୁଷମା ଭଣ୍ଡାରେ ସମାଧିସ୍ଥ ହୋଇ
ଲଭିବାକୁ ବିଭୁ କରୁଣା କୈବଲ୍ୟ ଚି ।
ଶୁଦ୍ଧ ନୀଳ ସ୍ୱର୍ଣ୍ଣ ସୌନ୍ଦର୍ଯ୍ୟ ଲାସ୍ୟରେ
ସମାହିତ ପ୍ରୀତ ସମ୍ମୋହିତ ହୃଦ ଗୀତେ ॥ ୩୧୪
ଆନନ୍ଦ ଆପ୍ଲୁତ ପୁଣ୍ୟ ପ୍ଲୁତ ପ୍ରାଣ
ଲଭିଛି ପ୍ରସିଦ୍ଧି ପୁଣ୍ୟମୟୀ ତୀର୍ଥ ଜଳେ ।
ନୀଳ ସାଗରର କୂଳେ ନୀଳରନ୍
ଆନନ୍ଦ ସରଗ ଲଭି ଐଶୀ କୃପା ବଳେ ॥ ୩୧୫
ସଦା ଉଚ୍ଚମନା ଉନ୍ନତ ଭାବନା
ସମୁନ୍ନତ ପ୍ରାଣ ଜଗତ କଲ୍ୟାଣ ଲାଗି ।
ବିଶ୍ୱଜନ ହିତେ ସେବା ତ୍ୟାଗ ବ୍ରତେ
ନୀଳ ତନ୍ଦ୍ରାଭୂତ ଆନନ୍ଦିତ ମହାଯୋଗୀ ॥ ୩୧୬
ଜୀବନ ଜଞ୍ଜାଳ ମୋହ ମାୟା ଦୁଃଖ
ଯେତେକ ଯାତନା ନିମିଷକେ ଭୁଲିବାକୁ ।
ଆସନ୍ତି ସଭିଏଁ ଦଳ ଦଳ ହୋଇ
ଅତିଥି ପରାୟ ସୁଖ ଶାନ୍ତି ଲଭିବାକୁ ॥ ୩୧୭
ଐଶ୍ୱର୍ଯ୍ୟା ଚିଲିକା ସୁଖ ଐଶ୍ୱର୍ଯ୍ୟରେ
ଆହ୍ଲାଦିତ ସର୍ବେ କି ରଙ୍ଗେ ତରଙ୍ଗେ ମାତି ।
ମୁଗ୍ଧ ମୁଗ୍ଧ ହୋଇ ନୃତ୍ୟରତ ପ୍ରାଣ
ଆନନ୍ଦ ଉଚ୍ଛ୍ୱାସ ଅତୁଳ ଐଶ୍ୱର୍ଯ୍ୟ ଜିତି ॥ ୩୧୮

ଦୟା କ୍ଷମା ପ୍ରୀତି କରୁଣା ଗଙ୍ଗୋତ୍ରୀ
ଆନନ୍ଦ ଆନନ୍ଦ ଉଦାର ଅହିଂସ ଭାବ ।
ଧରା ସ୍ୱର୍ଗ ଲାଗି ଏ ଦିବ୍ୟ ସାଧନା
ସମର୍ପିତ ପ୍ରାଣ ସିଦ୍ଧି ଲଭି ଘୋଷୁଥିବ ॥ ୩୧୯
ସୁନୀଳ ତରଙ୍ଗ ନୀଳ ରଙ୍ଗଶାଳା
ନୀଳ ଲାବଣ୍ୟରେ ଦିବ୍ୟ ଦୀପ୍ତ ଝଲମଲ ।
ନୀଳ ସ୍ୱର୍ଗ ଆଭା ନୀଳମଣି ପ୍ରଭା
ନୀଳ ରତ୍ନ ମଣି ନୀଳ ପାରିଜାତ ଫୁଲ ॥ ୩୨୦
କଳା ସାଧନାର ତୁହି ପୁଣ୍ୟ ପୀଠ
ନବ ସର୍ଜନାର ସାରସ୍ୱତ ସ୍ୱପ୍ନ ଭୂମି ।
କବି ଆଖି ଧନ୍ୟ କଳ୍ପନା ବିଳାସ
ନାନାରଙ୍ଗ ଶୋଭା ନୀଳ ଲାବଣ୍ୟକୁ ଚୁମି ॥ ୩୨୧
ଉତ୍କଳ କମଳା ନୀଳ ଚନ୍ଦ୍ରଶାଳା
ନୀଳରତ୍ନ ହାର ନୀଳୋଜ୍ଜ୍ୱଳ ନୀଳ ମଣି ।
ନୀଳ ନକ୍ଷତ୍ରଙ୍କ ନୀଳ ଦର୍ପଣ ଏ
ନୀଳ ବ୍ୟୋମ ତଳେ ବୈଦୁର୍ଯ୍ୟ ବରଣା ରାଣୀ ॥ ୩୨୨
ନୀଳାମ୍ବୁ ଚିଲିକା ରାଶି ରାଶି ଶୋଭା
ସୁଷମା ଐଶ୍ୱର୍ଯ୍ୟ ପ୍ରୀତି ମୁଗ୍ଧକର ଦୃଶ୍ୟ ।
ଅତି ଲୋଭନୀୟ ସୁନୀଳ ଦିଗନ୍ତ
ନୀଳ ଚନ୍ଦ୍ର ଆଭା ଔଜ୍ଜ୍ୱଲ୍ୟ ଲାବଣ୍ୟ ଲାସ୍ୟ ॥ ୩୨୩
ନୀଳ ହ୍ରଦ ନୀଳ ଜଳ କି ନିର୍ମଳ
ଲାବଣ୍ୟ ଲଳିତ ଚାହାଣି କି ମନୋହର ।
ତରଙ୍ଗେ ତରଙ୍ଗେ ମୁଗ୍ଧ ରୂପ ଛଟା
ପଦ୍ମ ଫୁଟା ପ୍ରୀତି ଅତିଶୟ ରୁଚିକର ॥ ୩୨୪
ପ୍ରବ୍ରଜ୍ୟା ପିପାସା ଲାଗି ପକ୍ଷୀକୁଳ
ପୁଣ୍ୟତୀର୍ଥ ଲାଗି ଆସନ୍ତି ଚିଲିକା ଜଳେ ।
ନିରନ୍ତର ଯାତ୍ରା ଜୀବନ ଉଦ୍ଦେଶ୍ୟ
ବିଶ୍ୱଯାତ୍ରୀ ଲାଗି ମହାଜ୍ଞାନ ଧରା ତଳେ ॥ ୩୨୫



ନୀଳ ଶୁଭ୍ର ଶୋଭା ଶୁଭ୍ର ସୂର୍ଯ୍ୟାଲୋକ
ଅଜାଡ଼ି ପଡୁଛି ଅକାତରେ ନୀଳଜଳେ ।
ଆକାଶ ପ୍ରକାଶ ପ୍ରାକୃତିକ ଶୋଭା
ଦିଗଭାଗ ବ୍ୟାପୀ ସବୁଜ ଲାବଣ୍ୟ ଝଳେ ॥ ୩୨୬
ମଙ୍ଗଳ କାମନା କରି ପକ୍ଷୀକୁଳ
ଆନନ୍ଦ ରୋଳରେ କମ୍ପାନ୍ତି ଦିଗ ମଣ୍ଡଳ ।
ନାଚନ୍ତି ଭାସନ୍ତି ନୃତ୍ୟ ଗୀତ ଛନ୍ଦେ
ନାନା ପ୍ରୀତି ରଙ୍ଗେ ଦେଖି ଲାଗେ କୌତୁହଳ ॥ ୩୨୭
ସୁମିଷ୍ଟ କାକଳି ଧ୍ୱନି କଳରବ
ଆନନ୍ଦ ମଧୁର ସୁର ସଙ୍ଗତର ଧାରା ।
ନଦୀ ନାଳ ପାଟ ବନ ବିଲ ତଟ
ଡଙ୍ଗା ତୁଠ ଘାଟ ଲାଗୁଛି ଅମୃତ ଝରା ॥ ୩୨୮
ସୌନ୍ଦର୍ଯ୍ୟ ବିଳାସ କାମନା କୈଳାସ
କାମ ତୀର୍ଥ ଧାମେ ବ୍ରହ୍ମଭୂତି ଅନୁଭବ ।
ମୋହ ମାୟା ମୁକ୍ତି ମୋକ୍ଷ ଲଭିବାକୁ
ପରମାର୍ଥୀ ପକ୍ଷୀ ଜ୍ଞାନ ବଳେ ବୁଝିଥିବ ॥ ୩୨୯
ସୁନ୍ଦର ସୃଷ୍ଟିରେ ସୁନ୍ଦର ଶୃଙ୍ଗାର
ସର୍ଜନା ସୁନ୍ଦର ସୌନ୍ଦର୍ଯ୍ୟ ବୈଦୁର୍ଯ୍ୟ ଯେତେ ।
ମଙ୍ଗଳ ମୋହନ ପୁଣ୍ୟାର୍ଜନ ଲାଗି
କାମପୁଣ୍ୟ ଗାଥା ବିଶ୍ୱ ପ୍ରାଣୀ ବିଶ୍ୱ ହିତେ ॥ ୩୩୦
ଧନ୍ୟ ହେଲା ଜାଣି 'ପକ୍ଷୀଙ୍କ ସମ୍ଭାର'
ସ୍ୱୀକୃତି ଲଭିଲା ଚିଲିକା ସୁନ୍ଦରୀ ଏବେ ।
ବିଶ୍ୱ ପର୍ଯ୍ୟଟକ ଆଖିରେ ସୁଷମା ଐଶ୍ୱର୍ଯ୍ୟ
ବୋଲିବ ନୀଳ ସ୍ୱପ୍ନ ବୁଣି ଭବେ ॥ ୩୩୧

-------------------


ସୁବର୍ଣ୍ଣ ଚିଲିକା